R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୭୧
ତିଥି: ନବମୀ
୨୭ ମାର୍ଚ୍ଚ ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 171
27 March 2026, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଆସିଲା ନୂଆ ଅବକାରୀ ନୀତି

# ମଦମୁକ୍ତ ହେବ ଶ୍ରୀମନ୍ଦିର, ବଡ଼ଦାଣ୍ଡ ଚତୁଃପାର୍ଶ୍ୱ

ଭୁବନେଶ୍ୱର, ୨୬ ।୩ (ସବ୍ୟୁ): ରାଜ୍ୟରେ ଆଉ ଖୋଲିବନି ନୂଆ ଠିପି ବନ୍ଦ କମ୍ବା ଦେଶୀ ମଦ ଦୋକାନ। ଗାଁରେ ଠିପି ଖୋଲା ଦୋକାନ ଖୋଲିବା ଉପରେ ବି ଲାଗିଛି ରୋକ୍ । ମଦମୁକ୍ତ ହେବ ଶ୍ରୀମନ୍ଦିର ଓ ବଡ଼ଦାଣ୍ଡ ଚତୁର୍ପାଶ୍ୱର୍। ୨୦୨୬ରୁ ୨୦୨୯ ଯାଏଁ ନୂଆ ତ୍ରୈବାର୍ଷିକ ଅବକାରୀ ନୀତି ଆଣିଛନ୍ତି ରାଜ୍ୟ ସରକାର । ଏଥିରେ ଅବକାରୀ ଶୁଳ୍କ ଉପରେ ୦.୫% ଡି-ଆଡିକସନ୍ ସେସ୍ ଲାଗୁ କରାଯାଇଛି। ଏହି ସେସ୍‌ରୁ ଆସୁଥିବା ଆୟକୁ ମଡେଲ୍ ନିଶା ନିବାରଣ କେନ୍ଦ୍ର ସ୍ଥାପନ ଓ ସୁଦୃଢ଼ୀକରଣ ପାଇଁ ବ୍ୟୟ କରାଯିବ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।



- ବର୍ଷକ ବଦଳରେ ଆସିଲା ତିନି ବର୍ଷିଆ ଅବକାରୀ ନୀତି
- ଅନଲାଇନ୍ ମଦ ଡେଲିଭରି ଉପରେ ଲାଗିଲା କଟକଣା
- ଚୋରା ମଦ କାରବାର ରୋକିବାକୁ ଟ୍ରାକିଂ ହେବ ପ୍ରତି ବଟଲ୍
- ଅବକାରୀ ଶୁଳ୍କ ଉପରେ ଲାଗିବ ୦.୫% ଡି-ଆଡିକ୍ସନ ସେସ୍
- ଖୋଲିବନି ନୂଆ ମଦ ଦୋକାନ

ବିଧାନସଭାରେ ବିବୃତ୍ତି ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ, ୨୦୨୬ ଏପ୍ରିଲ ୧ ଠାରୁ ୨୦୨୯ ମାର୍ଚ୍ଚ ୩୧ ଅବଧି ନିମନ୍ତେ ଏକ ତ୍ରୈବାର୍ଷିକ ଅବକାରୀ ନୀତି ଘୋଷଣା ହୋଇଛି, କିମ୍ବା ନୂତନ ନୀତି ଆସିବା ପର୍ଯ୍ୟନ୍ତ ଏହା ଚାଲୁ ରହିବ। ବିଭିନ୍ନ ଅବକାରୀ ଲାଇସେନ୍ସ ପାଇଁ ଆବେଦନ ଶୁଳ୍କ ୧୦% ବଢ଼ାଯିବ । ଲାଇସେନ୍ସ ଶୁଳ୍କ ପ୍ରତି ବର୍ଷ ୧୦ ରୁ ୨୦% ପର୍ଯ୍ୟନ୍ତ ବୃଦ୍ଧି ପାଇବ । ଆଇଏମଏଫଏଲ୍ ଓ ଦେଶୀ ମଦ(ସିଏଲ୍) ଉପରେ ଅବକାରୀ ଶୁଳ୍କ ବଢ଼ାଯାଇଛି । ଅବକାରୀ ରାଜସ୍ୱ ସୁରକ୍ଷିତ ରଖି ବ୍ୟବସାୟୀଙ୍କ ଉପରୁ ବିକ୍ରି ବାଇବା ଚାପ କମାଇବାକୁ ମିନିମମ୍ ଗ୍ୟାରେଣ୍ଟିଡ୍ (୯ ପୃଷ୍ଠାରେ)

# ଆମେରିକାର ୧୩ ଘାଟି ଧ୍ୱଂସ

## ଇରାନ ଟାର୍ଗେଟରେ ଆହୁରି ଅନେକ ପ୍ରତିଷ୍ଠାନ

ୱାସିଂଟନ୍, ୨୬ ।୩ : ଉପସାଗରୀୟ ଅଞ୍ଚଳରେ ଥିବା ଆମେରିକୀୟ ଘାଟି ଉପରେ ଇରାନ ଆକ୍ରମଣ କରି ବିନାଶ ଘଟାଉଛନ୍ତି। ସେସବୁ ଘାଟି ଏବେ ଆଉ ବାମଧ୍ୟପ୍ରାଚ୍ୟରେ ଆମେରିକୀୟ ସାମରିକ ପ୍ରତିଷ୍ଠାନ ଉପରେ ଇରାନର ନିରନ୍ତର କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଆକ୍ରମଣ ଯୋଗୁଁ ଅନେକ ପ୍ରମୁଖ ଆମେରିକୀୟ ଘାଟି ଧ୍ୱଂସ ପାଇଛି। ଯାହା ଫଳରେ ସୈନିକମାନଙ୍କୁ ହୋଟେଲ ଏବଂ ଅଫିସ୍ ସମେତ ଅସ୍ଥାୟୀ ପ୍ରତିଷ୍ଠାନରେ ରହିବାକୁ ପଡୁଛି। ସ୍ଥଳ କର୍ମଚାରୀମାନେ ଅସ୍ଥାୟୀ ସ୍ଥାନରୁ କାର୍ଯ୍ୟ କରୁଛନ୍ତି।

କାର୍ଯ୍ୟକ୍ଷମ ଘାଟିରୁ ବିମାନ ଉଡ଼ାଣ ଜାରି ରହିଛି। ୧୩ଟି ଆମେରିକୀୟ



ସାମରିକ ଘାଟି ମଧ୍ୟରୁ ଅନେକ ଗୁରୁତର ଭାବରେ ନଷ୍ଟ ହୋଇଯାଇଛି, ଇରାନ ପାଖରେ ଅବସ୍ଥିତ କୁଏତରେ ଥିବା ଘାଟିଗୁଡ଼ିକ ସବୁଠାରୁ ଅଧିକ କ୍ଷତି ସହିଛି, ଆମେରିକୀୟ ଅଧିକାରୀ ଏବଂ ସାମରିକ କର୍ମଚାରୀମାନେ କହିଛନ୍ତି।ନ୍ୟୁୟର୍କ ଟାଇମ୍ସ ରିପୋର୍ଟରୁ ଜଣାପଡିଛି ଯେ ଏହି ଅଞ୍ଚଳରେ ଥିବା ଆମେରିକୀୟ ସାମରିକ ଘାଟି ଉପରେ ଇରାନ ଆକ୍ରମଣ ବ୍ୟାପକ (୯ ପୃଷ୍ଠାରେ)

# ବଢ଼ୁଛି ତୈଳ ସଙ୍କଟ, ଆଜି ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୬ ।୩ : ମଧ୍ୟପ୍ରାଚ୍ୟ ଯୁଦ୍ଧ ଭୀଷଣ ହୋଇଥିବା ବେଳେ ଭାରତରେ ଏହାର ପ୍ରଭାବ ଧୀରେଧୀରେ ଅନୁଭବ ହେଲାଣି। ପ୍ରଥମେ ଗ୍ୟାସ ସଙ୍କଟ ଦେଖାଯାଇଥିବେ ବେଳେ ଆଗକୁ ତୈଳ ସମସ୍ୟାର ସମ୍ମୁଖୀନ ହୋଇପାରେ ଦେଶ। ଭାରତ ପାଇଁ ଯଦିଓ ଇରାନ ଗୁରୁତ୍ୱପୂର୍ଣ୍ଣ ଜଳପଥ ହର୍ମୁଜକୁ ଖୋଲ ରଖିଛି, ତଥାପି ଯୋଗାଣ ସ୍ୱାଭାବିକ ହେଉନାହିଁ। ଏହାକୁ ନେଇ ପୂରା ଦେଶରେ ଚିନ୍ତା ଦେଖିବାକୁ ମିଳିଛି।

ଯଦି ତୈଳ ଆମଦାନୀ ବନ୍ଦ ହୋଇଯିବ, ତା'ହେଲେ ସ୍ଥିତି ଆହୁରି ଜଟିଳ ହେବାର ଆଶଙ୍କା ରହିଛି। ହେଲେ ସରକାର ଲୋକଙ୍କୁ ଆଶ୍ୱସ୍ତ କରିବା ଭଳି ବୟାନ ରଖିଛନ୍ତି। ଏବେ ଭାରତ ପାଖରେ ଆବଶ୍ୟକ ଯୋଗାଣ ପାଇଁ ଦୁଇ ମାସର ତେଲ ମହଜୁଦ ହୋଇ ରହିଛି। ତେଣୁ ଲୋକମାନେ ଅଭାବର ଗୁଜବରେ ଆତଙ୍କିତ ନ ହୁଅନ୍ତୁ। ଦେଶର ଶକ୍ତି ସ୍ଥିତି ପୂର୍ବଭଳି ସ୍ଥିର ଓ ସଂପୂର୍ଣ୍ଣ ନିୟନ୍ତ୍ରଣ ମଧ୍ୟରେ ରହିଥିବା ସରକାର କହିଛନ୍ତି।ପେଟ୍ରୋଲିୟମ ଓ ପ୍ରାକୃତି ଗ୍ୟାସ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଅଶୋଧିତ ତୈଳ ଯୋଗାଣ ୬୦ ଦିନ ପାଇଁ ସୁରକ୍ଷିତ ହୋଇ ରହିଛି। ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ ମଧ ଆମଦାନୀ ପାଇଁ ଆଗୁଆ ପଦକ୍ଷେପ ନେଇ ସାରିଛନ୍ତି। ଯୋଗାଣରେ ଯେମିତି ଗ୍ୟାପ ରହିବ, ତା'ର ସବୁ ବ୍ୟବସ୍ଥା କରାଯାଇଛି।ଷ୍ଟ୍ରେଟ ଅଫ ହର୍ମୁଜକୁ ନେଇ ଚିନ୍ତା ରହିଥିଲେ ହେଁ ଭାରତ ପ୍ରାୟ ୪୦ରୁ ଅଧିକ ଗ୍ଲୋବାଲ ସପ୍ଲାଏର୍ସଙ୍କ ଠାରୁ ଅଶୋଧିତ ତୈଳ ଗ୍ରହଣ କରୁଛି। ଦେଶର ସମସ୍ତ ରିଫାଇନାରୀ ୧୦୦%ରୁ ଅଧିକ କ୍ଷମତାରେ କାମ କରୁଛନ୍ତି ଓ ତୈଳ ଯୋଗାଣ ପୂରା ସ୍ଥିର ରହିଛି।ଭାରତ ପାଖରେ ୭୪ ଦିନ ପାଇଁ ତୈଳ ସଂରକ୍ଷିତ କରି ରଖିବାର କ୍ଷମତା ରହିଛି। କିନ୍ତୁ ଏବେ ଭଣ୍ଡାର ଗୁଡ଼ିକରେ ୬୦ ଦିନ ତୈଳ ରହିଛି। ଅଶୋଧିତ ତୈଳ, ରିଫାଇଣ୍ଡ ଦ୍ରବ୍ୟ ଓ ରଣନୀତିକ ଭଣ୍ଡାରରେ ଥିବା ତୈଳକୁ ମିଶାଇଲେ ଦେଶ ବିନା ଆମଦାନୀରେ ୬୦ ଦିନ ଚାଲି ପାରିବ। ଅଧିକାରୀମାନେ କହିଛନ୍ତି ଯେ ପଶ୍ଚିମ ଏସିଆ ଯୁଦ୍ଧ ୨୭ ଦିନରେ ପହଞ୍ଚିଥିଲେ (୯ ପୃଷ୍ଠାରେ)

## ପଶ୍ଚିମ ଏସିଆ ସ୍ଥିତି ନେଇ ଉଚ୍ଚସ୍ତରୀୟ ବୈଠକ

# କୃତ୍ରିମ ଅଭାବ ସୃଷ୍ଟି କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨୬ ।୩ (ସବ୍ୟୁ) : ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଉଚ୍ଚସ୍ତରୀୟ ବୈଠକରେ ପଶ୍ଚିମ ଏସିଆରେ ଯୁଦ୍ଧ ପାଇଁ ଦେଶ ତଥା ରାଜ୍ୟରେ ସୃଷ୍ଟି ହୋଇଥିବା ବିଭିନ୍ନ ଦ୍ରବ୍ୟର କୃତ୍ରିମ ଅଭାବଜନିତ ସମସ୍ୟାର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଛନ୍ତି ।

ସମୀକ୍ଷାରୁ ଜଣାଯାଇଛି ଯେ, ରାଜ୍ୟରେ ଆବଶ୍ୟକତା ଅନୁଯାୟୀ ପେଟ୍ରୋଲିୟମ, ଗ୍ୟାସ ଓ ଅନ୍ୟାନ୍ୟ ସାମଗ୍ରୀ ମହଜୁଦ ଅଛି । ରନ୍ଧନ ଗ୍ୟାସର କୃତ୍ରିମ ଅଭାବ ସୃଷ୍ଟି କରି



ଯେପରି ଅତ୍ୟାବଶ୍ୟକ ଦ୍ରବ୍ୟ ଗୁଡ଼ିକର କଳାବଜାରୀ ନହୁଏ, ସେଥିପ୍ରତି ସଜାଗ ରହିବା ସହିତ ରାଜ୍ୟବ୍ୟାପୀ ଚଢ଼ାଉ କରି ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ରବିଋତୁ ଚାଷ ପାଇଁ ଯଥେଷ୍ଟ ସାର ମହଜୁଦ ରଖିବାକୁ ମଧ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ଏ ସମସ୍ୟା ବିଷୟରେ ରାଜ୍ୟବାସୀ ଯେପରି ଆଶଙ୍କିତ ନ ହୁଅନ୍ତି, ସେଥିପ୍ରତି ସରକାରୀସ୍ତରରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ସୂଚନାଯୋଗ୍ୟ ଯେ, ପେଟ୍ରୋଲ ଓ ପେଟ୍ରୋଲିୟମ ସାମଗ୍ରୀ ତଥା ଏଲ୍.ଏନ୍.ଜି ପାଇଁ ଭାରତ ବିଭିନ୍ନ ଗଲ୍ଫ ଦେଶମାନଙ୍କ ଉପରେ ନିର୍ଭର କରିଥାଏ। ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ପାଇଁ ଉଭୟ ପେଟ୍ରୋଲ ଓ ଏଲ୍.ପି.ଜି ଉପରେ ଏହାର ପ୍ରଭାବ ପଡ଼ିବାର (୯ ପୃଷ୍ଠାରେ)

## ପ୍ରତ୍ୟାହୃତ ହେବ ବିଧାୟକ ଦରମା ବିଲ୍

ଭୁବନେଶ୍ୱର, ୨୬ ।୩ (ସବ୍ୟୁ) : ବିଧାୟକଙ୍କ ଦରମା ବୃଦ୍ଧି ବିଲ୍ ପ୍ରତ୍ୟାହାର ଲାଗି ବିଧାନସଭା ସଚିବ ନୋଟିସ୍ ଦେଇଛନ୍ତି । ବିଧାୟକ, ମନ୍ତ୍ରୀ ଏବଂ ବାଚସ୍ପତିଙ୍କ ଦରମା ଓ ଭତ୍ତା ବୃଦ୍ଧି ସମ୍ପର୍କିତ ବିଲକୁ ପ୍ରତ୍ୟାହାର କରିବା ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏଥିପାଇଁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ବିଧାନସଭା ସଚିବାଳୟକୁ ଏକ ବିଧିବଦ୍ଧ ନୋଟିସ୍ ଜାରି କରିଛନ୍ତି । ଓଡ଼ିଶା ବିଧାନସଭା ସଚିବାଳୟ ପକ୍ଷରୁ ସମସ୍ତ ବିଧାୟକଙ୍କୁ ଏକ ପତ୍ର ଜରିଆରେ ଏହି ସୂଚନା ଦିଆଯାଇଛି । ସଚିବ ସତ୍ୟବ୍ରତ ରାଉତଙ୍କ ଦ୍ୱାରା ଜାରି କରାଯାଇଥିବା ଏହି ଚିଠିରେ (୯ ପୃଷ୍ଠାରେ)

## ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ଉଦ୍ୟମ ମାମଲା

# ଫାଷ୍ଟଟ୍ରାକ୍ କୋର୍ଟରେ ଆସାମୀକୁ ମୃତ୍ୟୁଦଣ୍ଡ

ବ୍ରହ୍ମପୁର, ୨୬ ।୩ (ସବ୍ୟୁ) : ବ୍ରହ୍ମପୁର ବ୍ରହ୍ମପୁରର ଆଡହକ୍ ଫାଷ୍ଟ ଟ୍ରାକ୍ ସ୍ପେଶାଲ୍ କୋର୍ଟ, ପୋକ୍ସୋ ଆଦାଲତ ଏକ ଗୁରୁତର ମାମଲାରେ ଅଭିଯୁକ୍ତ କେଶବ ନାହାକ (କେଶା ଓରଫ କେଶବ), ପିତା ପଣ୍ଡିତ ନାହାକ, ଗ୍ରାମ ମାନସିଲା, ଥାନା ପୋଲସରାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ମାମଲାର ବିବରଣୀ ଅନୁସାରେ, ଆସାମୀ କେଶକ ୨୧ ନଭେମ୍ବର ୨୦୨୧ରେ ଜଣେ ନାବାଳିକାକୁ ଦୁଷ୍କର୍ମ କରି ହତ୍ୟା ଉଦ୍ୟମ କରିଥିଲେ। ଏନେଇ ପୋଲସରା ଥାନା ୪୧୭/୨୧ରେ ଏକ ମାମଲା ରୁଜୁ କରିଥିଲା। ଜିଆର୍ ନଂ ୨୦୦/୨୦୨୧ରେ କୋର୍ଟରେ ମାମଲା



ରୁଜୁ ହୋଇ ବିଚାର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ମାମଲାରେ ସମସ୍ତ ପକ୍ଷକୁ ଶୁଣିବା ପରେ ଦାଖଲ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ କୋର୍ଟ ଆସାମୀକୁ ପୋକ୍ସୋ ଆଇନର ଧାରା ୬ ସହିତ ଭାରତୀୟ ପିଙ୍ଗଳକୋଡ୍ (ଆଇପିସି)ର ଧାରା ୩୭୬ (୨) (ଏଫ୍) ଓ ୩୭୬ ଏବି ଅନୁସାରେ ମୃତ୍ୟୁଦଣ୍ଡ ଦେଇଛନ୍ତି। ଏହା ସହିତ ଆଇପିସି ଧାରା ୩୦୭ ଅନୁସାରେ ୧୦ବର୍ଷ କଠୋର କାରାଦଣ୍ଡ ସହ ୫୦ହଜାର ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟରେ ଅତିରିକ୍ତ ୬ମାସ କାରାଦଣ୍ଡ ଭୋଗିବେ। ସେହିଭଳି ଆଇପିସି ଧାରା ୩୬୩ ଅନୁସାରେ ଆଉ ୫ ବର୍ଷ କାରାଦଣ୍ଡ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୀଡ଼ିତାଙ୍କ ପାଇଁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ସରକାରୀ ଓକିଲ ଶିବ ପ୍ରସାଦ ମିଶ୍ର ଏହି ମାମଲାର ପରିଚାଳନା କରୁଥିଲେ।

## ଶ୍ରୀରାମନବମୀରେ ଶ୍ରୀମନ୍ଦିରରେ ୫ ଘଣ୍ଟା ସାଧାରଣ ଦର୍ଶନ ବନ୍ଦ

ପୁରୀ, ୨୬ ।୩ (ସବ୍ୟୁ) : ଆସନ୍ତାକାଲି ୫ ଘଣ୍ଟା ପାଇଁ ପୁରୀରେ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଆଜି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି କୁହାଯାଇଛି। ଆସନ୍ତାକାଲି ଶ୍ରୀରାମ ନବମୀ ଅବସରରେ ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମ ନୀତି ଅନୁଷ୍ଠିତ ହେବାକୁ ଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି।

ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ଶୁକ୍ରବାର ଶ୍ରୀରମା ନବମୀ ତିଥିରେ ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମ ନୀତି ଅନୁଷ୍ଠିତ ହେବ। ଏଣୁ ମଧ୍ୟାହ୍ନଧୂପ ଭୋଗ ଉଠିବା ପରେ ଶ୍ରୀରମ ଜନ୍ମ ନୀତି ଶେଷ ହେବା ପର୍ଯ୍ୟନ୍ତ ଆପାତତଃ ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଅନ୍ୟପକ୍ଷରେ ଆସନ୍ତାକାଲି ପବିତ୍ର ରାମ ନବମୀ ପର୍ବକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ପାଳନ କରାଯିବା ପାଇଁ ପୁରୀ ପୁଲିସ ପକ୍ଷରୁ ଆଜି ଏସ୍ପି ଅଫିସ କନଫରେନ୍ସ ହଲ୍ରେ ଭର୍ଚୁଆଲ୍ ମାଧ୍ୟମରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପୁରୀ ଏସ୍ପି ପ୍ରତୀକ ସିଂହଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ସମସ୍ତ ଥାନାର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ତା'ସହିତ ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକରେ ରାମ ନବମୀ ଅବସରରେ ହେବାକୁ ଥିବା ବିଭିନ୍ନ (୯ ପୃଷ୍ଠାରେ)

# ୮ ଦିନ ବିତିଲା, ସ୍ୱାଭାବିକ ହେଉନି ଗୃହ

ଭୁବନେଶ୍ୱର, ୨୬ ।୩ (ସବ୍ୟୁ) : ବିଧାନସଭାକୁ ଅଚଳ କରୁଛନ୍ତି ବିରୋଧୀ। ଦୀର୍ଘ ୮ ଦିନ ଧରି ବିରୋଧୀ ନିଜ ଜିଦ୍‌ରେ ଅଟଳ ରହିଥିବାବେଳେ ଶାସକ ଦଳ ଏକତରଫା ଭାବେ ଆଲୋଚନା କରୁଛନ୍ତି । ପ୍ରଶ୍ନକାଳ, ଶୂନ୍ୟକାଳ ସ୍ୱାଭାବିକ ଭାବେ ଚାଲିପାରୁ ନଥିବାବେଳେ ମୁଲତବୀ ଆଲୋଚନା ପ୍ରସ୍ତାବ ଦେଉନାହାନ୍ତି ବିରୋଧୀ । ଫଳରେ ପ୍ରଥମାର୍ଦ୍ଧ ସମ୍ପୂର୍ଣ୍ଣ ଧୋଇଯାଉଛି । ଦ୍ୱିତୀୟାର୍ଦ୍ଧରେ ମଧ ବିରୋଧୀ ଆଲୋଚନାରେ ଭାଗ ନେଉ ନଥିବାବେଳେ ଶାସକ ଦଳ ପକ୍ଷରୁ ଖର୍ଚ୍ଚ ଦାବି ପାରିତ ହେଉଛି । ବିରୋଧୀ ସଭ୍ୟମାନେ ଆଲୋଚନାରେ ଭାଗ ନେବାକୁ ଅନୁରୋଧ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଶାସକ ବିଧାୟକ ।

ବଜେଟ ଅଧିବେଶନରେ ଗତ ୧୭ ତାରିଖଠାରୁ ବିଧାନସଭା ଅଶାନ୍ତ ରହୁଛି । କେଉଁଦିନ ପ୍ରତିକାତ୍ମକ ଶବ ଶୋଭାଯାତ୍ରା ତ ଆଉ କେଉଁଦିନ କଳା ପୋଷାକ ପରିଧାନ, ପୁଣି ଆଜି (ଗୁରୁବାର) ଏସ୍‌ସିବି ଅଗ୍ନିକାଣ୍ଡରେ ମୃତ୍ୟୁବରଣ କରିଥିବା ୧୩ ଜଣଙ୍କୁ

- ଏସ୍‌ସିବି ଅଗ୍ନିକାଣ୍ଡ : ମୃତକଙ୍କୁ ବିରୋଧୀଙ୍କ ଶ୍ରଦ୍ଧାଞ୍ଜଳି
- ରିପୋର୍ଟର୍ସ ଟେବୁଲ ଉପରେ ଚଢ଼ିଲେ ଯୋଗେଶ ସିଂ
- ଆଲୋଚନାକୁ ଆସନ୍ତୁ ବିରୋଧୀ, କହିଲେ ଉପମୁଖ୍ୟମନ୍ତ୍ରୀ

ଶ୍ରଦ୍ଧାଞ୍ଜଳି ଦେଇଛନ୍ତି ବିରୋଧୀ । ପ୍ରଶ୍ନକାଳ ଆରମ୍ଭ ହେବାମାତ୍ରେ ବିରୋଧୀ ବିଜେଡି ଓ କଂଗ୍ରେସ ସଭ୍ୟ ଗୃହ ମଧ୍ୟଭାଗକୁ ଚାଲିଆସି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଡ଼ିବସିଥିଲେ । ବିରୋଧୀଙ୍କ ନଛୋଡ଼ବନ୍ଧା ସ୍ଥିତିକୁ ଦେଖି ଶାସକ ଦଳ ମଧ ହାତରେ ପ୍ଲାକାର୍ଡ଼ ଧରି ନିଜ ଆସନରେ ବସି କରିଛନ୍ତି ପ୍ରତିବାଦ। ବିରୋଧୀଙ୍କ ପ୍ରବଳ ହଙ୍ଗାମାରେ କମ୍ପିଥିଲା ଗୃହ । ଫଳରେ ଗୃହକୁ ୧୦.୩୦ରୁ ୧୧.୩୦ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ ବାଚସ୍ପତି ସୁରମା ପାଢ଼ୀ ।

ଗୁରୁବାର ପୂର୍ବାହ୍ନ ୧୧.୩୦ରୁ ଗୃହ କାର୍ଯ୍ୟ ଆରମ୍ଭ ହେବାକ୍ଷଣି ବିରୋଧୀ ସମାନ ପ୍ରସଙ୍ଗରେ ହଟ୍ଟଗୋଳ ଜାରି ରଖିଥିଲେ । ହୋହଲ୍ଲା ଭିତରେ ଶୂନ୍ୟକାଳରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ, ଲାଗାତାର ଭାବେ କିଛି ଦିନ ହେବ ପ୍ରଶ୍ନକାଳ, ଶୂନ୍ୟକାଳ ଓ ମୁଲତବୀ ପ୍ରସ୍ତାବରେ ବିରୋଧୀମାନେ ଆଲୋଚନା କରୁନାହାନ୍ତି । ବିରୋଧୀଙ୍କୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ ଆଲୋଚନାରେ ଭାଗ ନେବାକୁ । ଶାସକ ଦଳ ପକ୍ଷରୁ ସମସ୍ତ ଉଦ୍ୟମ ସତ୍ତ୍ୱେ ଲୋକଙ୍କ ସମସ୍ୟା ଉପରେ ଆଲୋଚନାକୁ ଆସିନାହାନ୍ତି ବିରୋଧୀ ସଭ୍ୟ । ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦିନ ଦ୍ୱିପ୍ରହରରେ ହତ୍ୟା କରାଯାଇଥିବାବେଳେ ସେତେବେଳର ଗୃହ ମନ୍ତ୍ରୀ ଇସ୍ତଫା ଦେଇଥିଲେ କି ବୋଲି ସେ ପ୍ରଶ୍ନ କରିଥିଲେ । ମମିତା ମେହେର ହତ୍ୟାକାଣ୍ଡ, ଇତିଶ୍ରୀ ହତ୍ୟାକାଣ୍ଡରେ ଗୃହ ମନ୍ତ୍ରୀ ଇସ୍ତଫା ଦେଇ ନାହାନ୍ତି । ବିରୋଧୀ ଦଳ ନେତା ଗୃହ ଭିତରେ ଆଲୋଚନା କରୁନାହାନ୍ତି, ହେଲେ ବାହାରେ ଟିପ୍ପଣୀ ଦେଉଛନ୍ତି । (୯ ପୃଷ୍ଠାରେ)

# ପଦ୍ମା ନଦୀକୁ ଖସିଲା ବସ୍, ୨୬ ମୃତ

ଢ଼ାକା, ୨୬ ।୩ : ବୁଧବାର ସନ୍ଧ୍ୟାରେ ବାଂଲାଦେଶର ରାଜବାଡ଼ି ଜିଲ୍ଲାରେ ଏକ ବସ୍ ପଦ୍ମା ନଦୀକୁ ଖସିପଡ଼ିବାରୁ ମୃତ୍ୟୁ ସଂଖ୍ୟା ୨୬କୁ ବୃଦ୍ଧି ପାଇଛି। ପ୍ରାରମ୍ଭରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଇଥିଲା। ଦୌଲତଡିଆ ଘାଟରେ ଏକ ଡଙ୍ଗାରେ ଚଢ଼ିବା ସମୟରେ ଯାତ୍ରୀବାହୀ ବସ୍ଟି ପଦ୍ମାନଦୀରେ ଖସିପଡିବାରୁ ଏହି ଦୁର୍ଘଟଣା ଘଟିଥିଲା। ଅଗ୍ନିଶମ ସେବା ବିଭାଗର କହିବା ଅନୁସାରେ, ବସ୍ ଭିତରୁ ୧୧ ଜଣ ମହିଳା, ୭ ଜଣ ପୁରୁଷ ଓ ପାଞ୍ଚ ଜଣ ଶିଶୁଙ୍କ ସମେତ ୨୩ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଆଠ ଜଣଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଥିଲା, କିନ୍ତୁ ସେମାନଙ୍କ ମଧ୍ୟରୁ ତିନିଜଣ ପରେ ଡାକ୍ତରଖାନାରେ ମୃତ୍ୟୁ ବରଣ କରିଥିଲେ।ବୁଧବାର ସନ୍ଧ୍ୟାରେ ଘଟିଥିବା ଦୁର୍ଘଟଣା ସମୟରେ



ବସ୍ରେ ପ୍ରାୟ ୪୦ ଜଣ ଲୋକ ଥିଲେ। ବାଂଲାଦେଶରେ ବସ୍ ଓ ଅନ୍ୟାନ୍ୟ ଯାନବାହନ ନଦୀ ପାର ହେବା ପାଇଁ ସାଧାରଣତଃ ବଡ଼ ଡଙ୍ଗା (ଫେରି) ବ୍ୟବହାର କରାଯାଏ। ପ୍ରଧାନମନ୍ତ୍ରୀ ତାରିକ ରହମାନ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିବା ସହ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।ଜଣେ ଅଧିକାରୀ କହିଛନ୍ତି ଯେ, ବସ୍ଟି ଢାକା ଅଭିମୁଖେ ଯାଉଥିଲା। ଅନେକ ଯାତ୍ରୀ ଇଦ୍ ଛୁଟି ଶେଷ କରି ପିଲାଙ୍କ ସହ ରାଜଧାନୀକୁ ଫେରୁଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ବସ୍ରେ ଥିବା ଅନେକ ଲୋକ ଗୋଟିଏ ପରିବାରର ଥିଲେ। କିଛି ଲୋକ ବାହାରେ ଠିଆ ହୋଇ ବଞ୍ଚିଯାଇଥିଲେ ଏବଂ ସେମାନଙ୍କ ସମ୍ପର୍କୀୟମାନେ ବସ୍ ଭିତରେ ଫସି ରହିଥିଲେ।



# ରାମ ନବମୀ

ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ପବିତ୍ର ଜନ୍ମୋତ୍ସବ 'ରାମ ନବମୀ' କେବଳ ଏକ ତିଥି ନୁହେଁ, ବରଂ ଏହା ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାର ଏକ ମହାନ ପର୍ବ । ଏହା ଅଧର୍ମ ଉପରେ ଧର୍ମର ବିଜୟ ଏବଂ ମାନବୀୟ ମୂଲ୍ୟବୋଧର ଶ୍ରେଷ୍ଠତାକୁ ପ୍ରତିପାଦିତ କରେ। ପୌରାଣିକ ମାନ୍ୟତା ଅନୁଯାୟୀ, ତ୍ରେତୟା ଯୁଗରେ ଅତ୍ୟାଚାରୀ ରାବଣର ବିନାଶ ଓ ସୃଷ୍ଟିରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଚୈତ୍ର ମାସ ଶୁକ୍ଳପକ୍ଷ ନବମୀ ତିଥିରେ ଭଗବାନ ବିଷ୍ଣୁ ନିଜର ସପ୍ତମ ଅବତାର ରୂପେ ଅଯୋଧ୍ୟା ନରେଶ ମହାରାଜା ଦଶରଥ ଓ ମାତା କୌଶଲ୍ୟାଙ୍କ କୋଳମଣ୍ଡନ କରିଥିଲେ। ଓଡ଼ିଶାର ସାଂସ୍କୃତିକ ପରମ୍ପରାରେ ରାମ ନବମୀର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି, ଯେଉଁଠାରେ ଶ୍ରୀକ୍ଷେତ୍ର ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଜନ୍ମ ନୀତି ସମ୍ପନ୍ନ ହେବା ସହ ବିଭିନ୍ନ ସାହିରେ 'ସାହିଯାତ' ଓ 'ରାମଲୀଳା' ଭଳି ପାରମ୍ପରିକ ଲୋକକଳା ମାଧ୍ୟମରେ ରାମାୟଣର କାହାଣୀକୁ ଜୀବନ୍ତ କରାଯାଇଥାଏ । ଶ୍ରଦ୍ଧାଳୁମାନେ ନିଷ୍ଠାର ସହ ବ୍ରତ ରଖି ରାମଚରିତ ମାନସ ପାଠ, ସଂକୀର୍ତ୍ତନ ଏବଂ ପ୍ରଭୁଙ୍କ ମନ୍ଦିରରେ ପାନକ ଓ ଛତୁଆ ଭଳି ପାରମ୍ପରିକ ପ୍ରସାଦ ସେବନ କରି ଶ୍ରଦ୍ଧା ଅର୍ପଣ କରନ୍ତି । ଶ୍ରୀରାମଙ୍କ ଜୀବନ ଆଦର୍ଶ ପିତୃଭକ୍ତି, ସତ୍ୟବାଦିତା ଓ ପ୍ରଜାବତ୍ସଳତା ସମାଜକୁ ଏକ ସୁସ୍ଥ ମାର୍ଗ ଦର୍ଶାଇଥାଏ ଏବଂ ଏହି ପର୍ବ ମାଧ୍ୟମରେ ଆମେ ସେହି ମହାନ ମୂଲ୍ୟବୋଧକୁ ନିଜ ଜୀବନରେ ଆପଣାଇବା ପାଇଁ ସଂକଳ୍ପବଦ୍ଧ ହୋଇଥାଉ । ପୌରାଣିକ ଆଧାର ଓ ସାଂସ୍କୃତିକ ଐତିହ୍ୟର ଏହି ଅପୂର୍ବ ସମନ୍ୱୟ ରାମ ନବମୀକୁ ଏକ ସାର୍ବଜନୀନ ଉତ୍ସବରେ ପରିଣତ କରିଛି, ଯାହା ବିଶ୍ୱବ୍ୟାପୀ ସନାତନ ଧର୍ମାବଲମ୍ବୀଙ୍କ ମଧ୍ୟରେ ଏକତା ଓ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏହି ଅବସରରେ ଅଯୋଧ୍ୟା ରାମମନ୍ଦିରରେ ଖୁବ୍ ଧୁମଧାମରେ ରାମଲାଲାଙ୍କର ଜନ୍ମୋତ୍ସବ ପାଳନ କରାଯାଏ, ଯେଉଁଥି ରେ ଲକ୍ଷାଧି କ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ।

## ଉତ୍ସବମୁଖର ହୁଏ ପୁରପଲ୍ଲୀ

ଓଡ଼ିଶାରେ ରାମ ନବମୀର ଏକ ସ୍ୱତନ୍ତ୍ର ଏବଂ ଆଧ୍ୟାତ୍ମିକ ଗୁରୁତ୍ୱ ରହିଛି । ଓଡ଼ିଶାର କୋଣ ଅନୁକୋଣରେ ଏହି ପର୍ବକୁ ପାରମ୍ପରିକ ରୀତିନୀତି ଏବଂ ଭକ୍ତିର ସହ ପାଳନ କରାଯାଏ। ବିଶେଷ କରି ଓଡ଼ିଶାର ପୁରପଲ୍ଲୀରେ 'ରାମଚରିତ ମାନସ' ପାଠ ଏବଂ ରାମଲୀଳାର ପରିବେଷଣ ଏହି ପର୍ବକୁ ଅଧିକ ଧର୍ମୀୟ କରିଥାଏ ।

**ଶ୍ରୀକ୍ଷେତ୍ର**

ପୁରୀ ଶ୍ରୀମନ୍ଦିରରେ ରାମ ନବମୀ ଏକ ଗୁରୁତ୍ୱପୂର୍ଣ୍ଣ ନୀତି ଭାବେ ପାଳିତ ହୁଏ । ଏହି ଦିନ ମନ୍ଦିରରେ ସ୍ୱତନ୍ତ୍ର ନୀତି ସମ୍ପନ୍ନ ହୁଏ । ଏହାସହ ପୁରୀର ବିଭିନ୍ନ ସାହିରେ ଥିବା ଜାଗାଘରଗୁଡ଼ିକରେ ରାମାୟଣ ଭିତ୍ତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥାଏ, ଯେଉଁଠାରେ ସ୍ଥାନୀୟ କଳାକାରମାନେ ହନୁମାନ, ରାବଣ ଏବଂ ଶ୍ରୀରାମଙ୍କ ବେଶଧାରଣ କରି ଯୁଦ୍ଧ କଳା ପ୍ରଦର୍ଶନ କରନ୍ତି ।

**ଓଡ଼ଗାଁ**

ନୟାଗଡ଼ ଜିଲ୍ଲାର ଓଡ଼ଗାଁ ସ୍ଥିତ ଶ୍ରୀରଘୁନାଥ ମନ୍ଦିର ଓଡ଼ିଶାର ଦ୍ୱିତୀୟ ଅଯୋଧ୍ୟା ଭାବେ ପରିଚିତ। ରାମ ନବମୀ ଅବସରରେ ଏଠାରେ ପ୍ରସିଦ୍ଧ 'ରାମ ନବମୀ ଯାତ୍ରା' ବା ମେଳା ଅନୁଷ୍ଠିତ ହୁଏ । ଏହି ଉତ୍ସବ ପ୍ରାୟ ୯ ଦିନ ଧରି ଚାଲିଥାଏ ଏବଂ ହଜାର ହଜାର ଶ୍ରଦ୍ଧାଳୁ ପ୍ରଭୁ ରଘୁନାଥଙ୍କ ଦର୍ଶନ ପାଇଁ ଏଠାରେ ଭିଡ଼ ଜମାନ୍ତି ।

**ଭଦ୍ରକ :**

ଭଦ୍ରକ ସହର ଏବଂ ଏହାର ଆଖପାଖ ଅଞ୍ଚଳରେ ରାମ ନବମୀ ସମୟରେ ବ୍ୟାପକ ସଂକୀର୍ତ୍ତନ ଓ ଶୋଭାଯାତ୍ରା ଆୟୋଜନ କରାଯାଏ । ଏଠାରେ ସାମ୍ପ୍ରଦାୟିକ ସଦଭାବନାର ପ୍ରତୀକ ସ୍ୱରୂପ ବିଭିନ୍ନ ବର୍ଗର ଲୋକେ ଏକାଠି ହୋଇ ରାମ ନବମୀ ପାଳନ କରନ୍ତି । ଗାଁ ଗାଁରେ ମୁକ୍ତାକାଶ ରଙ୍ଗମଞ୍ଚରେ ରାମଲୀଳା ନାଟକ ପ୍ରଦର୍ଶିତ ହୁଏ। ଅନେକ ଶ୍ରଦ୍ଧାଳୁଙ୍କର ଏହି ସମୟରେ ଭଦ୍ରକରେ ସମାଗମ ଦେଖିବାକୁ ମିଳିଥାଏ ।

**ପଶ୍ଚିମ ଓଡ଼ିଶାର ରାମ ନବମୀ:**

ସମ୍ବଲପୁର, ବଲାଙ୍ଗୀର ଏବଂ ବରଗଡ଼ ଭଳି ଜିଲ୍ଲାରେ ରାମ ନବମୀ ସମୟରେ ପ୍ରଭୁ ଶ୍ରୀରାମଙ୍କ ମନ୍ଦିରଗୁଡ଼ିକୁ ସୁନ୍ଦର ଭାବେ ସଜାଯାଏ । ଏଠାରେ ଘରେ ଘରେ 'ରାମ ରକ୍ଷା ସ୍ତୋତ୍ର' ପାଠ କରାଯାଏ ଏବଂ ରାତିରେ ଭଜନ ସନ୍ଧ୍ୟାର ଆୟୋଜନ ହୁଏ ।

## ବିଦେଶରେ ଜନ୍ମୋତ୍ସବ

ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମୋତ୍ସବ ବା 'ରାମ ନବମୀ' କେବଳ ଭାରତ ନୁହେଁ, ବରଂ ବିଶ୍ୱର କୋଣ ଅନୁକୋଣରେ ବସବାସ କରୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ଏକ ପବିତ୍ର ପର୍ବ । ସତ୍ୟ, ଧର୍ମ ଓ ନ୍ୟାୟର ପ୍ରତୀକ ଶ୍ରୀରାମଙ୍କ ଏହି ପର୍ବ ବିଭିନ୍ନ ଦେଶରେ ସେଠାକାର ସ୍ଥାନୀୟ ପରମ୍ପରା ଅନୁଯାୟୀ ବେଶ୍ ଆଡମ୍ବର ସହକାରେ ପାଳିତ ହୁଏ ।

**ନେପାଳ:**

ଭାରତ ପରେ ନେପାଳରେ ରାମ ନବମୀ ସବୁଠାରୁ ଅଧିକ ଧୁମଧାମରେ ପାଳନ କରାଯାଏ । ବିଶେଷ କରି ମାତା ସୀତାଙ୍କ ଜନ୍ମସ୍ଥଳୀ ଜନକପୁରରେ ଏହି ଦିନ ଏକ ବିଶାଳ ମେଳା ଅନୁଷ୍ଠିତ ହୁଏ । ହଜାର ହଜାର ଭକ୍ତ ଜନକପୁରଧାମରେ ଏକତ୍ରିତ ହୋଇ ରାମ-ଜାନକୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରନ୍ତି । କାଠମାଣ୍ଡୁର ବଡ଼ିସପୁତଲି ସ୍ଥିତ ରାମ ମନ୍ଦିରରେ ମଧ୍ୟ ସ୍ୱତନ୍ତ୍ର ପୂଜା ଓ ଭଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଏ।

**ମରିସସ୍:**

ମରିସସରେ ରହୁଥିବା ଭାରତୀୟ ବଂଶୋଦ୍ଭବଙ୍କ ପାଇଁ ରାମ ନବମୀ ଏକ ପ୍ରମୁଖ ପର୍ବ । ଏଠାରେ ପ୍ରାୟ ଏକ ସପ୍ତାହ ଧରି ରାମାୟଣ ପାଠ ଓ ସଂକୀର୍ତ୍ତନ ଚାଲେ। ଲୋକମାନେ ନିଜ ଘର ଆଗରେ ଲାଲ ରଙ୍ଗର ପତାକା ଲଗାଇ ପ୍ରଭୁଙ୍କୁ ସ୍ୱାଗତ କରନ୍ତି । ସ୍ଥାନୀୟ ମନ୍ଦିରଗୁଡ଼ିକରେ ପ୍ରସାଦ ବିତରଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ରାମଙ୍କ ଜୀବନୀ ପ୍ରଦର୍ଶିତ ହୁଏ।

**ଫିଜି:**

ଫିଜିରେ ରାମ ନବମୀକୁ ଏକ ସାମୂହିକ ଉତ୍ସବ ଭାବେ ପାଳନ କରାଯାଏ । ଏଠାରେ ଥିବା ହିନ୍ଦୁ ସମ୍ପ୍ରଦାୟ ୯ ଦିନ ଧରି ଉପବାସ ରଖିବା ସହ ପ୍ରତି ସନ୍ଧ୍ୟାରେ ମନ୍ଦିରରେ ଏକତ୍ରିତ ହୋଇ ରାମଚରିତ ମାନସ ପାଠ କରନ୍ତି। ନବମୀ ଦିନ ମଧ୍ୟାହ୍ନରେ ପ୍ରଭୁଙ୍କ ଜନ୍ମୋତ୍ସବ ପାଳନ କରାଯାଇ ପଞ୍ଜିରି ଓ ପାନକ ବଣ୍ଟାଯାଏ ।





**ପୃଥିବୀରେ ଯେତେବେଳେ ବି ଅଧର୍ମର ଭାର ବଢିଛି , ସେହି ସମୟରେ ପ୍ରଭୁ ନିଜେ ବିଭିନ୍ନ ଅବତାରରେ ଧରାବତରଣ କରନ୍ତି । ସେହିଭଳି ପ୍ରଭୁଙ୍କର ସପ୍ତମ ଅବତାର ହେଲେ ମର୍ଯ୍ୟାଦା ପୁରୁଷ ଶ୍ରୀରାମ, ଯିଏ ଦୁଷ୍ଟଙ୍କର ବିନାଶ ପାଇଁ ଧରାବତରଣ କରିଥିଲେ । ପ୍ରତିବର୍ଷ ଚୈତ୍ରଶୁକ୍ଳ ନବମୀ ତିଥିରେ ପାଳନ ହୋଇଥାଏ ପ୍ରଭୁ ଶ୍ରୀରାମଙ୍କର ଜନ୍ମସ୍ତୋବ । ଏହି ଦିନ ସମସ୍ତେ ଏକତ୍ରିତ ହୋଇ ପ୍ରଭୁଙ୍କର ପୂଜାର୍ଚ୍ଚନା କରିବା ସହିତ ରାମନାମ ଜପ କରିଥାଆନ୍ତି ।**

## ଭୁବନେଶ୍ୱର ଓ କଟକ

ରାଜଧାନୀ ଭୁବନେଶ୍ୱର ଏବଂ କଟକ ସହରରେ ମଧ୍ୟ ରାମନବମୀ ଖୁବ ଧୁମଧାମରେ ପାଳନ ହୋଇଥାଏ। ଏହି ଦିନ ଏକାଧିକ ଶୋଭାଯାତ୍ରା ବାହାରିଥାଏ । ଶତାଧିକ ଶ୍ରଦ୍ଧାଳୁ ହାତରେ ହନୁମାନଙ୍କ ପତାକା ଧରି 'ଜୟ ଶ୍ରୀରାମ' ଧ୍ୱନିରେ ସହର ପରିକ୍ରମା କରନ୍ତି । ରାସ୍ତାର ବିଭିନ୍ନ ସ୍ଥାନରେ ସାଧାରଣ ଲୋକଙ୍କ ପାଇଁ ଗୁଡ଼ ଓ ଦହିର ସରବତ ଏବଂ ଛତୁଆ ପ୍ରସାଦ ବଣ୍ଟନ କରାଯାଏ ।






**ମେଷ:** ଶରୀର ଅସୁସ୍ଥ, ଅର୍ଥକଷ୍ଟ, ମୋକଦ୍ଦମାରେ ବିଜୟ, ଶତ୍ରୁ ସମସ୍ୟା, ମାନସିକ ଅଶାନ୍ତି, ଅନୁଷ୍ଠାନରୁ ଲାଭ, ବ୍ୟବସାୟରେ କଷ୍ଟ, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୭, ଆରାଧନା-ମହାଲକ୍ଷ୍ମୀ।

**ବୃଷ:** ମାନସିକ ଶାନ୍ତି, ସମସ୍ୟା ସମାଧାନ, ବ୍ୟବସାୟରେ ଲାଭ, ବିଶିଷ୍ଟ କାର୍ଯ୍ୟରେ ବିଳମ୍ବ, ଶତ୍ରୁ ପରାଜିତ, ଶରୀର ସୁସ୍ଥ, ଦେବକାର୍ଯ୍ୟ ରହିବ, ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା- ଶଙ୍କର ଭଗବାନ।

**ମିଥୁନ:** ବ୍ୟବସାୟରେ ସ୍ୱଳ୍ପ ଲାଭ, ଗୃହେ ଉତ୍ସବ, ମାନସିକ ଶାନ୍ତି, ଶତ୍ରୁ ପରାଜିତ, ଶାରୀରିକ ସମସ୍ୟା, ଆଶା ପୂର୍ଣ୍ଣ, ଦ୍ରବ୍ୟ ପ୍ରାପ୍ତି, ପିଲାଙ୍କ ଚିନ୍ତା, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୬, ଆରାଧନା- ମା' ଭଗବତୀ।

**କର୍କଟ:** ମାନସିକ ଖୁସି, ନୂତନ ବନ୍ଧୁପ୍ରାପ୍ତି, ଦେବକାର୍ଯ୍ୟରେ ଆଗ୍ରହ, ମାମଲା ସମାଧାନ, ସୁମିଷ୍ଟ ଭୋଜନ ପ୍ରାପ୍ତି, ବ୍ୟବସାୟରେ ଲାଭ, ଦୂରଯାତ୍ରା, ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲଡ଼େନ, ସଂଖ୍ୟା- ୯, ଆରାଧନା- ମା' ବୃନ୍ଦାବତୀ।

**ସିଂହ:** କଳହ, ଶୁଭଖବର, ବନ୍ଧୁଲାଭ, ଈଶ୍ୱରଭକ୍ତି, କାର୍ଯ୍ୟରେ ବିଳମ୍ବ, ଦୂରଯାତ୍ରା, ମାନସିକ ଅଶାନ୍ତି, ସମ୍ପର୍କହାନି, ସନ୍ତାନଚିନ୍ତା, ଗୃହେ ସମସ୍ୟା, ଉତ୍ତରା ଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କଫି, ସଂଖ୍ୟା-୪, ଆରାଧନା- ଲକ୍ଷ୍ମୀନାରାୟଣ।

**କନ୍ୟା:** ସମ୍ମାନଲାଭ, ମାନସିକ ଶାନ୍ତି, ଶୁଭଖବର, ବ୍ୟବସାୟରେ ଲାଭ, ଦୂରଯାତ୍ରା ସଫଳ, ଶରୀର ସୁସ୍ଥ, ଲୋକସମ୍ପର୍କ ବୃଦ୍ଧି, ମାମଲା ସମାଧାନ, ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା- ପ୍ରଭୁ ଜଗନ୍ନାଥ।

**ତୁଳା:** ମାନସିକ ଅଶାନ୍ତି, ଶୁଭକାର୍ଯ୍ୟ, ଗୃହେ ଉତ୍ସବ, ପାରିବାରିକ ସହଯୋଗ, ଶୁଭକାର୍ଯ୍ୟରେ ସମସ୍ୟା, ଶତ୍ରୁ ସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଜମି ଗଣ୍ଡଗୋଳ, ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୨, ଆରାଧନା- ପ୍ରଭୁ ସ୍କନ୍ଦ।

**ବିଛା:** ଭୂସମ୍ପତ୍ତି ଲାଭ, ଅର୍ଥପ୍ରାପ୍ତି, ଅନୁଷ୍ଠାନରୁ ଲାଭ, ସମସ୍ୟା ସମାଧାନ, ଉଚ୍ଚଆଶା ପୂର୍ଣ୍ଣ, ଶରୀର ସୁସ୍ଥ, ଗୃହେ ଉତ୍ସବ, ବିଦେଶ ଭ୍ରମଣ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୧୦, ଆରାଧନା- ପ୍ରଭୁ ଜଗନ୍ନାଥ।

**ଧନୁ:** ବ୍ୟୟ ବୃଦ୍ଧି, ଶୁଭଖବର, ମାନସିକ ଅଶାନ୍ତି, ଶରୀର କଷ୍ଟ, ସମ୍ପର୍କ ଲାଭ, ଅନୁଷ୍ଠାନରୁ ଲାଭ, ଦେବକାର୍ଯ୍ୟ, ସମ୍ପତ୍ତି କ୍ରୟ ବିକ୍ରୟ, ବ୍ୟବସାୟରେ ଲାଭ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ପ୍ରତିକାର- ଗୁରୁଜନଙ୍କ ସେବା।

**ମକର:** କାର୍ଯ୍ୟ ସଫଳ, ମାମଲା ସମାଧାନ, ବନ୍ଧୁଲାଭ, ଉତ୍ସବପ୍ରତି ଆଗ୍ରହ, ଅନୁଷ୍ଠାନରୁ ଲାଭ, ଦୂରଯାତ୍ରାରେ ଲାଭ, ଗାଡ଼ିମୋଟର ଚାଳନାରେ ସତର୍କ, ଆପୋଷ ବୁଝାମଣା, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- କଳା, ସଂଖ୍ୟା- ୧୦, ଆରାଧନା- ମହାଲକ୍ଷ୍ମୀ।

**କୁମ୍ଭ:** ସହଯୋଗ ବୃଦ୍ଧି, ଆର୍ଥିକ ଚିନ୍ତା, ମାନସିକ ଅଶାନ୍ତି, ଆଶା ସଫଳ, ଶରୀର ସୁସ୍ଥ, ସମ୍ପର୍କ ହାନି, ଯାତ୍ରାରେ କ୍ଷତି, ହତାଶଭାବ, ବାଣିଜ୍ୟରେ ଲାଭ, ପୂର୍ବାଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଦାମୀ, ସଂଖ୍ୟା-୫, ଆରାଧନା- ମା' ଦକ୍ଷିଣକାଳୀ।

**ମୀନ:** ସାମାନ୍ୟ ଲାଭ, ବନ୍ଧୁବିଦ୍ୱେଶ, ଶତ୍ରୁ ସମସ୍ୟା, ନୂତନ ବ୍ୟବସାୟ, କଚେରୀ ମାମଲା, ମନସ୍ତାପ, ପାରିବାରିକ ଖୁସି, ସନ୍ତାନଲାଭ, ଦେବକାର୍ଯ୍ୟ ପ୍ରତି ଆଶକ୍ତ, ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୬, ଆରାଧନା- ଗଣେଶ ଭଗବାନ।

**ଚୈତ୍ର ଶୁକ୍ଳପକ୍ଷ, ନବମୀ**
**୨୭.୩.୨୦୨୬ ଶୁକ୍ରବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮



" ମାନସିକ ସ୍ୱାସ୍ଥ୍ୟ ଆମ ସାମଗ୍ରିକ ସୁସ୍ଥତାର ଏକ ମୌଳିକ ଅଂଶ । ଆସନ୍ତୁ ଆମେ ମିଳିତ ଭାବରେ ଏପରି ପରିବେଶ ସୃଷ୍ଟି କରିବା ଯେଉଁଠାରେ ମାନସିକ ସ୍ୱାସ୍ଥ୍ୟ ବିଷୟରେ ଆଲୋଚନା ଅଧିକ ମୁଖ୍ୟଧାରାରେ ପରିଣତ ହେବ । "

ଶ୍ରୀ ନରେନ୍ଦ୍ର ମୋଦୀ
ମାନ୍ୟବର ପ୍ରଧାନମନ୍ତ୍ରୀ

स्वास्थ्य एवं परिवार कल्याण मंत्रालय
MINISTRY OF HEALTH AND FAMILY WELFARE

Tele MANAS 14416

# ଟେଲି ମାନସ

## ଭାରତର ଜାତୀୟ ଟେଲି ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ଏକ ପଦକ୍ଷେପ

# ଆପଣ କ'ଣ କୌଣସି ମାନସିକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି?

## ଟେଲି ମାନସ ମାଧ୍ୟମରେ ଯେକୌଣସି ସ୍ଥାନରେ, ଯେକୌଣସି ସମୟରେ ସହାୟତା ପାଆନ୍ତୁ

## ସାରା ଭାରତରେ ୨୦ ଭାଷାରେ ୨୪/୭ ଉପଲବ୍ଧ

## ଏହି ଚିନ୍ତା ପାଇଁ ଆମକୁ କଲ୍ କରନ୍ତୁ

- ଦୁଃଖିତ ଅନୁଭବ, ଚିନ୍ତିତ କିମ୍ବା ଚାପଗ୍ରସ୍ତ
- ନିଦ୍ରା ସମସ୍ୟା
- ପରୀକ୍ଷା ଚାପ
- ପାରିବାରିକ ସମସ୍ୟା
- ଆତ୍ମହତ୍ୟା ଚିନ୍ତା
- ପଦାର୍ଥ ସମ୍ବନ୍ଧୀୟ ସମସ୍ୟା
- ସମ୍ପର୍କ ସମସ୍ୟା
- ସ୍ମୃତି ସମସ୍ୟା
- ଆର୍ଥିକ ଚାପ କିମ୍ବା ଅନ୍ୟ କୌଣସି ମାନସିକ ସ୍ୱାସ୍ଥ୍ୟ ଚିନ୍ତା / ସମସ୍ୟା

" ଗତ ୩ ବର୍ଷ ମଧ୍ୟରେ, ଆମେ **୩୦ ଲକ୍ଷରୁ ଅଧିକ କଲ୍** ସହିତ ସାହାଯ୍ୟ କରିଛୁ "

ଟେଲି ମାନସ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସ୍ୱୟଂ-ସହାୟକ ସାମଗ୍ରୀ ଏବଂ ସୁସ୍ଥତା ଅଭ୍ୟାସ ମଡ୍ୟୁଲ୍ସ ବିଷୟରେ ଜାଣନ୍ତୁ ।



## ଟେଲି ମାନସକୁ କଲ୍ କରନ୍ତୁ

24/7

# 14416

ଟୋଲ-ଫ୍ରି ନମ୍ବର

- ୧୦ଟି ଆଞ୍ଚଳିକ ଭାଷା ସହିତ ଇଂରାଜୀ ଓ ହିନ୍ଦୀରେ ଉପଲବ୍ଧ
- ଭିନ୍ନକ୍ଷମ ଉପଭୋକ୍ତାଙ୍କ ପାଇଁ ପ୍ରବେଶ ଯୋଗ୍ୟତା ବୈଶିଷ୍ଟ୍ୟ
- ଅସ୍ମିକୁ ଭେଟନ୍ତୁ – ପ୍ରଶ୍ନ, ସମ୍ବଳ ଏବଂ ସଂଯୋଗ ପାଇଁ ଆପଣଙ୍କର ଚାଟବଟ୍

ଏଠାରେ ସ୍କାନ କରନ୍ତୁ

ଟେଲି ମାନସ ସମ୍ପର୍କରେ ଅଧିକ ଜାଣିବାକୁ ଆପ୍ ଡାଉନଲୋଡ୍ କରନ୍ତୁ ।

CBC 17193/13/0010/2526

## ଆଇସିଏମ୍‌ଏଆଇ ଭୁବନେଶ୍ୱର ଚାପ୍ଟର ପକ୍ଷରୁ

# ଇନ୍‌କମ୍ ଟାକ୍ସ-୨୦୨୫ ସମ୍ପର୍କୀତ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ) : ଇନଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାସ୍ ଅଫ୍ ଇଣ୍ଡିଆ (ଆଇସିଏମ୍‌ଏଆଇ) ଏବଂ ଟ୍ୟାକ୍ସ ରିସର୍ଚ୍ଚ ଡିପାର୍ଟମେଣ୍ଟର ମିଳିତ ସହଯୋଗରେ ନୂତନ ଆୟକର ଆଇନ-୨୦୨୫ ସମ୍ପର୍କୀତ ଏକ ଆଉଟରିଚ୍ କାର୍ଯ୍ୟକ୍ରମ ସିଏମଏ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମଟି ଡିରେକ୍ଟୋରେଟ୍ ଅଫ୍ ଟ୍ରେନିଂ ସହଯୋଗରେ ଡାଇରେକ୍ଟ ଟ୍ୟାକ୍ସେସନ କମିଟି ଓ ଇନକମ୍ ଟ୍ୟାକ୍ସ ଆକ୍ଟ-୨୦୨୫ ଟାକ୍ସଫୋର୍ସଙ୍କ ମାର୍ଗଦର୍ଶନରେ ଟିଆର୍‌ଡି ଦ୍ୱାରା ପରିଚାଳିତ ଦେଶବ୍ୟାପୀ ପଦକ୍ଷେପର ଏକ ଅଂଶ ଥିଲା । ମୁଖ୍ୟ ଅତିଥି ଭାବେ ନାଲକୋର ଅର୍ଥ ନିର୍ଦ୍ଦେଶକ ସିଏମ୍‌ଏ ଅଭୟ କୁମାର ବେହୁରିଆ, ସ୍ୱତନ୍ତ୍ର ଅତିଥି ଭାବେ




ସରୋଜ ମହାପାତ୍ର , ପ୍ରିନ୍ସିପାଲ କମିଶନର ଅଫ୍ ଇନକମ୍ ଟ୍ୟାକ୍ସ, ସିଏମ୍‌ଏ ଶ୍ରୀକାନ୍ତ କୁମାର ସାହୁ, ଅର୍ଥ ନିର୍ଦ୍ଦେଶକ , ସିଏମଏ ଗଗନ ବିହାରୀ ସ୍ୱାଇଁ, ଅର୍ଥ ନିର୍ଦ୍ଦେଶକ , ସିଏମଏ କ୍ଷୀରୋଦ ଚନ୍ଦ୍ର ନନ୍ଦ, ଅର୍ଥ ନିର୍ଦ୍ଦେଶକ (ଓପିଜିସିଏଲ), ଆଇସିଏମ୍‌ଏଆଇର ପୂର୍ବତନ ସଭାପତି ସିଏମ୍‌ଏ ବିଭୁତି ଭୂଷଣ ନାୟକ ଏବଂ ଇଆଇଆର୍‌ସିର ଅଧ୍ୟକ୍ଷ ସିଏମ୍‌ଏ ଆରତି ଗାଙ୍ଗୁଲୀ, ଉପାଧ୍ୟକ୍ଷ ଦାମୋଦର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ଏବଂ ଅଭିଭାଷଣ ରଖିଥିଲେ । ଭୁବନେଶ୍ୱର ଚାପ୍ଟର ଅଧ୍ୟକ୍ଷ ସିଏମଏ ଶରତ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ । ସିଏମ୍‌ଏ ସୁଧାଂଶୁ କୁମାର ସାହୁ ଓ ଅବିନାଶ କୋଟ୍‌ନି ଏହି ଟେକ୍ନିକାଲ ସେସନ୍‌ର ପରିଚାଳନା କରିବା ସହ ନୂତନ ଆୟକର ଆଇନ୍ ୨୦୨୫ର ବ୍ୟବସ୍ଥା ଓ ପ୍ରଭାବ ବିଷୟରେ ଗଭୀର ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ପ୍ରଫେସନାଲ, ଛାତ୍ରଛାତ୍ରୀ ଓ ଅନ୍ୟାନ୍ୟ ହିତାଧିକାରୀ ଯୋଗ ଦେଇଥିଲେ । ଭୁବନେଶ୍ୱର ଚାପ୍ଟରର ସେକ୍ରେଟାରୀ ସିଏମ୍‌ଏ ସୌମ୍ୟ ରଞ୍ଜନ ଜେନା ଧନ୍ୟବାଦ ଜ୍ଞାପନ କରିଥିଲେ ।

## ବରିଷ୍ଠ ଅସ୍ଥିଶଲ୍ୟ ବୈଦ୍ୟରାଜଙ୍କ ମୃତ୍ୟୁ

ଭାପୁର ,(ସବ୍ୟୁ): ଭାପୁର ପଞ୍ଚାୟତ ଅନ୍ତର୍ଗତ ମନ୍ଦାରବେରେଣୀ ଗ୍ରାମର ବରିଷ୍ଠ ଅସ୍ଥିଶଲ୍ୟ ବୈଦ୍ୟରାଜ ରାଜକିଶୋର ବେହେରା (୮୪) ଙ୍କ ସୋମବାର ରାତ୍ରିରେ ମୃତ୍ୟୁ ହୋଇଛି । ତାଙ୍କର ବଡପୁଅ ନବ କିଶୋର ବେହେରା ମୁଖାଗ୍ନି ଦେଇ ଗ୍ରାମ ଶ୍ମଶାନରେ ଶବଦାହ କରାଯାଇଥିଲା । ଅସ୍ଥିଶଲ୍ୟ ଚିକିତ୍ସାରେ ତାଙ୍କର ବିଶେଷ ସୁନାମ ରହିଥିବାବେଳେ ତାଙ୍କର ମୃତ୍ୟୁ ଖବର ଶୁଣି ଭାପୁର ତଥା ପାଖାପାଖି ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

## ମଶରୁମ୍ କନକ୍ଲେଭ୍ ୨୦୨୬

# ଦେଶରେ ଉତ୍ପାଦିତ ହେଉଥିବା ଛତୁର ୧୧% ଓଡ଼ିଶାରେ ଉତ୍ପାଦିତ ହେଉଛି

ଭୁବନେଶ୍ୱର, (ସବ୍ୟୁ) : ଦି କ୍ରାଉନ୍ ହୋଟେଲ ଠାରେ ଛତୁ କନକ୍ଲେଭ୍ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ଥିବା ଏକ ନିଗମ, ଓଡ଼ିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜିଲଗାଣ ନିଗମ ଲିମିଟେଡ୍ (ଆପିକଲ୍) ଦ୍ୱାରା ଛତୁ ଚାଷକୁ ଏକ ସ୍ଥାୟୀ ଜୀବିକା ରୂପେ ଗ୍ରହଣ କରିବାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ସମ୍ମିଳନୀ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଉନ୍ନତ ଉତ୍ପାଦନ କୌଶଳ, ଅମଳ ପରବର୍ତ୍ତୀ ପରିଚାଳନା, ପ୍ୟାକେଜିଂ, ମୂଲ୍ୟ ବୃଦ୍ଧି ଏବଂ ଛତୁ କ୍ଷେତ୍ରରେ ବଜାର ସଂଯୋଗୀକରଣ ଉପରେ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଛି। ଉପ-ମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଛନ୍ତି ଯେ ଛତୁ ଉତ୍ପାଦନରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଏବଂ ସମଗ୍ର ଭାରତରେ ଉତ୍ପାଦିତ ହେଉଥିବା ଛତୁର ୧୧% ଓଡ଼ିଶାରେ ଉତ୍ପାଦିତ ହେଉଛି। ଛତୁକୁ ସୁପର ଫୁଡ୍ କୁହାଯାଏ କାରଣ ଏହା ପୁଷ୍ଟିକର, ଚର୍ବିମୁକ୍ତ, କମ୍ କୋଲେଷ୍ଟ୍ରଲ ବିଶିଷ୍ଟ ଏବଂ ଏହାର ଚାଷ ଉଭୟ ପରିବେଶ ଓ ଜଳବାୟୁ ଅନୁକୂଳ କାରଣ ଏହା ଜୈବିକ ଉପାୟରେ ହୋଇଥାଏ। ଓଡ଼ିଶା ସରକାର ଛତୁ ଚାଷକୁ ପ୍ରୋତ୍ସାହିତ କରୁଛନ୍ତି ଏବଂ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ




ଯୋଜନା ଅଧୀନରେ ସବସିଡି ପ୍ରଦାନ କରୁଛନ୍ତି।ଏହାର ବଜାର ସଂଯୋଗ ପାଇଁ ରୋଡମ୍ୟାପ୍ ବିକଶିତ କରାଯାଉଛି ଓ ଏଥିସହିତ ଦୃଢ଼ ଲଜିଷ୍ଟିକ୍ ସହାୟତା ପ୍ରଦାନ ଯୋଜନା ରହିଛି । ପରେ ପରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓଙ୍କ କରକମଳରେ ଆପିକଲ୍ ର ଏକ ନୂତନ ୱେବସାଇଟ୍ ଉନ୍ମୋଚନ କରାଯାଇଥିଲା ଏବଂ ଛତୁ ଉତ୍ପାଦନକାରୀଙ୍କୁ ସେମାନଙ୍କର ଉତ୍ପାଦନ ଏବଂ ପ୍ରଜନନ ୟୁନିଟ୍ ସ୍ଥାପନ ନିମନ୍ତେ କାର୍ଯ୍ୟ ଅଗ୍ରଗତି ପତ୍ର ବଣ୍ଟନ କରାଯାଇଥିଲା। ଉଦଘାଟନୀ ଅଧିବେଶନ ବ୍ୟତୀତ, ୯ ଜଣ ବିଶେଷଜ୍ଞ ବକ୍ତା ଛତୁ ଚାଷର ବିଭିନ୍ନ ବୈଷୟିକ ଦିଗ ଏବଂ ଏହାର ମୂଲ୍ୟ ଶୃଙ୍ଖଳା ଉପରେ ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ। ଉଦଘାଟନୀ ଅଧିବେଶନ ସମୟରେ, କୃଷି ବିଭାଗର କମିଶନର-ତଥା-ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଧବଙ୍କ ସମେତ ବିଶିଷ୍ଟ ଗଣ୍ୟମାନ୍ୟ ବ୍ୟକ୍ତିମାନେ ସମାବେଶକୁ ସମ୍ବୋଧିତ କରିଥିଲେ ।

## ଓଡ଼ିଶା ପୌର ନିୟମାବଳିରେ ସଂଶୋଧନ

# କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଆର୍ଥିକ କ୍ଷମତା ବୃଦ୍ଧି

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟର ପୌରପାଳିକାଗୁଡ଼ିକର କାର୍ଯ୍ୟଧାରାକୁ ଅଧିକ ସରଳ ଓ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ସରକାର 'ଓଡ଼ିଶା ପୌର ନିୟମାବଳୀ, ୧୯୫୩'ରେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରିଛନ୍ତି। ନୂତନ 'ଓଡ଼ିଶା ପୌର (ସଂଶୋଧନ) ନିୟମାବଳୀ, ୨୦୨୫' ଅନୁଯାୟୀ, ପୌର ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଅଧ୍ୟକ୍ଷଙ୍କ ଆର୍ଥିକ ଅନୁମୋଦନ କ୍ଷମତାରେ ପରିବର୍ତ୍ତନ କରାଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି (ସଂଖ୍ୟା-୯୨୪୭) ଅନୁଯାୟୀ କରାଯାଇଥିବା ପ୍ରମୁଖ ସଂଶୋଧନଗୁଡ଼ିକ କରାଗଲା। କାର୍ଯ୍ୟନିର୍ବାହୀ ଅଧିକାରୀ ଏବେ କାଉନସିଲ୍‌ର ବିନା ଅନୁମତିରେ ପୌର ପ୍ରଶାସନ ପାଇଁ ଆନୁଷଙ୍ଗିକ ଖର୍ଚ୍ଚ ବାବଦରେ ପ୍ରତିଥର ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ। ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ବିଲ୍ ଏବଂ ଦେୟ ଆଦେଶ କେବଳ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇପାରିବ। ଯଦି ଏହି ମୂଲ୍ୟ ୨୫ ଲକ୍ଷ ଟଙ୍କାରୁ ଅଧିକ ହୁଏ, ତେବେ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ପୌର ଅଧ୍ୟକ୍ଷ ମିଳିତ ଭାବେ ଏହାକୁ ଅନୁମୋଦନ କରିବେ । ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାର୍ଯ୍ୟର ପ୍ରଶାସନିକ ଅନୁମୋଦନ କାର୍ଯ୍ୟନିର୍ବାହୀ ଅଧିକାରୀ ଦେଇପାରିବେ। ୧୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପ ପାଇଁ ଅଧ୍ୟକ୍ଷଙ୍କ ଅନୁମୋଦନ ଆବଶ୍ୟକ ହେବ। ଯଦି କୌଣସି ବିଲ୍ ଅଧ୍ୟକ୍ଷଙ୍କ ନିକଟରେ ଉପସ୍ଥାପନ ହେବାର ୭ ଦିନ ମଧ୍ୟରେ ସ୍ୱାକ୍ଷରିତ କିମ୍ବା କାରଣ ସହ ଫେରସ୍ତ ନ ହୁଏ, ତେବେ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପାଳଙ୍କ ଦ୍ୱାରା ସେହି ବିଲ୍ ଅନୁମୋଦନ କରାଇପାରିବେ। ଏହି ସଂଶୋଧନ ଫଳରେ ପୌର ସଂସ୍ଥାଗୁଡ଼ିକର ଦୈନନ୍ଦିନ କାର୍ଯ୍ୟ ଏବଂ ବିକାଶମୂଳକ କାମରେ ଥିବା ପ୍ରଶାସନିକ ବାଧା ଦୂର ହେବ ବୋଲି ଆଶା କରାଯାଉଛି।

## ତିନି ଲୁଟେରା ଗିରଫ : ଗହଣା, ୫୦ ଟି ମୋବାଇଲ ଜବତ

ଭୁବନେଶ୍ୱର, (ସବ୍ୟୁ) : ଜାମିନରେ ଆସି ଲୁଟ୍ କରୁଥିବା ତିନିଜଣିଆ ଲୁଟେରା ଗ୍ୟାଙ୍ଗର ତିନିଜଣଙ୍କୁ ନୂଆପଲ୍ଲୀ ଥାନା ପୋଲିସ ଗିରଫ କରିଛି । ତାଙ୍କ ନିକଟରୁ ଲୁଟ୍ ସୁନା ଗହଣା ଓ ୫୦ ମୋବାଇଲ ଜବତ ହୋଇଛି । ତିନିଜଣଯାକ ପେସାଦାର ଅପରାଧୀ । ତାଙ୍କ ନାଁରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ପୂର୍ବରୁ ବହୁ ମାମଲା ପଞ୍ଜିକୃତ ରହିଛି। ଏମାନଙ୍କ ସହ ଜଣେ ନାବାଳକ ମଧ୍ୟ ଲୁଟ୍‌ରେ ସାମିଲ ଥିବା ସୂଚନା ମିଳିଛି। ସକାଳ ସମୟରେ ଯେଉଁମାନେ ମର୍ଣ୍ଣିଂୱାର୍କରେ ଯାଆନ୍ତି ସେମାନଙ୍କୁ ଟାର୍ଗେଟ କରି ଏହି ଗ୍ୟାଙ୍ଗ ଲୁଟ୍‌ପାଟ କରନ୍ତି । କେଉଁଠି ଗହଣା ଲୁଟିଲେଣି ତ ଆଉ କେଉଁଠି ମୋବାଇଲ ଝାମ୍ପିନେଇ ଖସି ଯାଆନ୍ତି । ତିନିଜଣ ଗୋଟିଏ ବାଇକ୍‌ରେ ଲୁଟ୍‌ପାଟ କରନ୍ତି । କାରଣ ଜଣେ ବାଇକ୍ ଷ୍ଟାର୍ଟ କରି ଗାଡି ଉପରେ ରହୁଥିବା ବେଳେ ଆଉ ଦୁଇଜଣ ଲୁଟ୍ କରନ୍ତି । ମୁଖ୍ୟତଃ ମହିଳାଙ୍କ ଠାରୁ ଗହଣା ଲୁଟ୍ ବେଳେ ଜଣେ ତାଙ୍କୁ ଧରୁଥିବା ବେଳେ ଆଉ ଜଣେ ଗହଣା ଖୋଲିଥାଏ । ଗତ ୧୬ ତାରିଖ ଦିନ ମର୍ଣ୍ଣିଂୱାର୍କରେ ଯାଇଥିବା ଗୀତାଞ୍ଜଳି ସାହୁ ଘରକୁ ଫେରୁଥିବା ବେଳେ ତାଙ୍କ ବେକରୁ ମଙ୍ଗଳ ସୂତ୍ର ଲୁଟ୍ ହୋଇଥିଲା । ଲୁଟେରାଙ୍କ ସହ କିଛି ସମୟ ପେଲାଠେଲା ଯୋଗୁ ସେ ଆହତ ହୋଇଥିଲେ । ହସ୍ପିଟାଲରେ ଚିକିତ୍ସିତ ହୋଇ ଫେରିବା ପରେ ସେହିଦିନ ଅପରାହ୍ନରେ ନୂଆପଲ୍ଲୀ ଥାନାରେ ଏତଲା କରିଥିଲେ । ତାଙ୍କ ଏତଲା ଆଧାରରେ ପୋଲିସ ତଦନ୍ତ କରି ତିନିଜଣଙ୍କୁ ଗିରଫ କଲା । ସେ ତିନିଜଣ ହେଲେ ଶୁକ୍ରୁ ପାତ୍ର (୨୬), ସୁମନ ମଲ୍ଲିକ (୨୦) ଓ ବିକାଶ ଦାସ (୩୦) । ଏହି ତିନିଜଣଙ୍କ ନିକଟରୁ ପୋଲିସ ଗୋଟିଏ ମଙ୍ଗଳ ସୂତ୍ର, ଦୁଇଟି ଚେନ୍ ଓ ୫୦ଟି ଲୁଟ୍ ହୋଇଥିବା ଦାମୀ ମୋବାଇଲ ଜବତ କରିଛି । ସେମାନେ ବ୍ୟବହାର କରୁଥିବା ବାଇକ୍ ମଧ୍ୟ ଜବତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ଏସିପି କହିଛନ୍ତି । ଶୁକ୍ରୁ ନାଁରେ ଭରତପୁର, ନୟାପଲ୍ଲୀ, ଖଣ୍ଡଗିରି, ବଡଗଡ ପ୍ରଭୃତି ଥାନାରେ ୧୫ ମାମଲା ପଞ୍ଜିକୃତ ଥିବାବେଳେ ସୁମନ ନାଁରେ ୮ ମାମଲା ପଞ୍ଜିକୃତ ରହିଛି । ସେହିପରି ବିକାଶ ନାଁରେ ପୂର୍ବରୁ ୪ଟି ମାମଲା ପଞ୍ଜିକୃତ ଥିବା ଏସିପି କହିଛନ୍ତି । ୩ଜଣଙ୍କୁ ଗୁରୁବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ମା' ହତ୍ୟାକାରୀ ପୁତ୍ରକୁ ଆଜୀବନ କାରାଦଣ୍ଡାଦେଶ ସହିତ ୧୦ହଜାର ଜୋରିମାନା

ଚଣ୍ଡିଖୋଲ, (ସବ୍ୟୁ) : ଯାଜପୁର ଜିଲ୍ଲାର ଚଣ୍ଡିଖୋଲ କୋର୍ଟର ଅତିରିକ୍ତ ଜିଲ୍ଲା ଓ ଦୌରା ଜର୍ଜ ନିଜ ମା'କୁ ହତ୍ୟାକରିଥିବା ଜଣେ ପୁଅ ବିରୁଦ୍ଧରେ ଆଗତ ଏକ ଫୌଜଦାରୀ ମାମଲାର ବିଚାର କରି ଅତି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଗତ ୨୦୨୧ ମସିହା ଡିସେମ୍ବର ୭ ତାରିଖରେ ନିଜ ମା'କୁ ଠେଙ୍ଗାରେ ପିଟି ମାରିଦେବା ଘଟଣାରେ ସମ୍ପୃକ୍ତ ପୁଅକୁ ଦୋଷୀ ସାବ୍ୟସ୍ତ କରି କୋର୍ଟ ତାକୁ ଆଜୀବନ ସଶ୍ରମ କାରାଦଣ୍ଡ ସହିତ ୧୦ ହଜାର ଟଙ୍କାର ଜୋରିମାନା ଦେବାକୁ ଆଦେଶ ଦେଇଛନ୍ତି । ଏହି ମାମଲାର ବିବରଣୀ ମୁତାବକ ୨୦୨୧ ଡିସେମ୍ବର ୭ ତାରିଖରେ ଯାଜପୁର ଜିଲ୍ଲା ବଡ଼ଚଣା ଥାନାରେ ମନୋଜକୁମାର ସାମଲ ନାମକ ଜଣେ ଯୁବକ ବଡଚଣା ଥାନାରେ ଅଭିଯୋଗ କରିଥିଲେ ଯେ, ସେହି ଦିନ ସନ୍ଧ୍ୟା ୫ଟା ବେଳେ ତାଙ୍କ ଭାଇ ରଞ୍ଜନକୁମାର ସାମଲ ଜମିବିକା ଟଙ୍କା ନଦେବାରୁ ତାଙ୍କ ମା' ସୁଷମା ସାମଲଙ୍କୁ ଏକ ବାଉଁଶ ଠେଙ୍ଗାରେ ପିଟି ପିଟି ମାରି ଦେଇଛନ୍ତି। ଅଭିଯୋଗ ପରେ ବଡଚଣା ଥାନା ପୋଲିସ କେଶ ନଂ- ୪୫୨/୨୦୨୧ ରେ ଏକ ମାମଲା ରୁଜୁକରି ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତା ବିରୋଧରେ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ଏହି ମାମଲା ଚଣ୍ଡିଖୋଲ କୋର୍ଟରେ ସି.ଟି. ନଂ- ୬୫/୨୦୨୨ ରେ ବିଚାର ଚାଲିଥିଲା ବେଳେ ୧୮ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ୨୬ ତାରିଖ ଦିନ ଅତିରିକ୍ତ ଜିଲ୍ଲା ଓ ଦୌରା ଜର୍ଜ ଗୋପବନ୍ଧୁ ଗଡ଼ନାୟକ ଉକ୍ତ ମାମଲାର ଶେଷ ସୁଣାଣି କରି ରାୟ ପ୍ରଦାନ କରିଥିଲେ। ମୁଦାଲା ରଞ୍ଜନ କୁମାର ସାମଲଙ୍କୁ ନିଜ ମା'ଷୁସମାଙ୍କୁ ହତ୍ୟା କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରି ଆଜୀବନ ସଶ୍ରମ କାରାଦଣ୍ଡାଦେଶ ସହିତ ୧୦ ହଜାର ଟଙ୍କାର ଜୋରିମାନା ଆଦାୟ ପାଇଁ ଆଦେଶ ଦେଇଥିଲେ। ଯଦି ମୁଦାଲା ଜୋରିମାନା ନଦିଅନ୍ତି ତେବେ ତାଙ୍କୁ ଆଉ ୬ ମାସର ସଶ୍ରମ କାରାଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ ଅତିରିକ୍ତ ପି.ପି ନଳିନୀକାନ୍ତ ମିଶ୍ର ଓ ମୁଦାଲାଙ୍କ ପକ୍ଷରୁ ଶକ୍ତିପ୍ରସାଦ ଆଚାର୍ଯ୍ୟ ଏହି ମାମଲାକୁ ପରିଚାଳନା କରୁଥିଲେ।

## ବିଏମ୍‌ସି ରିକ୍ରେସନ କ୍ଲବର ଜଳଛତ୍ର , ପଣା ବଣ୍ଟନ

ଭୁବନେଶ୍ୱର, (ସବ୍ୟୁ) : ପବିତ୍ର ଅଶୋକାଷ୍ଟମୀ ଅବସରରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଜଳ ବଣ୍ଟନକୁ



ଶ୍ରଦ୍ଧାଳୁଙ୍କ ପ୍ରଶଂଶା । ପୂର୍ବବର୍ଷଗୁଡିକ ଭଳି ସ୍ଥାନୀୟ ବାରିକ ସାହି ଛକଠାରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ଛାମୁଡ଼ିଆ ଏବଂ ପାନୀୟ ବ୍ୟବସ୍ଥା କରାଯାଇଥିଲା । ବିଏମସି ମେୟର ସୁଲୋଚନା ଦାସ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଅବସରରେ ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର ସଭାପତି ରାମଚନ୍ଦ୍ର ରଣସିଂହ, କର୍ପୋରେଟର ଅଜିତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଚଳିତ ବର୍ଷ ଶିବିରରେ ପାନୀୟ ଜଳ , ପଣା, ଘୋଳଦହି ଇତ୍ୟାଦି ବଣ୍ଟନ କରାଯାଇଥିଲା । ପ୍ରାୟ ୧୦ ହଜାର ଶ୍ରଦ୍ଧାଳୁଙ୍କୁ ଏହି ଶିବିର ସେବା ଯୋଗାଇଛି । ଆସନ୍ତାକାଲି ଏବଂ ବାହୁଡା ଦିନ ସମାନ ସେବା ଯୋଗାଇଦେବା ପାଇଁ ବି ଏମ୍ ସି ରିକ୍ରେସନ କ୍ଲବ ପକ୍ଷରୁ ଘୋଷଣା କରାଯାଇଛି । ଶିବିରର ପରିଚାଳନା ଦାୟିତ୍ୱରେ ରିକ୍ରେସନ କ୍ଲବ ପକ୍ଷରୁ ସସ୍ମିତା ନାୟକ, ଶୁଭକାନ୍ତ ପାଢୀ, ସନ୍ତୋଷ ମହାନ୍ତି ଏବଂ ଅକ୍ଷୟ ସ୍ୱାଇଁ ପ୍ରମୁଖ ରହିଥିଲେ ।

## ସରକାରୀ ଯୋଜନାଗୁଡ଼ିକୁ ପ୍ରୋତ୍ସାହନ ଦେବା ପାଇଁ

# ପ୍ରଭାବଶାଳୀ ଯୋଗାଯୋଗ ଗୁରୁତ୍ୱପୂର୍ଣ୍ଣ : ଏଡିଜି ଅଖିଳ କୁମାର ମିଶ୍ର

ଭୁବନେଶ୍ୱର, (ସବ୍ୟୁ) : ପିଆଇବିର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଗୁରୁବାର ଜୟପୁରର ଆକାଶବାଣୀ କେନ୍ଦ୍ର (ଏ. ଆଇ. ଆର୍.) ପରିଦର୍ଶନ କରିଥିଲେ ଏବଂ କେନ୍ଦ୍ରର କାର୍ଯ୍ୟକ୍ରମ ଏବଂ ଇଞ୍ଜିନିୟରିଂ କର୍ମଚାରୀଙ୍କ ସହ ଏକ ସୂଚନା ଭିତ୍ତିକ ଆଲୋଚନା କରିଥିଲେ। ପ୍ରଭାବଶାଳୀ ଯୋଗାଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ଶ୍ରୀ ମିଶ୍ର କହିଥିଲେ ଯେ ବିଶ୍ୱସନୀୟ ଏବଂ ସମୟୋଚିତ ସୂଚନାର ପ୍ରସାର ହେଉଛି ସର୍ବଦା ପ୍ରସାର ଭାରତୀର ବିଶେଷତ୍ୱ। ବିଶେଷକରି ଓଡ଼ିଶାର କୋରାପୁଟ, ମାଲକାନଗିରି, ରାୟଗଡ଼ା ଏବଂ ନବରଙ୍ଗପୁର ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ସୂଚନା ଆବଶ୍ୟକତାକୁ ପୂରଣ କରିବାରେ ଆକାଶବାଣୀ ଜୟପୁର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ସେ ଆଲୋକପାତ କରିଥିଲେ। ବିଗତ ବର୍ଷଗୁଡ଼ିକରେ



ବିଭିନ୍ନ ପ୍ରକାରର ସୂଚନାତ୍ମକ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରସାରଣରେ ଆକାଶବାଣୀ ଜୟପୁରର ପ୍ରୟାସକୁ ଶ୍ରୀ ମିଶ୍ର ପ୍ରଶଂସା କରି ଉଲ୍ଲେଖ କରିଥିଲେ ଯେ ଏଭଳି କାର୍ଯ୍ୟକ୍ରମଗୁଡ଼ିକ କେବଳ ଜନସାଧାରଣଙ୍କୁ ଶିକ୍ଷିତ କରିନଥାଏ ବରଂ ସାଂସ୍କୃତିକ ବନ୍ଧନକୁ ସୁଦୃଢ଼ କରିଥାଏ, ଜାତୀୟ ଏକତାକୁ ପ୍ରୋତ୍ସାହିତ କରିଥାଏ ଏବଂ ବିବିଧ ସମ୍ପ୍ରଦାୟ ମଧ୍ୟରେ ଅଖଣ୍ଡତାର ଭାବନାକୁ ପ୍ରୋତ୍ସାହିତ କରିଥାଏ। ଏହି ଗସ୍ତ ସମୟରେ ଶ୍ରୀ ମିଶ୍ର ଅଧିକାରୀ ଏବଂ କର୍ମଚାରୀଙ୍କ ସହ ମତ ବିନିମୟ କରି ଲୋକଙ୍କ ମଧ୍ୟରେ ସରକାରୀ କଲ୍ୟାଣକାରୀ ଯୋଜନାର ସଚେତନତା ଏବଂ ପ୍ରସାର ବୃଦ୍ଧି କରିବା ପାଇଁ ପ୍ରଭାବଶାଳୀ ଯୋଗାଯୋଗ ରଣନୀତିର ଆବଶ୍ୟକତାକୁ ଦୋହରାଇଥିଲେ। ଷ୍ଟେସନ ମୁଖ୍ୟ ଆର. ଶ୍ରୀନିବାସନ୍, ସହକାରୀ ନିର୍ଦ୍ଦେଶକ (ଇ), ବିଲ୍ୱମଙ୍ଗଳ ପ୍ରଧାନ, ସହକାରୀ ନିର୍ଦ୍ଦେଶକ (ଇ), ରଞ୍ଜନ କୁମାର ବେହେରା, ବରିଷ୍ଠ ଘୋଷକ ଏବଂ ଆକାଶବାଣୀ ଜୟପୁରର ଅନ୍ୟ ଅଧିକାରୀମାନେ ଏହି ଆଲୋଚନା ସମୟରେ ଉପସ୍ଥିତ ଥିଲେ। ତାଙ୍କର ଚାରି ଦିନିଆ ଗସ୍ତର ଅଂଶବିଶେଷ ସ୍ୱରୂପ ଶ୍ରୀ ମିଶ୍ର ଜୟପୁରସ୍ଥିତ କେନ୍ଦ୍ରୀୟ ସଂଚାର ବ୍ୟୁରୋର (ସିବିସି) କ୍ଷେତ୍ର କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି ଏବଂ କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସମାଜବିଜ୍ଞାନ ଏବଂ ଗଣଯୋଗାଯୋଗ ବିଭାଗର ଛାତ୍ରଛାତ୍ରୀମାନଙ୍କ ସହ ମଧ୍ୟ ମତ ବିନିମୟ କରିବେ।

## ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଆଲୋଚନାଚକ୍ର

ଜଟଣୀ, (ସବ୍ୟୁ) : ଜଟଣୀ ବ୍ଲକ୍ ଅନ୍ତର୍ଗତ କନ୍ତିଆସ୍ଥିତ ଶ୍ରୀ ସୋମନାଥ ବାଲୁଙ୍କେଶ୍ୱର ଦେବ ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟର ପ୍ରଥମ ଅଧିବେଶନ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି ।୨୦୧୨ ମସିହାରେ ସ୍ଥାପିତ ହୋଇଥିବା ଏହି ମହିଳା ମହାବିଦ୍ୟାଳୟରେ ବର୍ତ୍ତମାନ୍ ଓଡିଆ ବିଭାଗ ସମ୍ମାନରେ ୩୨ ସିଟ୍,ଶିକ୍ଷା ବିଭାଗ ସମ୍ମାନରେ ୪୦ ସିଟ୍, ରାଜନୀତି ବିଜ୍ଞାନ ବିଭାଗରେ ୩୨ସିଟ୍ ଓ ଇତିହାସ ବିଭାଗର ୨୪ସିଟରେ ଛାତ୍ରୀମାନେ ସମ୍ମାନ କ୍ଷେତ୍ରରେ ଅଧ୍ୟୟନ କରୁଛନ୍ତି ।ଏହି ଅବସରରେ ଆୟୋଜିତ ଆଲୋଚନା ଚକ୍ରରେ ରାଜନୀତି ବିଜ୍ଞାନର ଅଧ୍ୟାପିକା ଦୁର୍ଗାରାଣୀ ନାୟକ ଅତିଥୀ ପରିଚୟ ପ୍ରଦାନ୍ କରିଥିବା ବେଳେ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟବ୍ରତ ମହାନ୍ତି ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଟଣୀ ମହାବିଦ୍ୟାଳୟର ଓଡିଆ ବିଭାଗର ପ୍ରାକ୍ତନ ଅଧ୍ୟକ୍ଷ ଡଃ ଅଭୟ ବାରିକ ମୁଖ୍ୟ ଅତିଥି, ଜଟଣୀ ମହାବିଦ୍ୟାଳୟର ପୁର୍ବତନ ଅଧକ୍ଷ ଡ଼ଃ ରାଜୀବ କର, ଅଧ୍ୟକ୍ଷ ଗଙ୍ଗାଧର ମିଶ୍ର,ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଡ ସୁକାନ୍ତି ମହାପାତ୍ର,ଚିନ୍ମୟୀ ମହାନ୍ତି,ଅବଦୁଲ କଲାମ,ବିମଳ ବେହେରା,ରଜନୀ ରଣସିଂ,ଶୁଶାନ୍ତ ସାମନ୍ତରାୟ, ସୌଦାମିନୀ ବେହେରା, ସ୍ନେହଲତା ସେନାପତି, ସନ୍ତୋଷ ପ୍ରଧାନ, ଜୟନ୍ତ ସାହୁ, ପୁଷ୍ପିତା ରାଣୀ ସାହୁ ପ୍ରମୁଖ ସଂଯୋଜନା ଓ ପରିଚାଳନା କରିଥିଲେ।

## ସରକାରୀ ଅବହେଳା ଯୋଗୁଁ ଅନ୍ଧାରରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ : ବିଜେଡି

ଭୁବନେଶ୍ୱର,(ସବ୍ୟୁ) : ଶଙ୍ଖ ଭବନରେ ବିଜୁ ଛାତ୍ର ଜନତା ଦଳ ସଭାପତି ଇପ୍ସିତା ସାହୁ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟର ସରକାରୀ ସ୍କୁଲରେ ଛାତ୍ରଛାତ୍ରୀଙ୍କ ପାଠ୍ୟପୁସ୍ତକର ଅଭାବ ପାଇଁ ବିଜେପି ସରକାରଙ୍କୁ ସମାଲୋଚନା କରିଛନ୍ତି । ଇପ୍ସିତା ସାହୁ ଆଲୋକପାତ କରିଥିଲେ ଯେ ୨ ଏପ୍ରିଲ ୨୦୨୬ରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ନୂତନ ଶିକ୍ଷାବର୍ଷ ଆରମ୍ଭ ହେଉଛି । ଏଥିପାଇଁ ଆବଶ୍ୟକ ୨,୭୩,୮୨,୦୫୦ ପାଠ୍ୟପୁସ୍ତକ ମଧ୍ୟରୁ କେବଳ ୧,୧୮,୪୫,୮୦୦ ପୁସ୍ତକ ଯୋଗାଇ ଦିଆଯାଇଛି । ଯାହା ହାରାହାରି ମାତ୍ର ୪୩.୨୬ ପ୍ରତିଶତ । ଆଦିବାସୀ ବହୁଳ ଜିଲ୍ଲାଗୁଡ଼ିକରେ ଏହି ସମସ୍ୟା ଗମ୍ଭୀର । ସବୁଠାରୁ ଅଧିକ ପ୍ରଭାବିତ ଜିଲ୍ଲା ମୟୂରଭଞ୍ଜକୁ ଆବଶ୍ୟକ ପୁସ୍ତକର ମାତ୍ର ୨୩.୦୫ ପ୍ରତିଶତ ପ୍ରଦାନ କରାଯାଇଛି । ସେହିଭଳି କନ୍ଧମାଳ, କେନ୍ଦୁଝର, ଗଜପତି, ନୟାଗଡ଼, ଗଞ୍ଜାମ, ଯାଜପୁର, ବାଲେଶ୍ୱର, ବଲାଙ୍ଗୀର, ଢେଙ୍କାନାଳ, କେନ୍ଦ୍ରାପଡ଼ା ଏବଂ ଭଦ୍ରକ ସମେତ ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକୁ ମାତ୍ର ୪୦ ପ୍ରତିଶତରୁ କମ୍ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଇଛି ବୋଲି ଅଭିଯୋଗ କରିଛି ବିଜେଡି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଚଳିତ ଅନ୍ୱେଷା ଭଳି ଯୋଜନା ଗୁଡ଼ିକୁ ଏ ସରକାର ବନ୍ଦ କରିବାକୁ ନେଇ ସମାଲୋଚନା କରିଛନ୍ତି ଇପ୍ସିତା ସାହୁ । ଏହି ଯୋଜନା ଦ୍ୱାରା ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାଗତ ସୁବିଧାରେ ଯଥେଷ୍ଟ ଉନ୍ନତି ଆସିଥିଲା । ୨ ଏପ୍ରିଲ ୨୦୨୬ରୁ ପ୍ରାୟ ୩ ଲକ୍ଷ ଛାତ୍ରଛାତ୍ରୀ ପାଠ୍ୟପୁସ୍ତକ ବିନା ସ୍କୁଲ ଆରମ୍ଭ କରିବେ । ପିଲାଙ୍କ ପାଇଁ ସ୍କୁଲ ପୋଷାକ ଏବଂ ଉପଯୁକ୍ତ ପୁଷ୍ଟିସାର ଭଳି ବ୍ୟବସ୍ଥା ରହିଥିଲା, ଯାହାକୁ ପୂର୍ବ ବିଜେଡି ସରକାର ସମୟରେ ନିୟମିତ ଭାବରେ ପ୍ରଦାନ କରାଯାଉଥିଲା । କିନ୍ତୁ ଦୁର୍ଭାଗ୍ୟର ବିଷୟ ବର୍ତ୍ତମାନର ସରକାର ଏହାକୁ ସଂପୂର୍ଣ୍ଣ ଅବହେଳା କରୁଛନ୍ତି । ଅନ୍ୟପଟେ ମାଗଣା ପାଠ୍ୟପୁସ୍ତକ ବଣ୍ଟନରେ ଅନିୟମିତତା ଉପରେ ପ୍ରଶ୍ନ ଉଠାଇ ଇପ୍ସିତା ସାହୁ କହିଛନ୍ତି, ମାଗଣା ପୁସ୍ତକ ଯୋଗାଇବା ପୂର୍ବ ବିଜେଡି ସରକାରଙ୍କ ଏକ ପଦକ୍ଷେପ ଥିଲା । କିନ୍ତୁ ଏହି ସୁବିଧା ସୁଯୋଗରେ କାହିଁକି ଅନିୟମିତତା ହେଉଛି ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷାମନ୍ତ୍ରୀ ଜବାବ ଦିଅନ୍ତୁ । ଯଦି ଶିକ୍ଷାବର୍ଷ ଆରମ୍ଭ ହେବା ପୂର୍ବରୁ ଛାତ୍ରଛାତ୍ରୀଙ୍କୁ ପାଠ୍ୟପୁସ୍ତକ ଉପଲବ୍ଧ କରାନଯାଏ, ଛାତ୍ରଛାତ୍ରୀଙ୍କ ଭବିଷ୍ୟତର ସୁରକ୍ଷା ପାଇଁ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ବିଜୁ ଛାତ୍ର ଜନତା ଦଳ ସରକାରଙ୍କୁ ଚେତାବନୀ ଦେଇଛି ।

## ସୂକ୍ଷ୍ମ କଳାକୃତିରେ ରାମମନ୍ଦିର ମଡେଲ ନିର୍ମାଣ

ଜଟଣୀ, (ସବ୍ୟୁ) : ସ୍ଥାନୀୟ ହାଟବଜାର ଗୋପୀନାଥପୁର ଅଞ୍ଚଳର ସୁକ୍ଷ୍ମ କଳାକାର ଏଲ ଈଶ୍ୱର ରାଓ ସୁକ୍ଷ୍ମ କଳା ମାଧ୍ୟମରେ ରାମନବମୀର ଶୁଭେଚ୍ଛା ଜଣାଇଛନ୍ତି । ସେ ଚକ୍ ଖଣ୍ଡରେ ଚାରି ଇଞ୍ଚ୍ ଉଚ୍ଚତା ଓ ଚାରି ଇଞ୍ଚ ଓସାରର ତିଆରି ଅଯୋଧ୍ୟା ରାମ ମନ୍ଦିରର ମଡେଲ କରିଛନ୍ତି । ଏହି କାରୁକାର୍ଯ୍ୟ କରିବା ପାଇଁ ତାଙ୍କୁ ସାତ ଦିନ ସମୟ ଲାଗିଥିଲା ।



## ଟାୱାର ଉପରରେ ଯୁବକ : ପୋଲିସ-ଦମକଳ ବାହିନୀ ନାକେଦମ

ମୋରଡା,(ସବ୍ୟୁ): ମୟୂରଭଞ୍ଜ ଜିଲା ମୋରଡା ଥାନା ତଥା ଚିତ୍ରଡା ଫାଣ୍ଡି ଅଞ୍ଚଳରେ ଜଣେ ମାନସିକ ବିକୃତ ଯୁବକଙ୍କ ପାଇଁ ପୋଲିସ ଓ ଦମକଳ ବାହିନୀକୁ ନାକେଦମ ହେବାକୁ ପଡିଛି । ଘଟଣା ଅନୁଯାୟୀ, ଉକ୍ତ ଫାଣ୍ଡି ଅଧୀନ ଚିତ୍ରଡା ବଜାର ନିକଟରେ ଥିବା ଏଆରଟେଲ ଟାଓ୍ୱାରରେ ଗୁରୁବାର ସକାଳ ପ୍ରାୟ ୭ଟାରେ ସୋନୁ ମହାନ୍ତ ନାମକ ଜଣେ ଯୁବକ ଚଢି ଯାଇଥିଲେ । ଟାୱାରଟି ୧୫୦ ଫୁଟର ଉଚ୍ଚ ଥିବାବେଳେ ପୁରା ଶୀର୍ଷକୁ ଚଢି ଯାଇଥିଲେ ଉକ୍ତ ଯୁବକ ଜଣକ । ଖବର ପାଇ ଚିତ୍ରଡା ଦମକଳ ବାହିନୀ କର୍ମଚାରୀ ଏବଂ ଚିତ୍ରଡା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ କୌଣସି କାରଣବଶତଃ ସଫଳ ହୋଇ ନ ଥିଲେ । ଖବର ଲେଖା ସୁଦ୍ଧା ଯୁବକ ଜଣକ ଟାୱାର ଉପରେ ଥିବା ଦେଖିବାକୁ ମିଳିଛି ଏବଂ ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ଅଛି ।

## ଏନ୍‌ଏଚ୍‌ଆରସି ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକଙ୍କ ଏମ୍ସ ଭୁବନେଶ୍ୱର ପରିଦର୍ଶନ

ଭୁବନେଶ୍ୱର, (ସବ୍ୟୁ) : ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି)ର ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ (ମାନବାଧିକାର ଶିକ୍ଷା ଏବଂ ଲିଙ୍ଗ ସମାନତା) ପ୍ରଫେସର କହ୍ନେୟା ତ୍ରିପାଠୀ ବୁଧବାର ଏମ୍ସ ଭୁବନେଶ୍ୱର ପରିଦର୍ଶନ କରିଥିଲେ। ଏହି ଅବସରରେ ଶ୍ରୀ ତ୍ରିପାଠୀ ମାନବାଧିକାର ଶିକ୍ଷା, ରୋଗୀସେବାରେ ସମାନତା ଏବଂ ଲିଙ୍ଗ-ସମ୍ବେଦନଶୀଳ ସ୍ୱାସ୍ଥ୍ୟସେବା ଅଭ୍ୟାସ କ୍ଷେତ୍ରରେ ଏମ୍ସ ଭୁବନେଶ୍ୱର ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପର ସମୀକ୍ଷା କରିଥିଲେ। ଏଥିସହିତ ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସଙ୍କ ସମେତ ବରିଷ୍ଠ ଅଧ୍ୟାପକ, ପ୍ରାଶାସନିକ ଅଧିକାରୀ ଏବଂ ବିଭାଗୀୟ ପ୍ରତିନିଧିଙ୍କ ସହିତ ବିସ୍ତୃତ ଆଲୋଚନା ମଧ୍ୟ କରିଥିଲେ। ସମସ୍ତଙ୍କୁ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପ୍ରଦାନ, ନିୟମିତ ଚିକିତ୍ସା ଅଭ୍ୟାସରେ ମାନବାଧିକାର ନୀତିଗୁଡ଼ିକର ଉତ୍ତମ ଅନୁପାଳନ ନିମନ୍ତେ ଏମ୍ସ ଭୁବନେଶ୍ୱରକୁ ପ୍ରଶଂସା କରିଥିଲେ ଏନ୍‌ଏଚ୍‌ଆରସି ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ। ସ୍ୱାସ୍ଥ୍ୟସେବା ପାଇଁ ସମାନ ପ୍ରବେଶ, ସୂଚିତ ସମ୍ମତି, ରୋଗୀ ସମ୍ମାନ ଏବଂ ଅଣ-ପାକ୍ଷିକତା ଭଳି ମାନଦଣ୍ଡ ବଜାୟ ରଖିବା ସହିତ ଏପରି ମାନବାଧିକାର ପ୍ରକୋଷ୍ଠ ସ୍ଥାପନ ନେଇ ସମର୍ଥନ ପ୍ରକାଶ କରିଥିଲେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ। ଏନ୍‌ଏଚ୍‌ଆରସିର ନିର୍ଦ୍ଦେଶାବଳୀ ସହିତ



ପ୍ରମୁଖ ଦିଗଗୁଡ଼ିକୁ ଏକ ଅଧିକାର-ଭିତ୍ତିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଅତ୍ୟାବଶ୍ୟକ ଉପାଦାନ ଭାବରେ ଆଲୋକପାତ କରିଥିଲେ ଶ୍ରୀ ତ୍ରିପାଠୀ। ଏହି ଅବସରରେ ଏମ୍ସ ଭୁବନେଶ୍ୱରରେ ଏକ ଉତ୍ସର୍ଗୀକୃତ ମାନବାଧିକାର ପ୍ରକୋଷ୍ଠ ସ୍ଥାପନ ନେଇ ପ୍ରସ୍ତାବ ଦିଆଯାଇଥିଲା। ରୋଗୀ ସେବା ପ୍ରଦାନରେ ସର୍ବୋଚ୍ଚ ସମନ୍ୱୟ ରଖି, ପ୍ରଚଳିତ ବ୍ୟବସ୍ଥାକୁ ଦୃଢ଼ କରିବାର ପୂର୍ଣ୍ଣ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ। ଏହି ବୈଠକରେ ଡିନ୍ ଡ. ପି. ଆର. ମହାପାତ୍ର, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, କୁଳସଚିବ ଡ. ସୁଦୀପ୍ତ ରଞ୍ଜନ ସିଂହଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ହାତୀ ଆକ୍ରମଣରୁ ସୁରକ୍ଷା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



ଢେଙ୍କାନାଳ, (ସବ୍ୟୁ) : ସଦର ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପ୍ରସାଦ ଗ୍ରାମପଂଚାୟତର ବଡନଡବ ଗ୍ରାମବାସୀମାନେ ହାତୀ ଆକ୍ରମଣରୁ ସୁରକ୍ଷା ପାଇଁ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ ଜଣାଇଛନ୍ତି। ବଡନଡବ ଗ୍ରାମ ୱାର୍ଡ ନଂ-୧ର ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ହରିଜନ ସଂପ୍ରଦାୟ ଅଟନ୍ତି। ଏହି ଗ୍ରାମରେ ଦିନରେ ମଧ୍ୟ ହାତୀ ଚଳପ୍ରଚଳ କରୁଛି, ଯାହାକି ଲୋକମାନେ ଚଳିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିକଟରେ ପଡୋଶୀ ଗ୍ରାମରେ ଦୁଇଜଣ ବ୍ୟକ୍ତିଙ୍କୁ ହାତୀ ଆକ୍ରମଣ କରି ଫୋପାଡି ଦେବାରୁ ସେମାନେ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏହି ଦୃଷ୍ଟିରୁ ଉକ୍ତ ଗ୍ରାମର ଲୋକମାନେ ଭୟଭିତ ହୋଇ ଚଳୁଛନ୍ତି। ଯାହାକି ପିଲାମାନେ ଭୟରେ ସ୍କୁଲ୍, କଲେଜ୍ ଯାଇପାରୁ ନାହାଁନ୍ତି। ଗ୍ରାମ ପାଖରେ ଥିବା ହାଟବଜାରକୁ ନିତ୍ୟ ବ୍ୟବହାର ସାମଗ୍ରୀ ପାଇଁ ଯାଇପାରୁ ନାହାଁନ୍ତି। ଗ୍ରାମ ପାଖରେ ଥିବା ସାପୁଆ ନଦୀକୁ ଗାଧୋଇବା ପାଇଁ ଯାଇ ପାରୁନାହାଁନ୍ତି। ଜଗଲଜାତ ସାମଗ୍ରୀ କାଠ କ ସାମଗ୍ରୀ ପାଇଁ ଯାଇପାରୁ ନାହାଁନ୍ତି ବହୁ କଷ୍ଟରେ ଜୀବନଯାପନ କରୁଛନ୍ତି ବୋଲି ଉଲ୍ଲେଖ କରିଛନ୍ତି।

ଏଣୁ ଉକ୍ତ ବିଷୟକୁ ତଦନ୍ତ କରି ଗ୍ରାମବାସୀଙ୍କୁ ସୁରକ୍ଷା ଦେବା ନିମନ୍ତେ ସୋଲାର୍ ଲାଇଟ୍ ଓ ପାନୀୟ ଜଳର ବ୍ୟବସ୍ଥା କଲେ ହାତୀ ଆକ୍ରମଣରୁ ରକ୍ଷା ପାଇପାରିବେ ବୋଲି ଗ୍ରାମବାସୀ ଆଜି ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଲଳିତ କୁମାର ବେହେରାଙ୍କୁ ଏକ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି। ତତ୍ ସହିତ ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କୁ ମଧ୍ୟ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଏହି ଅଭିଯୋଗ ପ୍ରଦାନ ବେଳେ ସନ୍ତୋଷ କୁମାର ନାଏକ, ରମେଶ ନାଏକ, ଅଭୟ ନାଏକ, ସଦାନନ୍ଦ ନାଏକ, ବବିତା ନାଏକ, ଖୁଲଣା ନାଏକ, ରଶ୍ମିତା ନାଏକ, ମମତା ନାଏକଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବିଦ୍ୟାଳୟରେ ପାଣି ପାଇଁ ଛାତ୍ରଛାତ୍ରୀ ହନ୍ତସନ୍ତ

# ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଅଭିଭାବକ

ଠାକୁରଗଡ଼, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଗୁଣ୍ଡୁରୀ ସରକାରୀ ଉପ୍ରା ବିଦ୍ୟାଳୟରେ ଏବେ ପାନୀୟ ଜଳସଙ୍କଟ ଦେଖାଦେଇଛି। ବିଦ୍ୟାଳୟ ପିଇବା ପାଇଁ ପାଣର ବ୍ୟବସ୍ଥା ନଥିବା ବେଳେ ଛାତ୍ରୀ ଛାତ୍ରମାନେ ହନ୍ତସନ୍ତ ହେଉଛନ୍ତି। ଏପରିକି ମଧ୍ୟାହ୍ନ ଭୋଜନ ରୋଷେଇ କରିବାରେ ମଧ୍ୟ ଅସୁବିଧା ସୃଷ୍ଟି ହେଉଛି। ଫଳରେ ଗ୍ରାମବାସୀ ଓ ଅଭିଭାବକମାନେ ଗୁରୁବାର ଦିନ ଏ ନେଇ ଏକ ଅଭିଯୋଗପତ୍ର ମାଧ୍ୟମରେ ଜିଲ୍ଲାପାଳଙ୍କୁ ଅବଗତ କରାଇଛନ୍ତି। ଏହାର ଏକ ନକଲ ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀ ଙ୍କୁ ପ୍ରଦାନ କରିଛନ୍ତି।

ଗ୍ରାମବାସୀମାନେ କହିଛନ୍ତି -ଏହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୧୧ ଜଣ ଛାତ୍ରୀ ଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ସେମାନେ ପାଣି ପିଇବା ପାଇଁ ବିଦ୍ୟାଳୟ ରେ ନଳକୂଅଟିଏ ମଧ୍ୟ ନାହି। ୧୧୧ ଜଣ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ରୋଷେଇ କରିବା ପାଇଁ ମଧ୍ୟ ପାଣିର ବ୍ୟବସ୍ଥା ନାହି। ଫଳରେ ବିଦ୍ୟାଳୟ କର୍ତ୍ତୃପକ୍ଷ ନିକଟରେ ଥିବା ଜଣେ ବ୍ୟକ୍ତିଙ୍କ ଘରୁ ପାଣି ଆଣି ମଧ୍ୟାହ୍ନ ଭୋଜନ ରୋଷେଇ କରୁଥିବା ବେଳେ ଅନ୍ୟ ଏକ ଘରୁ ଛାତ୍ରୀ ଛାତ୍ର ଙ୍କୁ ପିଇବା ପାଇଁ ପାଣି ଆଣି ଦେଉଛନ୍ତି। ଛାତ୍ରୀ ଛାତ୍ର ମାନେ ମଧ୍ୟାହ୍ନ ଭୋଜନ ଖାଇବା ପରେ ନିଜ ଥାଳି ଧୋଇବା ପାଇଁ ୪ ସହ ମିଟର ଦୂରରେ ଥିବା ଏକ ନାଳ ଉପରେ ନିର୍ଭର କରୁଛନ୍ତି ରାସ୍ତା କଡରେ ଏହି ବିଦ୍ୟାଳୟ ପଡୁଥିବା ବେଳେ ଅନେକ ସରକାରୀ ଅଧିକାରୀ ବିଦ୍ୟାଳୟକୁ ଅଚାନକ ଗସ୍ତ କରି ସମସ୍ୟା ତଦାରଖ କରିଥିବା ବେଳେ ସେମାନଙ୍କୁ ପାଣି ସମସ୍ୟା ସମ୍ପର୍କ ରେ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣୁ ନାହାନ୍ତି। ଫଳରେ ଛାତ୍ରୀଛାତ୍ର ମାନେ ବିପଦରେ ନାଳକୁ ଯାଉଥିବା ବେଳେ ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ପୂର୍ବରୁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ବହୁବାର ସ୍ଥାନୀୟ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ। ଏ ନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମ୍ବେଶର ବେହେରା କୁହନ୍ତି -ବିଦ୍ୟାଳୟ ରେ ପାଣି ସମସ୍ୟା ଲାଗି ରହିଛି। ଏ ନେଇ ବିଭାଗୀୟ ଅଧିକାରୀ ଙ୍କୁ ଅବଗତ କରା ଯାଇଛି। ଏ ନେଇ ଆଠମଲ୍ଲିକ ଭାରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ସୁନିଲ କୁମାର ପ୍ରଧାନ କୁହନ୍ତି -ଉକ୍ତ ବିଦ୍ୟାଳୟରେ ଥିବା ପାଣି ସମସ୍ୟା ସମ୍ପର୍କରେ ଆମେ ଜିଲ୍ଲା ପ୍ରଶାସନ କୁ ଅବଗତ କରାଇଛୁ। ଶୀଘ୍ର ସମାଧାନ ହୋଇ ଯିବ।



# ମହିଳାଙ୍କୁ ମାଡ଼ ଅଭିଯୋଗ

ଠାକୁରଗଡ଼, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ଖଡରା ମୁଣ୍ଡା ଗ୍ରାମର ମିନତୀ ସାହୁଙ୍କୁ ତାଙ୍କ ଦେଢଶୁର ତ୍ରିପୁର ସାହୁ ଓ ତାଙ୍କ ଝିଆରୀ ଲିକି ସାହୁ ମାଡ଼ ମାରିବା ସହ ହତ୍ୟା କରିବା ପାଇଁ ଧମକ ଦେଇଥିବା ମିନତୀ ବୁଧବାର ଦିନ ଠାକୁର ଗଡ଼ ଥାନା ରେ ଅଭିଯୋଗ କରିଛନ୍ତ। ତାଙ୍କ ଅଭିଯୋଗ କୁ ଭିତ୍ତି କରି ପୋଲିସ ନମ୍ବର ୬୩/୨୬ ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ କହିଛି -ମିନତୀଙ୍କ ଘର ପାଖରେ ତ୍ରିପୁର ଘର କରିବା ପାଇଁ ନିଅ ଖୋଳୁଥିଲେ। ତାଙ୍କ ଘର ଭୁଶୁଡି ପଡିବ ବୋଲି ମିନତୀ କହିଥିଲେ। ହେଲେ ଏଥିରେ ତ୍ରିପୁର ଓ ଲିକି ଉତକ୍ଷିପ୍ତ ହୋଇ ମାଡ଼ ମାରିବା ସହ ହତ୍ୟା କରିବା ପାଇଁ ଧମକ ଦେଇଥିବା ଅଭିଯୋଗପତ୍ରରେ ଉଲେଖ କରାଯାଇଛି।

# ଅନୁଗୁଳରେ ଖୋଲିଲା ଚାନ୍ଦି ଭଣ୍ଡାରର ୨୭ତମ ଷ୍ଟୋର

ଅନୁଗୁଳ, (ସବ୍ୟୁ) : ଅକ୍ଷର ତୃତୀୟାର ପବିତ୍ର ଅବସରରେ ରାଜ୍ୟର ଅନ୍ୟତମ ଅଗ୍ରଣୀ ତଥା ବହୁ ଭରସାଯୋଗ୍ୟ ରୂପା ଗହଣା ବ୍ରାଣ୍ଡ ଚାନ୍ଦି ଭଣ୍ଡାର ଅନୁଗୁଳରେ ଏହାର ଏକ ନୂଆ ଷ୍ଟୋର ଖୋଲିଛି। ଏହା ଅନୁଗୁଳରେ ବ୍ରାଣ୍ଡର୨ୟ ଏବଂ ସମଗ୍ର ଓଡ଼ିଶାରେ ୨୭ତମ ଷ୍ଟୋରା ବଜରାପଡ଼ା ଗାନ୍ଧିମାର୍ଗ ଛକ ସ୍ଥିତ ଓ୍ୱାର୍ଲଡ଼ ଅଫ ଟାଇଟନ ନିକଟରେ ଏହା ଖୋଲିଛି।

ବ୍ରାଣ୍ଡର ୧୨ ବର୍ଷର ଯାତ୍ରାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏଥିସହିତ ବ୍ରାଣ୍ଡ ରୂପା କାରିଗରୀ ଏବଂ ଶୁଦ୍ଧତା ଓ ଡିଜାଇନ କ୍ଷେତ୍ରରେ ନୂଆ ମାନଦଣ୍ଡ ସ୍ଥାପନ ପରିଭାଷିତ କରିବାର ବିରାସତକୁ ମଜଭୁତ କରିଛି। ଅମଲପଡ଼ା ଲେନ-୨ ଷ୍ଟୋରର ସଫଳତା ପରେ ଏହି ସମ୍ପ୍ରସାରଣ ସ୍ୱାଭାବିକ। କାରଣ ଚାନ୍ଦି ଭଣ୍ଡାର ରୂପା ଗହଣା ଶିଳ୍ପରେ ଏହାର ନେତୃତ୍ୱକୁ ଜାରି ରଖିଛି। ଅନୁଗୁଳର ହୃଦୟରେ ଅବସ୍ଥାପିତ ଏହି ନୂଆ ଷ୍ଟୋର ୨୦୦୦ ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ନିର୍ମିତ। ଏହି ମେଗା ଉଦ୍ଘାଟନକୁ ପାଳନ କରିବା ପାଇଁ ଅନୁଗୁଳ ଷ୍ଟୋର ପ୍ରତି ଅବସର ପାଇଁ ଷ୍ଟର୍ଲିଂ ରୂପାର ଉତ୍କୃଷ୍ଟ ସମ୍ଭାର ପ୍ରଦାନ କରୁଛି। ୯୨.୫%ଶୁଦ୍ଧ ରୂପା ବାସନରୁ ଆରମ୍ଭ କରି ପ୍ରିମିୟମ ଗହଣା ପର୍ଯ୍ୟନ୍ତ ଷ୍ଟୋରରେ ମହିଳା, ପୁରୁଷ ଏବଂ ପିଲାମାନଙ୍କ ପାଇଁ ବ୍ୟାପକ ରେଞ୍ଜ ରହିଛି। ଯାହାକି ଫେଷ୍ଟିଭ ସେଲିବ୍ରେଶନ ଏବଂ ନିତିଦିନିଆ ବ୍ୟବହାର ପାଇଁ ସର୍ବୋତ୍କୃଷ୍ଟ। ପୁରୁଷଙ୍କ ରୂପା ଗହଣା ଚାହିଦାକୁ ଦୃଷ୍ଟିରେ ରଖି ଆମୋଘ କଲେକ୍ସନ ଷ୍ଟୋରରେ ଉପଲବ୍ଧ, ଯେଉଁଥିରେ ବ୍ରେସ୍ଲେଟ, ମୁଦି, କଫ୍ଲିଙ୍କ ଏବଂ ଚେନ ଆଦି ରହିଛି। ପିଲାମାନଙ୍କ ପାଇଁ କୌତୁକିଆ ଏବଂ ପ୍ରିମିୟମ କିଡ୍ସ କଲେକ୍ସନ ଉପଲବ୍ଧ।



ସର୍ବୋତ୍ତମ ଗହଣା ସହିତ ଆହୁରି ଅଧିକ କିଛି ପ୍ରଦାନ କରୁଛି ଚାନ୍ଦି ଭଣ୍ଡାର। ପାରମ୍ପରିକ ରୂପା ଆଇଟମ ସହିତ ଅତ୍ୟାଧୁନିକ ଲାଇଫ ଷ୍ଟାଇଲ ଉତ୍ପାଦ ଏହା ଉପଲବ୍ଧ କରିଥାଏ। ପରିବାରର ସମସ୍ତ ସଦସ୍ୟଙ୍କ ଆବଶ୍ୟକତାକୁ ଚାନ୍ଦି ଭଣ୍ଡାର ପୂରଣ କରିଥାଏ। ଏ କଲେକ୍ସନରେ ମଧ୍ୟ ରହିଛି ଟି' ସେଟ, ଇଡେନ ସିଲ୍ଭର-ଓ୍ୱାର୍କ ଟ୍ରେ ଏବଂ ସୁନ୍ଦର ଲାଲଷ୍ଟାଇଲ ପିସ। ସ୍ୱତନ୍ତ୍ର ଲଞ୍ଚିଙ୍ଗ ଅଫର ଭାବେ ଚାନ୍ଦି ଭଣ୍ଡାର ଗଢ଼ା ମଜୁରିରେ ୫୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି। ଏହା ଏପ୍ରିଲ ୪ରୁ ୧୯ ପର୍ଯ୍ୟନ୍ତ ଉପଲବ୍ଧ। ବ୍ରାଣ୍ଡର ସିଗ୍ନେଚର କଲେକ୍ସନ ଲାଭ କରିବାର ଏହା ପ୍ରକୃଷ୍ଟ ସମୟ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି।

ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତା ଲିଂ। ହଂସ କୁହନ୍ତି ଏଠାରେ ୨ୟ ଷ୍ଟୋର ଖୋଲାଯିବା ଆମ ଗ୍ରାହକଙ୍କ ଦୃଢ଼ ବିଶ୍ୱାସକୁ ପ୍ରତିଫଳିତ କରୁଛି। ନିରନ୍ତର ସମ୍ପ୍ରସାରଣରେ ଅଂଶବିଶେଷ ଚାନ୍ଦି ଭଣ୍ଡାର ବରଗଡ଼ରେ ଏହାର ୨୮ତମ ଷ୍ଟୋର ଖୋଲିବାକୁ ଯାଉଛି। ରାଜ୍ୟ ବାହାରେ ଉପସ୍ଥିତି ବଢ଼ାଇବାର ଲକ୍ଷ୍ୟ କ୍ରମେ ବ୍ରାଣ୍ଡ ରାୟପୁରରେ ଏହାର ପ୍ରଥମ ଦୁଇଟି ଷ୍ଟୋର ଖୋଲିବ। ଏଥିସହିତ ରାଜ୍ୟ ବାହାରେ କାରବାର ଆରମ୍ଭ କରିବ ଚାନ୍ଦି ଭଣ୍ଡାର।

ଚାନ୍ଦି ଭଣ୍ଡାର ରାଜ୍ୟର ସର୍ବବୃହିତ ରୂପା ଗହଣା ଚେନ ଷ୍ଟୋର। ୨୦୧୩ରେ ଏକ ସ୍ୱତନ୍ତ୍ର ସିଲଭର ଷ୍ଟୋର ଭାବେ ଏହା ଓଡ଼ିଶାରେ ସ୍ଥାପିତ ହୋଇଥିଲା। ବର୍ତ୍ତମାନ ଏହାର ଷ୍ଟୋର ସଂଖ୍ୟା ସମଗ୍ର ରାଜ୍ୟରେ ୨୮ରେ ପହଞ୍ଚିଛି। ଗ୍ରାହକଙ୍କୁ ବ୍ୟାପକ ରେଞ୍ଜ ରୂପା ଉତ୍ପାଦ ଯୋଗାଇବା, ଜୀବନକାଳ ମାଗଣା କ୍ଲିନିଂ, ସର୍ବୋତ୍ତମ ବଦଳ ନୀତି, କଷ୍ଟମାଇଜେସନ, କ୍ରୟ ପୂର୍ବରୁ ପରଖିବା, ଭାଲ୍ୟୁ ଫର୍ ମନି ଏବଂ ହଲମାର୍କଯୁକ୍ତ ଓ କ୍ୱାଲିଟି ଉତ୍ପାଦ ଚାନ୍ଦି ଭଣ୍ଡାରର ପ୍ରତିଶୃତି ବୋଲି ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଚାନ୍ଦି ଭଣ୍ଡାର ଷ୍ଟୋରର ନିର୍ଦ୍ଦେଶକ ମାନିକ ହଂସ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶକ ମାନିକ ହଂସ, ଗ୍ରାହକ ସୁବୀର ଆରଲାଣ୍ଡ,ବରିଷ୍ଠ ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦ,ବିଶିଷ୍ଟ ବ୍ୟବସାୟୀ ଦ୍ୱାରିକା ପ୍ରସାଦ ମୋଦୀ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଚାନ୍ଦି ଭଣ୍ଡାରର ୨୭ତମ ଷ୍ଟୋରକୁ ଉଦଘାଟନ କରିଥିଲେ।

## ମା ବାସନ୍ତିକ ନବରାତ୍ରି ଦୁର୍ଗାପୂଜା

ଆଠମଲ୍ଲିକ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ସହରସ୍ଥିତ ଦୁର୍ଗାବଜାର ଦୁର୍ଗା ମଣ୍ଡପରେ ମା ବାସନ୍ତିକ ନବରାତ୍ରି ଦୁର୍ଗାପୂଜା ଆରମ୍ଭ ହୋଇଯାଇଛି। ପ୍ରଥମ ଥରପାଇଁ ଏହି ପୂଜା ଅନୁଷ୍ଠିତ ହୋଇଥିବାରୁ ସହରବାସୀ ବହୁତ ଖୁସି ପ୍ରକଟ କରିଛନ୍ତି। ମଙ୍ଗଳବାର ସକାଳ ୮.୧୫ ମିନିଟ ସମୟରେ କଳସ ଯାତ୍ରା କରି ଲିପ୍ତିଙ୍ଗା ପୋଖରୀରୁ ପାଣି ଅଣାଯାଇଥିଲା। ମଣ୍ଡପରେ ମା ଦୁର୍ଗାଙ୍କର ମହାସ୍ନାନ କରାଯାଇଥିଲା ଏବଂ ଯଥାରିତି ପୂଜାର୍ଚ୍ଚନା କରାଯାଇଥିଲା। ପୂଜକ ପ୍ରମୋଦ କୁମାର ପାଣିଗ୍ରାହୀ ପୂଜାକାର୍ଯ୍ୟ କରୁଥିବା ବେଳେ ଦୁର୍ଗାପୂଜା କମିଟି ସ୍ଥାୟୀ ସଭାପତି ସୁଧାଂଶୁ ଶେଖର ବେହେରା, ଉପ -ସଭାପତି ନିତ୍ୟାନନ୍ଦ ରାଉତ, ସମ୍ପାଦକ ମଳୟ କୁମାର ବେହେରା, ସହ -ସମ୍ପାଦକ ଅବନୀ କୁମାର ପ୍ରଧାନ ଏବଂ ମୁଖ୍ୟ ଉପଦେଷ୍ଟା ଶ୍ରୀକାନ୍ତ ମିଶ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତା ପୂଜାର ଆୟୋଜନ କରିଥିଲେ। ପୂଜାରେ କର୍ତ୍ତା ଭାବରେ ମନୋଜ କୁମାର ତ୍ରିପାଠୀ ଏବଂ ଶ୍ରୋତାଲିନ ତ୍ରିପାଠୀ ସସ୍ତ୍ରିକ ଦାୟିତ୍ୱ ତୁଲାଇ ଥିଲେ। ନଅ ଦିନ ଧରି ପୂଜା କାର୍ଯ୍ୟକ୍ରମ ଚାଲିବା ସହ ଆସନ୍ତା ୨୮/୦୩/୨୬ ତାରିଖ ଶନିବାର ଦଶମୀ ତିଥିରେ ପୂର୍ଣ୍ଣାହୁତି ପଡିବ ବୋଲି କମିଟି ସଭାପତି ଶ୍ରୀ ବେହେରା ସୂଚନା ଦେଇଥିଲେ।

# ଆଠମଲ୍ଲିକ ଗଡୁଆ ଦଣ୍ଡଯାତ୍ରାର ଶୁଭାରମ୍ଭ

ଆଠମଲ୍ଲିକ ,(ସବ୍ୟୁ) : ରାଜା ରାଜୁଡା ଅମଳ ରୁ ରାମେଶ୍ୱରପାଟଣା ସ୍ଥିତ ରାମେଶ୍ୱର ବାବାଙ୍କ ମହାଦେବ ମନ୍ଦିରର କାମନା ଘରେ ପୂଜା ପାଇ ଆସୁଥିବା ସର୍ବ ପୁରାତନ ଗଡୁଆ ଦଣ୍ଡର ଚଳିତ ବର୍ଷ ଦଣ୍ଡଯାତ୍ରା ଆରମ୍ଭ ହୋଇଯାଇଛି। ଗୁରୁବାର ରାତିରେ ପୂଜକ ସୁବ୍ରତ ବେହେରା ମାଳିଙ୍କ ଦ୍ୱାରା ଯଥା ପୂଜା ରୀତିନୀତି ପରେ ଦଣ୍ଡ ଉଠିଥିଲା। ସକାଳେ ବାବା ଭୁବନେଶ୍ୱର ଓ ମା ଦକ୍ଷିଣ କାଳୀଙ୍କୁ ସାଙ୍ଗ ରେ ଧରି ଦଣ୍ଡୁଆମାନେ ମା ମାହେଶ୍ୱରୀଙ୍କ ମନ୍ଦିରକୁ ଯାଇଥିଲେ। ସେଠାରେ ବନ୍ଦାଣ କିଣିଲା ପରେ ସହର ପରିକ୍ରମା କରି ବଙ୍ଗଳା ସାହି ଜୈନେକ ଭକ୍ତଙ୍କ ଘରକୁ ଯାଇଥିଲେ। ୨୧ ଦିନ ଧରି ବାହାରକୁ ବାହାରି ଥିବା ଦଣ୍ଡଯାତ୍ରା ପ୍ରଥମ ଦିନ ବଙ୍ଗଳାସାହିରେ ଦଣ୍ଡଯାତ୍ରା ହେବାର ସ୍ଥିର ହୋଇଥିଲା।



ଦଣ୍ଡ ଯାତ୍ରା କମିଟି ସଭାପତି ପଞ୍ଚମନ ନାୟକ, ସମ୍ପାଦକ ତପନ ବାଘ, କୋଷାଧକ୍ଷ ଗଗନ କୁମାର ବାହୁକ, ପରିଚାଳନା କମିଟି ସଭ୍ୟ ସୁନିଲ ରଣା, ଅଜୟ ରଣା, ସୁଧୀର ବାଘ, ସମ୍ବିତ ରଣା,ରାକେଶ ବେହେରା, କୁନ ପାଣ୍ଡେ, ସାହିଲ କ୍ଷେତି ଓ ପାଟ ଭୋକ୍ତା ଲିଟନ ଲଉରିଆ, ପାଟ ଡୁଲିଆ ସାନନ୍ଦ ବେହେରା, ପୂଜକ ସୁବ୍ରତ ବେହେରା ମାଳିଙ୍କ ସମେତ ବହୁ ଦଣ୍ଡୁଆ ଦଣ୍ଡଯାତ୍ରାରେ ସାମିଲ ହୋଇଥିଲେ। ମହାବିଷୁବ ସଂକ୍ରାନ୍ତି ରେ ସ୍ୱତନ୍ତ୍ର ପୂଜା ରୀତିନୀତି ସହ ଉଦଯାପନୀ ହେବାର ସ୍ଥିର ହୋଇଛି।

## ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ପଦବୀ ପୂରଣ କରିବା ଦାବିରେ

# ଏଆଇଡିଏସଓର ଦାବି ଦିବସ

ବାରିପଦା, (ସବ୍ୟୁ) : ଏଆଇଡିଏସଓ ଓଡ଼ିଶା ରାଜ୍ୟ କମିଟି ଆହ୍ୱାନରେ ଆଜି ସାରା ଓଡ଼ିଶା ଦାବି ଦିବସ ରାଜ୍ୟରେ ପାଳନ କରାଯାଉଥିବା ବେଳେ, ମୟୂରଭଞ୍ଜ ଜିଲ୍ଲା କମିଟି ପକ୍ଷରୁ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଦାବି ଦିବସ ପାଳନ କରାଯାଇଛି ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କୁଳପତିଙ୍କୁ ମେଲ୍ ମାଧ୍ୟମରେ ପ୍ରଦାନ କରାଯାଇଛି। ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥାରେ ଦେଖାଦେଇଥିବା ଗଭୀର ସଙ୍କଟ ପ୍ରତି ଦୃଷ୍ଟି ଆକର୍ଷଣ କରୁଥିବାବେଳେ ରାଜ୍ୟର ଅଧିକାଂଶ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକ ଏକ ପ୍ରକାର ନିଷ୍କ୍ରିୟ ଅବସ୍ଥାରେ ଗତି କରୁଛନ୍ତି। ବିଧାନସଭା ଅଧିବେଶନରେ ଆପଣଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କହିବାନୁଯାୟୀ ରାଜ୍ୟର ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟରେ ମଞ୍ଜୁରୀ ପ୍ରାପ୍ତ ୨୦୭୯ ଅଧ୍ୟାପକ ପଦବୀରୁ ୧୪୩୪ ପଦ ଖାଲି ପଡିଛି। ସେହିପରି ୨୯୪୦ ମଞ୍ଜୁରୀ ପ୍ରାପ୍ତ ଶିକ୍ଷା କର୍ମଚାରୀ ରହିବା ସ୍ଥାନରେ ୨୧୭୧ ପଦବୀ ଖାଲି ପଡିଛି। ଅଧିକାଂଶ ସ୍ଥାନରେ କୁଳପତି ପଦବୀ ଫାଙ୍କା ପଡିଛି। ଏଥିରୁ ସ୍ପଷ୍ଟ ଅନୁମେୟ ରାଜ୍ୟରେ ବିଶ୍ୱବିଦ୍ୟାଳୟ ଗୁଡିକ କିପରି ଚାଲିଛି। ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ପରି ସର୍ବୋଚ୍ଚ ପଦବୀ ଖାଲି ପଡ଼ିଥିବାରୁ ପ୍ରଶାସନିକ ତଥା ଶୈକ୍ଷିକ ନିଷ୍ପତ୍ତି ଗ୍ରହଣରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଅଧ୍ୟାପକ, ପ୍ରଫେସର ଅଭାବରୁ ନିୟମିତ କ୍ଲାସ୍ ହୋଇ ପାରୁନାହିଁ, ଯାହାଫଳରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଉଛି। ସ୍ଥାୟୀ ପ୍ରଫେସର ଓ ଗାଇଡ୍‌ମାନଙ୍କ ଅଭାବରୁ ବିଶ୍ୱବିଦ୍ୟାଳୟ ସ୍ତରରେ ଗବେଷଣାମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହେଉଛି। ତେଣୁ ତୁରନ୍ତ ସରକାରୀ ବିଶ୍ୱବିଦ୍ୟାଳୟଗୁଡିକର ଅଚଳାବସ୍ଥା ଦୂର କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ। ଦାବି ପୂରଣ ନହେଲେ ଆଗାମୀ ଦିନରେ ସାରା ରାଜ୍ୟରେ ଦୁର୍ବାର ଛାତ୍ର ଆନ୍ଦୋଳନ ଗଢିଉଠିବ। ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ଏଆଇଡିଏସଓର ମୟୂରଭଞ୍ଜ ଜିଲ୍ଲା ସମ୍ପାଦକ ଫୁଲଚାନ୍ଦ ଲୋହାର, ଜିଲ୍ଲା ଅଫିସ ସମ୍ପାଦକ ଯତୀନ ବାନରା, ଜିଲ୍ଲା କମିଟି ସଦସ୍ୟ ବାପୁନ୍ ବାନରା, ପିଙ୍କୁ ମହାନ୍ତ, ବିଶିକେଶନ ଜାଲ ଏବଂ ସଂଗଠନର ପୂର୍ବତନ ଜିଲ୍ଲା କମିଟି ସଦସ୍ୟ ସାଧୁ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

# ହୋଟେଲରେ ଦେହ ବେପାର ସାଙ୍ଗକୁ ଜମୁଛି ମଦ ଆସର

ବଁଅରପାଳ ,(ସବ୍ୟୁ): ଅନୁଗୋଳ ଜିଲ୍ଲା ନାଲକୋ ନଗର ଥାନା ଅଞ୍ଚଳ ବ୍ରାଉନ ସୁଗର ବେପାରୀଙ୍କ ପ୍ରମୁଖ ସ୍ଥାନ ପାଲଟିଥିଲା ବେଳେ ଏବେ ଦେହଜୀବି ମାନଙ୍କର ସୁରକ୍ଷିତ ସ୍ଥାନ ପାଲଟିଛି। ଅଭିଯୋଗରୁ ଜଣାଯାଏ ଯେ, ଏହି ଅଞ୍ଚଳରେ ଥିବା କିଛି ହୋଟେଲ ଓ ଲଜ ଗୁଡିକରେ ଖୁଲମ ଖୁଲା ଚାଲିଛି ଦେହବେପାର। ଦଲାଲମାନେ କୋଲକାତା ଓ ଭୁବନେଶ୍ୱର ଅଞ୍ଚଳରୁ ଦେହଜୀବି ମାନଙ୍କୁ ଆଣି ହୋଟେଲ, ଲଜ ଓ ଘର ଭଡାନେଇ ରହୁଥିବା ଯୁବକମାନଙ୍କୁ ସୁନ୍ଦରୀ ଯୁବତୀ ଯୋଗାଉଛନ୍ତି। ଫଳରେ ସନ୍ଧ୍ୟା ହେଲେ ଏହି ସବୁ ସ୍ଥାନରେ ଯୁବକ, ନିଶା ବେପାରୀ , ଖଣି ମାଫିଆ ଓ ବିଭିନ୍ନ ଶିଳ୍ପାନୁଷ୍ଠାନରେ କାର୍ଯ୍ୟ କରୁଥିବା ଅଣଓଡିଆ ଶ୍ରମିକମାନଙ୍କ ଭିଡ଼ ଜମୁଛି। କିଛି ଦେହଜୀବି ବିଭିନ୍ନ ପ୍ରକାରର ବେଶବୁଶାରେ ସଜେଇ ହୋଇ ନିଛାଟିଆ ରାସ୍ତା କଡରେ ଛିଡା ହୋଇ ଗ୍ରାହକ ଅପେକ୍ଷାରେ ରହୁଛନ୍ତି। ଏଥିସହିତ କିଛି ନାବାଳକ ଯୁବକ ଯୁବତୀ ଦିନ ସମୟରେ ହୋଟେଲ ଓ ଲଜକୁ ଆସି ରୋମାନ୍ସ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଜଦି ଏହାକୁ ରୋକାନଯାଏ ଏଚଆଇଭି ମହାମାରୀ ସୃଷ୍ଟି କରିବ। ସେହିପରି ହୋଟେଲ ଓ ରେଷ୍ଟୁରାଣ୍ଟ ଗୁଡିକ ତଳ ମହଲାରେ ଖାଦ୍ୟ ବିକ୍ରି କରୁଥିବା ବେଳେ ଉପର ମହଲାରେ ବେଆଇନ ବାର୍ ଖୋଲିଛି। ଯାହା ଫଳରେ ଅସାମାଜିକ ବ୍ୟକ୍ତିମାନେ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ବସି ମଦ୍ୟପାନ କରୁଛନ୍ତି। ଢାବା ହୋଟେଲ ,ରେଷ୍ଟୁରାଣ୍ଟ ଗୁଡିକର ପାର୍କିଂ ବ୍ୟବସ୍ଥା ନଥିବାରୁ କାର ,ବାଇକ ଗୁଡିକ ରାସ୍ତାରେ ପାର୍କ କରୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ନାଲକୋ ନଗର ଥାନାଠାରୁ ୫୦ ରୁ ୧୦୦୦ ମିଟର ଦୂରତାରେ ଏଭଳି ବେଆଇନ କାରବାର ଚାଲୁଥିବା ଅଭିଯୋଗ ହେଉଛି। ଜିଲ୍ଲା ଉଚ୍ଚ ପୋଲିସ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତାର ହାତ

ହିନ୍ଦୋଳ/ରାସୋଳ, (ସବ୍ୟୁ) : ହିନ୍ଦୋଳ ଉପଖଣ୍ଡ ନୂଆବଗ ଗାଁରେ ଗତ ୨୩ ତାରିଖ ଅପରାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟି ସାତ ଗୋଟି ପରିବାର ସର୍ବସ୍ୱାନ୍ତ ହୋଇଯାଇଛନ୍ତି। ଏହି ଅଗ୍ନିକାଣ୍ଡରେ ୧୪ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ସମସ୍ତ ଆସବାବପତ୍ର ସମେତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡିଜଳି ନଷ୍ଟ ହୋଇଯାଇ ଥିବାବେଳେ ଗୁହାଳରେ ବନ୍ଧା ଯାଇଥିବା ଏକ ବାଛୁରୀ ମଧ୍ୟ ଜୀବନ୍ତ ପୋଡ଼ିଯାଇଥିବାର ଦେଖିବାକୁ ମିଳିଥିଲା। ବର୍ତ୍ତମାନ ସମସ୍ତ ସାତ ଗୋଟି ପରିବାରର ସଦସ୍ୟମାନେ ଖୋଲା ଆକାଶ ତଳେ ପାଖ ପଡୋଶୀଙ୍କ ଘର ବାରଣ୍ଡାରେ ମୁଣ୍ଡ ଗୁଞ୍ଜି ଆଶ୍ରା ନେଇଥିବା ବେଳେ ଅଦ୍ୟାବଧି ସରକାରଙ୍କ ତରଫରୁ କୌଣସି ସହାୟତା ମିଳି ନଥିବା ସୂଚନା ମିଳିଛି। ଏପରି ପରିସ୍ଥିତି ରେ ନୂଆବଗ ପଞ୍ଚାୟତ ସରପଞ୍ଚ ମାନସ ଦେହୁରୀ ଅଗ୍ନି ବିପନ୍ନ ପରିବାର ପାଇଁ ତିନି ଦିନ ର ରନ୍ଧା ଖାଦ୍ୟ ଯୋଗାଇ ଦେଇଥିବା ବେଳେ ୨୫ ତାରିଖ ଦିନ ସମଗ୍ର ଓଡ଼ିଶା ସେବା ଅଭିଯାନ ରେ ସାମିଲ ଥିବା ହିନ୍ଦୋଳ ର ଅନ୍ୟତମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରଦ୍ଧା ଶକ୍ତି ସେବା ସଂସ୍ଥାନ(ଜନ ମଙ୍ଗଳ) ତରଫରୁ ଅଗ୍ନି ବିପନ୍ନ ପରିବାରର ମୁଖ୍ୟଙ୍କୁ ପାଞ୍ଚ ଦିନର ରାସନ ସାମଗ୍ରୀ ଯଥା ଚାଉଳ, ଡାଲି, ଚୁଡା, ଚିନି, ଗୁଡ଼, ଅଟା, ଛତୁଆ, ଚାହା, ମସଲା ଗୁଣ୍ଡ, ସାବୁନ, ମହମବତୀ, ଦିଆସିଲି, ମଶା ଧୂପ, ସୋରିଷ ତେଲ ଓ ଶାଢ଼ୀ, ଧୋତି, ଲୁଙ୍ଗି ଆଦି ପ୍ରଦାନ କରାଯାଇଛି। ସଂଗଠନର ଅନ୍ୟତମ ଉପଦେଷ୍ଟା ସତ୍ୟଭାମା ମିଶ୍ରଙ୍କ ଉପସ୍ଥିତିରେ ପ୍ରତିଷ୍ଠାତା ବିଭୁ ପ୍ରସାଦ ଶତପଥୀଙ୍କ ତତ୍ତ୍ୱାବଧାନରେ ସଭାନେତ୍ରୀ ନିରୁପମା ମିଶ୍ର, ଉପସଭାନେତ୍ରୀ ପ୍ରତିମା ପାଲ, ସଂଯୋଜକ ଚନ୍ଦନ ସାହୁ ଓ ଆଜୀବନ ସେବକ ପ୍ରଶାନ୍ତ ଦାସ,ନିରାକାର ବୈଦ୍ୟ ସମବେତ ଭାବେ ଅଗ୍ନିବିପନ୍ନ ପରିବାରଙ୍କୁ ସମବେଦନା ଜ୍ଞାପନ କରିବା ସହିତ ସହୃଦୟତା ପୂର୍ଣ୍ଣ ସହଯୋଗର ହାତ ବଢ଼ାଇଥିଲେ।



ପ୍ରତିଷ୍ଠାତା ବିଭୁ ଶତପଥୀ ଏଭଳି ମହାବିପତ୍ତି ରେ ପଡ଼ିଥିବା ଲୋକ ମାନଙ୍କୁ ଆଞ୍ଚଳିକ ସ୍ତରରେ ଥିବା ସମଗ୍ର ଓଡ଼ିଶା ର ବିଭିନ୍ନ ସାମାଜିକ ଅନୁଷ୍ଠାନ ତଥା ସହୃଦୟ ବ୍ୟକ୍ତି ବିଶେଷମାନଙ୍କୁ ସହାୟତାର ହାତ ବଢ଼ାଇବାକୁ ଅନୁରୋଧ ରଖିବା ସହିତ ସରକାରଙ୍କୁ ତ୍ୱରିତ ପଦକ୍ଷେପ ପୂର୍ବକ ଆବାସ ଯୋଜନା ରେ ଘର ଯୋଗାଇ ଦେବା ଓ ଆନୁଷଙ୍ଗିକ ସରକାରୀ ସହାୟତା ଯୋଗାଇ ଦେବାକୁ ଅନୁରୋଧ ରଖିଛନ୍ତି।

## ସମଲ ବ୍ୟାରେଜ୍‌ରୁ ଜାତୀୟ ଜଳମାର୍ଗ ୫ କାର୍ଯ୍ୟ ବ୍ୟବସ୍ଥିତ ଭାବେ ଆରମ୍ଭ ହେଉ

ଅନୁଗୁଳ, (ସବ୍ୟୁ) : ଲୋକସଭାରେ ବୁଧବାର ଦିନ ଜାତୀୟ ଜଳମାର୍ଗ କାର୍ଯ୍ୟର ଅଗ୍ରଗତି ବିଷୟ ଉତଥାପନ କରିଛନ୍ତି ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି। ଚଳିତ ବର୍ଷ ଠାରୁ ଦ୍ରୁତ ଗତିରେ କାର୍ଯ୍ୟ ଆରମ୍ଭ କରାଯିବା ଉପରେ ସାମ୍ବିଧାନିକ ନିୟମ ୩୭୭ ଅନୁଯାୟୀ ବିଷୟ ଉତଥାପନ କରିଛନ୍ତି।

ଜାତୀୟ ଜଳପଥ ୫ ର କାର୍ଯ୍ୟ ତୁରନ୍ତ ଏବଂ ଏକ ବ୍ୟବସ୍ଥିତ ଉପାୟରେ ଆରମ୍ଭ କରାଯିବା ଉଚିତ। ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀ ବ୍ରାହ୍ମଣୀ ଉପରେ ଅବସ୍ଥିତ ତାଳଚେରରୁ ଜାତୀୟ ଜଳପଥ ୫ ଆରମ୍ଭ କରିବାର ପ୍ରସ୍ତାବ ଏହି ଶତାବ୍ଦୀର ଆରମ୍ଭରୁ ଆଲୋଚନାର ବିଷୟ ହୋଇଆସିଛି ବୋଲି ସାଂସଦ ଶ୍ରୀ ପାଣି କହିଛନ୍ତି। ଏଥର ଅର୍ଥମନ୍ତ୍ରୀଙ୍କ ବଜେଟ ଭାଷଣରେ ଏହି ବିଷୟକୁ ପ୍ରମୁଖ ଭାବରେ ଉଲ୍ଲେଖ କରାଯାଇଛି। ଜନସାଧାରଣଙ୍କ ମଧ୍ୟରେ ଏକ ପ୍ରଚଳିତ ଆଶା ରହିଛି ଯେ ଏହି ଜଳପଥ ପ୍ରକଳ୍ପ ସମଲ ବ୍ୟାରେଜରୁ ଧାମରା/ପାରାଦୀପ ପର୍ଯ୍ୟନ୍ତ ବିସ୍ତାର କରିବ। ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସରକାରଙ୍କ କାର୍ଯ୍ୟକାଳରେ ତତ୍କାଳୀନ ଭୂତଳ ପରିବହନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନ ଏହି ପ୍ରକଳ୍ପ ସମ୍ପର୍କରେ କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ମାର୍ଗରେ ବ୍ରାହ୍ମଣୀ ନଦୀରେ ନିର୍ମାଣ ହେବାକୁ ପ୍ରସ୍ତାବିତ ଯେକୌଣସି ସେତୁ ସମ୍ପର୍କରେ, ଯୋଜନା ପ୍ରକ୍ରିୟାରେ ଜଳପଥ ପାଇଁ ଆବଶ୍ୟକ ଉପଯୁକ୍ତ ଭୂଲମ୍ବ କ୍ଲିୟରାନ୍ସରେ ସେଗୁଡ଼ିକୁ ନିର୍ମାଣ କରିବାର ଆବଶ୍ୟକତାକୁ ତୁରନ୍ତ ଅନ୍ତର୍ଭୁକ୍ତ କରାଯିବା ଉଚିତ। କାର୍ଯ୍ୟଟି ଜରୁରୀକାଳୀନ ଭାବରେ ଆଗକୁ ବଢ଼ିବା ଉଚିତ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ସମୟରେ ନଦୀର ଉଭୟ କୂଳରେ ରହୁଥିବା ବାସିନ୍ଦାମାନଙ୍କୁ ସକ୍ରିୟ ଭାବରେ ନିୟୋଜିତ କରାଯିବା ଉଚିତ। ଏହା ବ୍ୟତୀତ, ଏହି ଜଳପଥ ପ୍ରକଳ୍ପର କାର୍ଯ୍ୟକ୍ଷମତା ଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ଥିବା ସେହି ବ୍ୟକ୍ତିମାନଙ୍କୁ ପ୍ରାଥମିକତା ଦିଆଯିବା ଉଚିତ।

# ଭୀମ ଭୋଇ ସାମର୍ଥ୍ୟ ଶିବିର



ପରଜଙ୍ଗ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ପି.ଏମ୍.ଶ୍ରୀ ମହେଶ୍ୱର ସୁବାହୁସିଂହ ନୋଡାଲ ବିଦ୍ୟାପିଠ ଠାରେ ବ୍ଲକ ସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ପରଜଙ୍ଗ ପଞ୍ଚାୟତ ସମିତିର ଆନୁକୁଲ୍ୟରେ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ଶର୍ମିଷ୍ଠା ଦଳବେହେରା ଯୋଗଦାନ କରି ଆନୁଷ୍ଠାନିକ ଭାବେ, ପ୍ରଦୀପ ପ୍ରଜ୍ୱଳନ କରି ଭିନ୍ନକ୍ଷମ ଶିବିରକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରା, ଶିଶୁ ବିକାଶ ଅଧିକାରିଣୀ କବିତା ଦାସ ଏବଂ ସମସ୍ତ ବ୍ଲକ୍ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ଅଂଶଗ୍ରହଣ କରିଥିଲେ। ଏହି ଶିବିରରେ ୧୩୦ ଜଣ ବ୍ୟକ୍ତିଙ୍କ ନାମ ପଞ୍ଜିକୃତ ହୋଇଥିଲା ସେଥିମଧ୍ୟରୁ ଅସ୍ଥିଶଲ୍ୟ ବିଭାଗର ୬ ଜଣ, ଦୃଷ୍ଟିଶକ୍ତି ବାଧିତ ବ୍ୟକ୍ତି ୧୩ ଜଣ, ଶ୍ରବଣ ଶକ୍ତି ବାଧିତ ୧୯ ଜଣ ଏବଂ ମାନସିକ ଅନଗ୍ରସର ୨୬ ଜଣ ପଞ୍ଜିକୃତ କରିଥିବା ବେଳେ, ମେଡ଼ିସିନ ପାଇଁ ୫ ଜଣ ନାମ ପଞ୍ଜିକୃତ କରିଥିଲେ।

ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରୁ ଆସିଥିବା ଅସ୍ଥିସଲ୍ୟ ବିଭାଗର ଡଃ ପ୍ରଦିପ କୁମାର ବେହେରା ,ଦୃଷ୍ଟିଶକ୍ତି ବାଧିତ ଡଃ ସଞ୍ଜିବ କୁମାର ମାହାପାତ୍ର, ପ୍ରଦୀପ କୁମାର ସାମଲ, ଶ୍ରବଣ ଶକ୍ତି ବାଧିତ ଡଃ ନମିତା ପଟ୍ଟନାୟକ, ମାନସିକ ଅନଗ୍ରସର ଡଃ ଜତିନ କୁମାର ସାହୁ ପ୍ରମୁଖ ଭିନ୍ନକ୍ଷମ ମାନଙ୍କର ପରୀକ୍ଷା ନିରୀକ୍ଷା କରିଥିଲେ। ଏହି ଅବସରରେ ୧୬ ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର ଯୋଗାଇ ଦେଇଥିବା ବେଳେ ଅନ୍ୟ ବାଧିତ ମାନଙ୍କୁ ବିଭିନ୍ନ ପ୍ରକାର ଉପକରଣ ମାନ ଯୋଗାଇ ଦେଇଥିଲେ ଏବଂ ସେମାନଙ୍କୁ ଭିନ୍ନକ୍ଷମ ସାର୍ଟିଫିକେଟ ମାନ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ତାଳଚେରକୁ ଭୂମିକମ୍ପ, ପ୍ରଦୂଷଣ କଥା ନକହିଲେ ଭଲ

ତାଳଚେର, (ସବ୍ୟୁ): ତାଳଚେରରକୁ ସବୁ ଦିଗରୁ ବିପଦ! ଜନବସତି ତଳେ ମାଟି ଫମ୍ପା ହୋଇଯାଇଥିବା ବେଳେ ଭୂପୃଷ୍ଠରେ ବାୟୁ ପ୍ରଦୂଷଣ ଲୋକଙ୍କୁ ଅଣନିଶ୍ୱାସୀ କରୁଛି। ଭୂକମ୍ପ ପ୍ରଣବ ବଳୟରେ ରହିଛି ତାଳଚେର, ଫଳରେ ତାଳଚେରବାସୀ ଘୋର ଚିନ୍ତାରେ ଅଛନ୍ତି।

ତାଳଚେର ସହର ଦେଉଳବ ଖଣିରୁ କୋଇଲା ଉତ୍ତୋଳନ ପରେ ଭୂପୃଷ୍ଠକୁ ଟେକି ଧରିବାକୁ ଖଣି ଭିତରେ ଛା ଦିଆଯାଇଛି କୋଇଲା ଖମ୍ବ। କେତୋଟି କୋଇଲା ଖମ୍ବ ଉପରେ ତାଳଚେର ସହର ରହିଛି। ଭୂଗର୍ଭରେ ଖଣିର ସୀମା ପୂର୍ବପଶ୍ଚିମ ଦିଗରେ ସାଢ଼େ ୪କିମି ଓ ଉତର ଦକ୍ଷିଣକୁ ୨.୧ କିମି ବ୍ୟାପିଛି। ଖଣିରୁ କୋଇଲା ଉତ୍ତୋଳନ ପରେ ଖାଲି ସ୍ଥାନରେ ପର୍ଯ୍ୟନ୍ତ ବାଲି ଭର୍ତ୍ତି କରାଯାଇ ନଥିବା କୁହାଯାଉଛି। ଫଳରେ ତାଳଚେର ସହରର ସ୍ଥାୟୀତ୍ୱନେଇ ଅନିଶ୍ଚିତତା ଦେଖାଦେଇଛି। ଧନାବାଦ ସେଣ୍ଟ୍ରାଲ ମାଇନିଙ୍ଗ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ର ବିଶେଷଜ୍ଞମାନେ ଅତୀତର ଏହି ଅଂଚଳର ସମୀକ୍ଷା କରି ଏଠାରେ ୩ମହଲା ବିଶିଷ୍ଟ ଗୃହ ନିର୍ମାଣ କାର୍ଯ୍ୟ ନକରିବାକୁ ଖଣି ସୁରକ୍ଷା ନିର୍ଦ୍ଦେଶକଙ୍କୁ ପରାମର୍ଶ ଦେଇଛନ୍ତି।

ଭୂଗର୍ଭ ସ୍ଥିତି ଏଭଳି ଥିବା ବେଳେ ଭୂପୃଷ୍ଠରେ ବାୟୁରୁ ବିଷ ଶୋଷୁଛନ୍ତି ତାଳଚେରବାସୀ। ତାଳଚେର ସହର ଓ ଆଖପାଖ ଅଂଚଳର ବାୟୁ ପ୍ରଦୁଷଣ ସୀମା ଉଲଙ୍ଘନ କରିଛି। ଖଣି ରାସ୍ତା, ଜାତୀୟ ରାଜପଥ, ଅଂଚଳରେ ଥିବା କୋଇଲା ଖଣି, ତାପଜ ବିଦ୍ୟୁ କେନ୍ଦ୍ର ଗୁ ଆର୍ଥିକ ଉନ୍ନତିର କାରଣ ସାଜିଥିବା ବେଳେ ପ୍ରଦ୍ୟୁଷଣ ହିଁ ତାଳଚେରବାସୀଙ୍କ ପାଇଁ ମୁଣ୍ଡବ୍ୟଥା ସୃଷ୍ଟି କରିଛି। ସେହିପରି କୋଲଇଣ୍ଡିଆର ଏକ ସହଯୋଗୀ ସଂସ୍ଥା "ସେଣ୍ଟ୍ରାଲ ମାଇନିଂ ପ୍ଲାନିଂ ଆଣ୍ଡ ଉନଷ୍ଟିଚ୍ୟୁଟ ପକ୍ଷରୁ ଏଅଂଚଳର ବାୟୁ ପ୍ରଦୁଷ୍ୟଣ ମାତ୍ରା ମାପିବା ପରେ ଏହାର ରିପୋର୍ଟ କେନ୍ଦ୍ର ପରିବେଶ ମନ୍ତ୍ରାଳୟକୁ ଦିଆଯାଇଥିଲା। ତାଳଚେର ପୌରାଂଚଳର ମଣ୍ଡାପାଳ ଲିଙ୍ଗରାଜ ଖଣି ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ଖଣି ରାସ୍ତା ଓ ପୌରାଂଚଳ ନିକଟ ପ୍ରବନ୍ଧକଙ୍କ କାର୍ଯ୍ୟାଳୟରେ ପ୍ରଦ୍ୟୁଣ ମାତ୍ରାଧିକ। ସ୍ୱାଭାବିକ ଜୀବନଧାରଣ ପାଇଁ ବାୟୁମଣ୍ଡଳରେ ପିଏମ ୨.୫ ପରିମାଣ ୩୫-୪୦ ମାଇକ୍ରୋ ଗ୍ରାମ ହୋଇଥିବା ବେଳେ ପିଏମ ୧୦ର ଅନୁମୋଦିତ ହାର ୬୦-୭୦ ମାଇକ୍ରୋ ଗ୍ରାମ ଅଟେ।

କିଛି ଦିନ ପୂର୍ବରୁ ତାଳଚେରର ପିଏମ ୨.୫ର ପରିମାଣ ୩୨୯କୁ ଛୁଇଁଥିବା ବେଳେ ପିଏମ ୧୦ର ୩୦୯ରେ ପହଚିଥିବା ଜାତୀୟ ବାୟୁ ଗୁଣବତା ପକ୍ଷରୁ ୱେବ ସାଇଟ୍ରେ ସୂଚନା ପ୍ରଦାନ କରାଯାଇଛି। ଏଭଳି ପ୍ରଦ୍ୟୁଷଣ ବୃଦ୍ଧି ଦ୍ୱାରା ସହରବାସୀଙ୍କ ଆଖି, ନାକ, ଗଳା, ଫୁସଫୁସ ସଂକ୍ରମିତ ହେବା ନାକରୁ ପାଣି ବହିବା, ଥଣ୍ଡା ହେବା, ପ୍ରଶ୍ୱାସରେ କଷ୍ଟହେବା ଇତ୍ୟାଦି। ଭୂଗର୍ଭ ଓ ଭୂପୃଷ୍ଠ ତାଳଚେରବାସୀଙ୍କ ପାଇଁ ବିପଦ ସୃଷ୍ଟି କରିଥିବା ବେଳେ ଏବେ ସମଗ୍ର ଅଂଚଳରେ ଭୂକମ୍ପ ପ୍ରଣବ ବଳୟରେ ଆସିବା ଖବର ତାଳଚେରବାସୀଙ୍କ ନିଦ ହଜାଇ ଦେଇଛି। ଜିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆ, ଜାତୀୟ ପ୍ରାକୃତିକ ବିପର୍ଯ୍ୟ ପରିଚାଳନା କର୍ତ୍ତୃପକ୍ଷ ଓ ଆଇଆଇଟି ବିଶେଷଜ୍ଞଙ୍କ ଅନୁଧ୍ୟାନ ଅନୁଯାୟୀ ବ୍ରାହ୍ମଣୀ ଉପତ୍ୟକାରେ ଏହି ଅଂଚଳର ଅଧିକ ଭୂମିକମ୍ପ ପ୍ରବଣ ବୋଲି ଜଣାପଡ଼ିଛି। କେତେ ବେଳେ କିପରି ଦୁର୍ଘଟଣା ଘଟିବ ତାହା ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ତେବେ ତାଳଚେର ଅଂଚଳକୁ ସବୁ ଦିଗରୁ ବିପଦ ଆସୁଥିବା ବେଳେ ଏଠାରେ ନେତାମାନେ ବିଧାନସଭା କିମ୍ବା ଲୋକସଭାରେ ଏଥିନେଇ କେବେ ହେଲେ ବି ଦିନେ ମୁହଁ ଖୋଲୁ ନଥିବା ତାଳଚେରବାସୀଙ୍କ ଏହା ସବୁଠାରୁ ଦୁଃଖର କାରଣ ସାଜିଥିବା ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।

**(ଶ୍ରୀମଦ୍ଭଗବଦ୍ ଗୀତା ୨/୬୮)**

**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

**ତସ୍ମାଦ୍ ଯସ୍ୟ ମହାବାହୋ ! ନିଗୃହୀତାନି ସର୍ବଶଃ ।**
**ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେ ଭ୍ୟସ୍ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ॥ ୬୮ ॥**

ସେହି (ପୂର୍ବୋକ୍ତ) କାରଣରୁ ମହାବାହୋ । ଯାହାଙ୍କର ସମସ୍ତ ଇନ୍ଦ୍ରିୟମାନେ ଆପଣା ଆପଣା ବିଷୟମାନଙ୍କରୁ ସର୍ବତୋଭାବରେ ନିବୃତ୍ତ ହୋଇଛନ୍ତି, ତାହାଙ୍କର ବୁଦ୍ଧି ପ୍ରତିଷ୍ଠିତ ଅର୍ଥାତ୍ ସେ ସ୍ଥିରବୁଦ୍ଧି ଅଟନ୍ତି ॥୬୮॥

# ସଂଗ୍ରାମୀଙ୍କ ଦାୟାଦ କିଏ ?

ନିକଟରେ ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀ ଦାୟାଦ ଓ ଉତ୍ତରାଧିକାରୀ ସଂଗଠନ ନାମକ ଏକ ସଂଗଠନ ତାହାର ବାର୍ଷିକ ଉତ୍ସବ ସ୍କାଉଟ ଓ ଗାଇଡ ଭବନରେ ପାଳନ କରିଥିଲା । ନିକଟରେ ସ୍ୱାଧୀନତା ସଂଗ୍ରାମୀ ଭବନ ଥିଲେ ମଧ୍ୟ କାହିଁକି ସେଠି ଉତ୍ସବ ପାଳନ କରାଗଲା ନାହିଁ ? ଏ ନେଇ ମନରେ ପ୍ରଶ୍ନ ଉଠୁଛି । ସଂଗ୍ରାମୀ ଭବନରେ ଯେଉଁ ସ୍ୱାଧୀନତା ସଂଗ୍ରାମୀ ଓ ଦାୟାଦ ସଂଘ ରହିଛି, ସେଠାରେ ପୁତ୍ର କର୍ମକର୍ତ୍ତା ଓ ସ୍କାଉଟ ଭବନରେ ଯେଉଁ ଉତ୍ତରାଧିକାରୀ ସଂଗଠନ ରହିଛି, ସେଠି ପିତା କର୍ମକର୍ତ୍ତା । ଦୁଇଟି ଭିନ୍ନ ଭିନ୍ନ ଦାୟାଦ ବା ଉତ୍ତରାଧିକାରୀ ସଂଗଠନ ସମାନ୍ତରାଳ ଗତିରେ ଚାଲୁଛନ୍ତି । କେବେ ଭେଟ ହେବ ନା ନାହିଁ ? ଇଂରାଜୀରେ ଏହି ସମାନ୍ତରାଳ (Parallel ) ଲାଇନ ବହୁତ ଦୂରରେ ଅର୍ଥାତ୍ ଅସରନ୍ତି ପରି ଦୂର ସ୍ଥାନରେ (Infiniteରେ) ବା ଶେଷରେ ଯୋଡ଼ି ହେବାର ସମ୍ଭାବନା ଥିବା ପରି ମନେ ହେଉନାହିଁ ।

ଦ୍ୱିତୀୟରେ ପ୍ରଶ୍ନ ଉଠୁଛି, ରାଜ୍ୟ ସରକାର ଭୁବନେଶ୍ୱରର ଯେଉଁ କେନ୍ଦ୍ରାଞ୍ଚଳରେ ସ୍କାଉଟ ଭବନ ନିର୍ମାଣ ପାଇଁ ସ୍ଥାନ ଦେଲେ, ଅଜସ୍ର ଅନୁଦାନ ମଧ୍ୟ ଦେଲେ, ସେଠି ଦୁଇଟି ଅନୁଷ୍ଠାନ, ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ଉତ୍ତରାଧିକାରୀ ସଂଗଠନ ସମେତ ସ୍କାଉଟ ଓ ଗାଇଡର କାର୍ଯ୍ୟକଳାପ ଚାଲୁଛି କିପରି ? ଏହା ନିୟମ ବିରୋଧୀ ନୁହେଁ କି ? ଏଥିପାଇଁ କ'ଣ ରାଜ୍ୟ ସରକାରଙ୍କଠାରୁ ଅନୁମତି ନିଆ ଯାଇଛି ? ସେହିପରି ଜଣେ କ'ଣ ନିୟମ ଦୃଷ୍ଟିରୁ ସ୍କାଉଟର ଆଜୀବନ କମିଶନର ରହି ପାରିବେ ? ସେମାନଙ୍କ ନିର୍ବାଚନ ବା ମନୋନୟନ ପଦ୍ଧତି କ'ଣ ? ଏ ବିଷୟରେ ପଚାରିଲେ ସ୍କାଉଟ କର୍ମକର୍ତ୍ତା ବା ସ୍ୱାଧୀନତା ସଂଗ୍ରାମୀ ଉତ୍ତରାଧିକାରୀ କର୍ମକର୍ତ୍ତା ନିରୁତ୍ତର ରୁହନ୍ତି । ପୁଣି ସ୍କାଉଟ ସଂସ୍ଥାର ସଭାପତି ବା ଉପ-ସଭାପତି ନିର୍ବାଚିତ ବା ମନୋନୀତ ହୁଅନ୍ତି ସ୍କାଉଟ କମିଶନରଙ୍କ ମର୍ଜି ଅନୁଯାୟୀ । ଏହି ସ୍କାଉଟ ଓ ଗାଇଡର ଅବୈତନିକ କର୍ମକର୍ତ୍ତା ଥିବାବେଳେ ଉପ-ମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳ ସେହି ସଂସ୍ଥାର ବହୁତ କିଛି ଉନ୍ନତି କରିଥିଲେ ମଧ୍ୟ ତାଙ୍କର ସ୍ମୃତିରକ୍ଷା ପାଇଁ ବିଶେଷ କିଛି କରାଯାଇ ନାହିଁ । ତାଙ୍କର ଜୟନ୍ତୀ ବା ଶ୍ରାଦ୍ଧରେ ସ୍କାଉଟ ସଂସ୍ଥା ତାଙ୍କ ଦେହାନ୍ତର ଏତେ ବର୍ଷ ପରେ ମଧ୍ୟ ସେପରି କିଛି ସ୍ମରଣୀୟ ସଭା ଆୟୋଜନ କରିନାହାନ୍ତି । ଦୁଃଖ ଲାଗେ, ଯେଉଁମାନେ କ୍ଷମତାସୀନ ହୁଅନ୍ତି, ସେମାନଙ୍କୁ ସେଠାରେ କର୍ମକର୍ତ୍ତା କରାଯାଏ ବା ଅତିଥି ଭାବେ ବିଭିନ୍ନ ଉତ୍ସବରେ ନିମନ୍ତ୍ରଣ କରାଯାଏ । ସ୍କାଉଟ ଓ ଗାଇଡ ସଂସ୍ଥାରେ ଠିକ୍ ଭାବେ କାମ ଚାଲିଛି କି ନାହିଁ, ତାହାକୁ ରାଜ୍ୟ ସରକାର ତଦାରଖ କରିବା ଉଚିତ ।

**ରାଜ୍ୟ ସରକାର ମଧ୍ୟ ପ୍ରକୃତ ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କୁ ଚିହ୍ନଟ କରିପାରିଲେ, ଜାଲ ପରିଚୟପତ୍ର ପ୍ରଦାନ କରୁଥିବା ଏପରି ସଂଗଠନର ପ୍ରକୃତ କାର୍ଯ୍ୟକଳାପ ଧରା ପଡନ୍ତା । ଅନ୍ୟ ରାଜ୍ୟମାନଙ୍କରେ ସ୍ୱାଧୀନତା ସଂଗ୍ରାମୀ ବା ଶହୀଦ ପରିବାରରେ ଯେଉଁମାନେ ବିନା ଆୟରେ ଦୁଃଖକଷ୍ଟରେ ଜୀବନଯାପନ କରୁଛନ୍ତି, ସେମାନଙ୍କୁ ଭତ୍ତା ଦିଆଯାଉଛି ବୋଲି ଶୁଣିବାକୁ ମିଳୁଛି । ଆମ ରାଜ୍ୟ ସରକାର ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରି ଆବଶ୍ୟକତା ଅନୁଯାୟୀ ଆର୍ଥିକ ସହାୟତା ଯୋଗାଇ ଦିଅନ୍ତୁ ଏବଂ ଉତ୍ତରାଧିକାରୀ ବା ଦାୟାଦ ସଂଗଠନ ଜରିଆରେ ଅର୍ଥ ଉପାର୍ଜନ କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ ଯାଞ୍ଚ କରାଯିବା ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ଏତିକି ଅନୁରୋଧ ।**

ଯେଉଁ ଶହୀଦ ଓ ଉତ୍ତରାଧିକାରୀ ଜାତୀୟ ସଂଗଠନର ଶାଖା ସ୍କାଉଟ ଅଫିସରେ ସମାନ୍ତରାଳ ଭାବେ ଚାଲିଛି, ତାହାର କାଗଜାତ ଓ ରେକର୍ଡପତ୍ର ମଧ୍ୟ ଯାଞ୍ଚ କରାଯାଉ । ଓଡ଼ିଶାର ପ୍ରକୃତ ଶହୀଦ ବା ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ ବା ବଂଶଧରମାନେ ଅଳ୍ପ କେତେଜଣ ସେଠାରେ ସଦସ୍ୟ ବା କର୍ମକର୍ତ୍ତା ଥାଇ ପାରନ୍ତି, ମାତ୍ର ଅଧିକାଂଶ ସେ ସଂସ୍ଥା ସହିତ ଜଡ଼ିତ ନାହାନ୍ତି । ଯେଉଁମାନେ ପ୍ରକୃତରେ ଦାୟାଦ ନୁହଁନ୍ତି, ସେମାନଙ୍କଠାରୁ ଚାନ୍ଦା ସଂଗ୍ରହ କରାଯାଇ ସେମାନଙ୍କୁ ସଂଗଠନ ନାମରେ ପରିଚୟପତ୍ର ଦିଆଯାଉଥିବା ଅଭିଯୋଗ ହେଉଛି । ଏପରି ଜାଲ ପରିଚୟପତ୍ର ଓଡ଼ିଶା ରାଜ୍ୟ ପାଇଁ କଳଙ୍କ ହୋଇପାରେ । ଏ ବିଷୟରେ ରାଜ୍ୟ ସରକାର ବା କେନ୍ଦ୍ର ସରକାରଙ୍କର ବିଭିନ୍ନ ତଦନ୍ତକାରୀ ସଂସ୍ଥା ଜରିଆରେ ଯାଞ୍ଚ କରାଯାଇ ପାରିଲେ, ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସି ପାରନ୍ତା ।

ରାଜ୍ୟ ସରକାର ମଧ୍ୟ ପ୍ରକୃତ ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କୁ ଚିହ୍ନଟ କରିପାରିଲେ, ଜାଲ ପରିଚୟପତ୍ର ପ୍ରଦାନ କରୁଥିବା ଏପରି ସଂଗଠନର ପ୍ରକୃତ କାର୍ଯ୍ୟକଳାପ ଧରା ପଡନ୍ତା । ଅନ୍ୟ ରାଜ୍ୟମାନଙ୍କରେ ସ୍ୱାଧୀନତା ସଂଗ୍ରାମୀ ବା ଶହୀଦ ପରିବାରରେ ଯେଉଁମାନେ ବିନା ଆୟରେ ଦୁଃଖକଷ୍ଟରେ ଜୀବନଯାପନ କରୁଛନ୍ତି, ସେମାନଙ୍କୁ ଭତ୍ତା ଦିଆଯାଉଛି ବୋଲି ଶୁଣିବାକୁ ମିଳୁଛି । ଆମ ରାଜ୍ୟ ସରକାର ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରି ଆବଶ୍ୟକତା ଅନୁଯାୟୀ ଆର୍ଥିକ ସହାୟତା ଯୋଗାଇ ଦିଅନ୍ତୁ ଏବଂ ଉତ୍ତରାଧିକାରୀ ବା ଦାୟାଦ ସଂଗଠନ ଜରିଆରେ ଅର୍ଥ ଉପାର୍ଜନ କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ ଯାଞ୍ଚ କରାଯିବା ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ, ଏତିକି ଅନୁରୋଧ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ଆଜିର ଅନୁଚିନ୍ତା :
# ଚେତନା ଓ ଶକ୍ତି



ରତ୍ନାକର ରାଉତ

ଚେତନା ଶକ୍ତିର ସମାସ ଓ ସମନ୍ୱୟରୁ ଅନ୍ତରାଳରେ କୌଣସି ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ଥାଇ ସୃଷ୍ଟି ହୁଏ ଶରୀର । ଚେତନା ଯେଯାବତ୍ ଶକ୍ତି ସହିତ ଉତ୍ତମ ସଂଯୋଗରେ ଥାଏ, ସେ ପର୍ଯ୍ୟନ୍ତ ଶରୀର ଜିଇଁଥାଏ । ଯେଉଁ ମୁହୂର୍ତ୍ତରେ ଚେତନା ଶରୀରଠାରୁ ଅଲଗା ହୋଇଯାଏ ବା ଅନ୍ତର ବି ଅନ୍ତର୍ହିତ ହୋଇଯାଏ, ସେହିକ୍ଷଣି ଏପରିକି ଖୁବ୍ ଡଉଲଡାଉଲ ଶରୀର ଶବରେ ପରିଣତ ହୋଇଯାଏ । ଚେତନା ଯେତେବେଳେ ଅନ୍ତର୍ହିତ ହୁଏ ଅବା ଶକ୍ତିଠାରୁ ଅସଂପୃକ୍ତ ହୋଇ ଦୂରେଇଯାଏ, ସେତେବେଳେ, କୁଆ ରାବିବାକୁ ତାଳ ପଡ଼ିବା ନ୍ୟାୟରେ କିଛି ନା କିଛି ଗୋଟେ କାରଣ ରଖିଯାଏ । ଏହି ଯେପରି ହଠାତ୍ ହୃଦ୍‌ଘାତ, କୌଣସି ଠୋସ୍ କାରଣ ନ ଥାଇ ଶରୀରର ସମସ୍ତ ଅଙ୍ଗ ପ୍ରତ୍ୟେଙ୍ଗ ଅଚଳ ହୋଇଯିବା, ବୃକକ୍ ଅକ୍ଷମ ହେବା ଇତ୍ୟାଦି ଇତ୍ୟାଦି ।

ଗ୍ରାମାଞ୍ଚଳରେ ପ୍ରଚଳିତ ଗୋଟେ ଢଗ ଅଛି, 'ଯମ ନେବ ନେ ଦବ', ଅର୍ଥାତ୍ ମୃତ୍ୟୁ ଯେତେବେଳେ ହେବ, କାଳ ଯେବେ ତାର ଖେଳ ଖେଳିବ, ସେତେବେଳେ ଗୋଟେ ଯୋଡ଼େ କାରଣ ନିଶ୍ଚୟ ଛାଡ଼ିଯିବ । ଯାହା ଫଳରେ କେହି ଚେତନାକୁ ଦୋଷାରୋପ କରିବେ ନାହିଁ । ଯଦିଓ ସେ ଜନ୍ମ ଅବା ମୃତ୍ୟୁରେ ସଦାସର୍ବଦା ନିର୍ବିକାର, ଅଚଞ୍ଚଳ ଓ ଅବିଚଳିତ । ବେଳେ ବେଳେ କୌଣସି କାରଣରୁ ଶରୀରରୁ ଅଚାନକ ଶକ୍ତି କ୍ଷୟ ହେବାରେ ଲାଗେ । କେବଳ ବାର୍ଦ୍ଧକ୍ୟ ଏହାର ଏକମାତ୍ର କାରଣ ନୁହେଁ । ଏମିତିକି ଭରା ଯୌବନରେ ଶରୀରର ଅଙ୍ଗ ପ୍ରତ୍ୟେଙ୍ଗ ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବାର ଦେଖାଯାଏ । ଯାହା ଫଳରେ ଶରୀର ଜୀର୍ଣ୍ଣଶୀର୍ଣ୍ଣ ଓ କାର୍ଯ୍ୟ କରିବା ନିମନ୍ତେ ଅକ୍ଷମ ହୋଇଯାଏ । ସେଥିନିମନ୍ତେ ଶ୍ରୀମଦ୍ ଭଗବତ୍ ଗୀତାରେ ଉଲ୍ଲେଖ ଅଛି, 'ଶରୀର ମାଦ୍ୟଂ ଖଳୁ ଧର୍ମ ସାଧନମ୍', ଅର୍ଥାତ୍ ଶରୀର ହେଉଛି ଧର୍ମ ସାଧନର ମାଧ୍ୟମ ।

ଅତଏବ ଶରୀରର ରକ୍ଷା ଯେଯାବତ୍ ସୁଚାରୁ ରୂପେ କରାଯାଇ ପାରିବ, ସେ ପର୍ଯ୍ୟନ୍ତ ଶରୀରକୁ ଠିକ୍ ଠିକ୍ ପୋଷଣ ଦେଇ ସୁସ୍ଥ ନିରାମୟ କରି ରଖିବା ଦରକାର । କାରଣ ଶରୀର ଯେପର୍ଯ୍ୟନ୍ତ ସକ୍ଷମ ଥିବ, ସେ ପର୍ଯ୍ୟନ୍ତ ମଣିଷ ନିରନ୍ତର ଚେତନାକୁ ଉପଲବ୍ଧି କରିବା ପ୍ରୟାସରେ ଲାଗି ରହିବ ଏବଂ ଚେତନାକୁ ଅନୁଭବ କରିବା ଦିଗରେ ନିକଟରୁ ନିକଟତର ହୋଇପାରିବ ।

ତେଣୁ ଶକ୍ତିର ସୁରକ୍ଷା ଅର୍ଥାତ୍ ଶରୀରର ସୁରକ୍ଷା ସଦାସର୍ବଦା ଚେତନାର ଉତ୍ତରୋତ୍ତର ବିକାଶ ଦିଗରେ ସହାୟକ ହୋଇଥାଏ । ସେଥିପାଇଁ ଶରୀର ଉପରେ ଅତ୍ୟାଚାର କରି, ନାନାଦି ମାଦକ ଦ୍ରବ୍ୟର ବ୍ୟବହାର କରି, ଅସଂଯମୀ ଭାବରେ ଖାଦ୍ୟପେୟ ଉପରେ ନିୟନ୍ତ୍ରଣ ନ ରଖି, ସର୍ବୋପରି ବିଶୃଂଖଳ ଜୀବନଯାପନ ଯୋଗୁଁ ସୁସ୍ଥ ଶରୀରକୁ ନଷ୍ଟକରି ଅକାଳରେ ବାର୍ଦ୍ଧକ୍ୟକୁ ଆହ୍ୱାନ କରିବା ଏବଂ ଅସୁସ୍ଥ ହୋଇ ଅନ୍ୟ ଉପରେ ବୋଝ ହେବା ସର୍ବାଦୌ ବର୍ଜନୀୟ ହେବା ଉଚିତ ।

ଏବେ ପ୍ରାୟତଃ ଦେଖାଯାଉଛି ଲୋକମାନଙ୍କର ଖାଦ୍ୟ ପାନୀୟ ଉପରେ ନିୟନ୍ତ୍ରଣ ରହୁନାହିଁ । ଯୌବନ କାଳର ମାଦକତାରେ ଉଲ୍ଲସିତ ଓ ବିମୋହିତ ହୋଇ ନାନାଦି କୁସଂଗ ଓ କୁକାର୍ଯ୍ୟରେ ସଂପୃକ୍ତ ହୋଇ ଯୁବକଯୁବତୀମାନେ ଜଟିଳ ରୋଗରେ ଶିକାର ହେଉଛନ୍ତି । ସଂପ୍ରତି ଏହା ସର୍ବତ୍ର ପରିଲକ୍ଷିତ ହେଉଛି । କେବଳ ଯୁବକ ଯୁବତୀ ନୁହଁନ୍ତି ବରଂ ପ୍ରୌଢ଼ ଓ ବୃଦ୍ଧମାନେ ରିଲ୍ ନିଶାରେ ବାୟା ହୋଇ ରାତି ଅନିଦ୍ରା ହେଉଛନ୍ତି, ଯାହାର କୁପ୍ରଭାବ ଶରୀରକୁ କ୍ଷୟ କରୁଛି । କାହାର ଆକଟ ବା ମନାକୁ ହେୟ ଜ୍ଞାନ କରି, ଆଦୌ ନ ମାନି ବିଶୃଙ୍ଖଳିତ ଜୀବନ କିଛିକାଳ ଜିଇଁଲା ପରେ, ଯେତେବେଳେ ଶରୀର ସହିବାର ସମସ୍ତ କ୍ଷମତା ହରେଇ ଦେଇ ରୋଗଗ୍ରସ୍ତ ହୋଇ ପଡୁଛି, ସେତେବେଳେ ପୀଡ଼ିତ ବ୍ୟକ୍ତି ନିଜର କଲା କର୍ମକୁ ଦୋଷ ନ ଦେଇ ଭାଗ୍ୟକୁ ଦୋଷ ଦେଉଛି ।

ବର୍ତ୍ତମାନ ସମୟରେ ନିୟମିତ ଆହାର, ବିହାର, ନିଦ୍ରା ପ୍ରାୟ କାହାଠି ଦେଖାଯାଉନି । ଅଧିକାଂଶ ଲୋକେ ଏ ସବୁଥିରେ ଅତି ଅନିୟମିତ ।

ଏ ପ୍ରସଙ୍ଗ ଉତ୍ଥାପନର ଉଦ୍ଦେଶ୍ୟ ହେଲା ଜୀବନକୁ ସୁଶୃଂଖଳିତ କରିବା ସଂପୂର୍ଣ୍ଣ ନିଜ ଉପରେ ନିର୍ଭର କରେ । ଏଥିରେ ଆପାତତଃ ବେଶୀ କାହାର ସହାୟତା ଲୋଡ଼ା ପଡ଼େନି । କାମନା, ବାସନା, ଲୋଭ, ମୋହ, କ୍ରୋଧ, ଅହଂକାର, ଭୋକ, ଭୟ, ଦୁଃଶ୍ଚିନ୍ତା ମଣିଷକୁ ଆକ୍ରାନ୍ତ କଲେ, ସେ ଠିକ୍ ମାନସିକ ସ୍ଥିତିକୁ ବଜେଇ ରଖିପାରେ ନାହିଁ । ସେସବୁ ହାସଲ ଦିଗରେ ଅଗ୍ରସର ହୋଇ କେବଳ ଅମଡ଼ା ମାଡ଼େ ନାହିଁ, ବରଂ ଆହୁରି ଅନେକ ଅନେକ ଜଟିଳ ସମସ୍ୟାକୁ ନିଜପାଇଁ ଆମନ୍ତ୍ରଣ କରି ଆଣେ । ଜଟିଳ ସମସ୍ୟା ଘେରରେ ଥିବା ମଣିଷ ତାର ହିତାହିତ ଜ୍ଞାନ ହରେଇଦେଇ ଭୁଲ ପରେ ଭୁଲ କରିଚାଲେ । ଏମିତି ନୁହେଁ ଯେ ଯେତେବେଳେ ସେ ଏସବୁ ଦୁର୍ଗୁଣରେ ଆକ୍ରାନ୍ତ ହେଉଥାଏ, ସେତେବେଳେ କେହି ତାକୁ ବାରଣ କରନ୍ତି ନାହିଁ ।

**ସଂସାର ମାୟାର ସାମ୍ରାଜ୍ୟ । ତେଣୁ ମାୟା ମୋହରୁ ନିଜକୁ ସୁରକ୍ଷିତ ନ ରଖିଲେ ବିପଦ ଯେ ଦିନେ ଘନୀଭୂତ ହୋଇ ମାଡ଼ିବସିବ ଏହା ଅବଶ୍ୟମ୍ଭାବୀ । ଏସବୁ ପରିସ୍ଥିତିରେ ଯେତେବେଳେ ମଣିଷ ବାଟହୁଡ଼ି ଅମଡ଼ା ମାଡ଼ି ମାଡ଼ି ଅପଥରେ ବା କୁପଥରେ ଯାଇ କୁକର୍ମ ପରେ କୁକର୍ମ କରିଚାଲିଥାଏ, ସେତେବେଳେ ନିର୍ଲିପ୍ତ ଚେତନା ମଧ୍ୟ ସହିପାରେ ନାହିଁ । ବିବେକକୁ ଉଜ୍ଜିବୀତ କରି ଭିତରୁ କିଏ ଯେପରି ଅତି ନିଜର ଆତ୍ମୀୟ ଭଳି ଆକଟ କରି କହୁଥାଏ, ଏସବୁ କରନି, ଯେଉଁ ପଥରେ ଯାଉଛୁ ସେ ପଥ ଯାଇ ପହଞ୍ଚିଛି ଅନ୍ଧ ମୁହାଣିରେ, ତାହା ଅନ୍ଧ ଗଳି । ସେଥିରୁ ନିବୃତ୍ତ ହୋଇ ଫେରିଆସ । ତୋ ସମ୍ମୁଖରେ ଭଲ ପଥ, ସଳଖ ବାଟ ପଡ଼ିଛି । ସେ ବାଟରେ ଯାଆ । ଲକ୍ଷ୍ୟ ସ୍ଥଳରେ ପହଞ୍ଚିବୁ ।**

ମାତ୍ର ସେ କାହାର ଆଦେଶ, ଉପଦେଶ, ପରାମର୍ଶ ଏବଂ ଆକଟ ଅବା ବାରଣ ମାନେ ନାହିଁ । ମଣିଷ ନିଜକୁ ସର୍ବେସର୍ବା ଓ କରିତ୍‌କର୍ମା ଭାବେ । ସେ ସବୁ ଜାଣେ, ସବୁ କରିପାରିବ, ଅନ୍ୟ କାହାର ଉପଦେଶ ତା ପାଇଁ କଣ ଦରକାର, ଏପରି ଏକ ନଭଶ୍ଚୁମ୍ବୀ ଅହଂକାର ତାକୁ କାବୁକରି ରଖିଥାଏ । ସେଥିପାଇଁ ସେ କାହାକୁ ମାନେ ନାହିଁ । ଅରଣା ମଇଁଷି ଅବା ଓଲିଆ ଗାଇ ପରି ଅମାନିଆ ହୋଇ ଯାହା ଯାହା କରେ, ସେଥିରେ କେବଳ ଯେ ତା ନିଜର କ୍ଷତି ହୁଏ ତାହା ନୁହେଁ, ଅନ୍ୟ ଅନେକଙ୍କର କ୍ଷତି ମଧ୍ୟ ହୋଇଥାଏ ।

ଅର୍ଥ, ବିପରୀତ ଲିଙ୍ଗ ପ୍ରତି ଅହେତୁକ ଆକର୍ଷଣ ଓ ସମ୍ମୋହନ, ଯୌବନ, ନିଜକୁ ସର୍ବଜ୍ଞ ଓ ସର୍ବୋପରି ଭାବନା ଏବଂ ଏସବୁ ଜନିତ ଅଲଂଘ୍ୟ ଅହଂକାର ମଣିଷକୁ ବିପଥଗାମୀ କରାଏ । କେବେକେବେ ଧର୍ମର ନିଶାରେ ମସଗୁଲ ମଣିଷ ମଧ୍ୟ ଅସହଣୀୟତା, ହିଂସା, ପ୍ରତିହିଂସାରେ ନିଜ ବୁଦ୍ଧି ବିବେକ ସବୁ ପାଶୋରି ପକାଏ ।

ସଂସାର ମାୟାର ସାମ୍ରାଜ୍ୟ । ତେଣୁ ମାୟା ମୋହରୁ ନିଜକୁ ସୁରକ୍ଷିତ ନ ରଖିଲେ ବିପଦ ଯେ ଦିନେ ଘନୀଭୂତ ହୋଇ ମାଡ଼ିବସିବ ଏହା ଅବଶ୍ୟମ୍ଭାବୀ । ଏସବୁ ପରିସ୍ଥିତିରେ ଯେତେବେଳେ ମଣିଷ ବାଟହୁଡ଼ି ଅମଡ଼ା ମାଡ଼ି ମାଡ଼ି ଅପଥରେ ବା କୁପଥରେ ଯାଇ କୁକର୍ମ ପରେ କୁକର୍ମ କରିଚାଲିଥାଏ, ସେତେବେଳେ ନିର୍ଲିପ୍ତ ଚେତନା ମଧ୍ୟ ସହିପାରେ ନାହିଁ । ବିବେକକୁ ଉଜ୍ଜିବୀତ କରି ଭିତରୁ କିଏ ଯେପରି ଅତି ନିଜର ଆତ୍ମୀୟ ଭଳି ଆକଟ କରି କହୁଥାଏ, ଏସବୁ କରନି, ଯେଉଁ ପଥରେ ଯାଉଛୁ ସେ ପଥ ଯାଇ ପହଞ୍ଚିଛି ଅନ୍ଧ ମୁହାଣିରେ, ତାହା ଅନ୍ଧ ଗଳି । ସେଥିରୁ ନିବୃତ୍ତ ହୋଇ ଫେରିଆସ । ତୋ ସମ୍ମୁଖରେ ଭଲ ପଥ, ସଳଖ ବାଟ ପଡ଼ିଛି । ସେ ବାଟରେ ଯାଆ । ଲକ୍ଷ୍ୟ ସ୍ଥଳରେ ପହଞ୍ଚିବୁ ।

ମାତ୍ର ନାନାଦି ନିଶାରେ ଆକ୍ରାନ୍ତ ଉନ୍ମାଦ, ଉଦ୍ଧତ ମଣିଷ ଚେତନାର ଏ ଡାକ, ଏ ନିର୍ଦ୍ଦେଶ, ଏ ଆକଟକୁ ଅଣଦେଖା ଅଣହେଳା କରି ଫୁତ୍କାରରେ ଉଡ଼େଇ ଦିଏ । ପରନ୍ତୁ ଯେତେବେଳେ ନେଡ଼ିଗୁଡ଼ କହୁଣୀକୁ ବୋହିଯାଏ, ସେତେବେଳେ ନିରର୍ଥକ ବାହୁନା ବାହୁନେ । ଡାହାଣ ହାତର ପାପ ବାମ ହାତ ନିଏନି । ଯାହା କରେ ସେହି ଫଳ ଭୋଗେ । ଯେଉଁ ବୀଜ ବୁଣେ, ସେହି ଚାରା ପଲ୍ଲବିତ ହୁଏ, ସେହି ଫୁଲ ଫୁଟେ, ସେହି ଫଳ ଫଳେ, ତାହାକୁ ଆମଦାନୀ କରେ । ସେଥିପାଇଁ ଭାଗବତରେ କୁହାଯାଇଛି,

**'ଆପଣା କଲା କର୍ମ ମାନ/**
**ବେଳୁ ହୋଇବ ସାବଧାନ ।'**

ଶ୍ରୀମଦ୍ ଭଗବତ୍ ଗୀତାରେ ଅଛି,

**'କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ/ ମା କର୍ମ ଫଳ ହେତୁ ର୍ଭୂର୍ମା ତେ ସଂଗୋଃସ୍ତ୍ୱକର୍ମଣି ।**

ଅର୍ଥାତ୍ ତୁମର କର୍ମ କରିବାରେ ଅଧିକାର ଅଛି, କିନ୍ତୁ ତାର ଫଳରେ ନାହିଁ । ତୁମେ କର୍ମ ଫଳର କାରଣ ହୁଅ ନାହିଁ ଏବଂ ତୁମର କର୍ମ ନ କରିବାରେ ଆଶ୍ରୟ ମଧ୍ୟ ନ ହୁଅ । ତେଣୁ ସଦାସର୍ବଦା ସତ୍ କର୍ମ ମନଧ୍ୟାନ ସହକାରେ ବିନା ଫଳ ପ୍ରାପ୍ତିର ଆଶାରେ କରିଚାଲ । ଏହି ପରିପ୍ରେକ୍ଷୀରେ କବି ଗୋପବନ୍ଧୁ ଦାସ ତାଙ୍କର ପ୍ରସିଦ୍ଧ କବିତା 'ଅର୍ଜ୍ଜୁନଙ୍କ ଭେଟିବା କଥା'ରେ ନିମ୍ନୋକ୍ତ ପଂକ୍ତିଟି କହିଥିଲେ,

**'ମାନବ ଜୀବନ ନୁହଁଇ କେବଳ ବର୍ଷ, ମାସ, ଦିନ, ଦଣ୍ଡ/ କର୍ମେ ଜିଏଁ ନର କର୍ମ ଏକା ତାର ଜୀବନର ମାନ ଦଣ୍ଡ ।**

ସେହିପରି ଭକ୍ତ ସାଲବେଗ ତାଙ୍କ ଜଗନ୍ନାଥ ସ୍ତୁତିରେ ଲେଖିଛନ୍ତି,

**'ମାନବ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ/ ସାର୍ଥକ କର ଜୀବନକୁ ନ ହେଲେ ପଛିତାନି ଦଣ୍ଡ ।'**

ଶକ୍ତି ଥରକୁ ଥର ରୂପାନ୍ତରିତ ହୋଇ ନୂତନ ରୂପ ଧାରଣ କରୁଛି । ମାତ୍ର ଚେତନା ଅବିକଳ୍ପ ଯେମିତି ଥିଲା ସେମିତି ଚିରନ୍ତନ, ଶାଶ୍ୱତ, ସତ୍ୟ, ସନାତନ ରୂପୀ ସତ୍ତାରେ ବିରାଜମାନ କରୁଛି ।

**(ଲେଖକ ଭାରତୀୟ ପ୍ରଶାସନିକ ସେବାର ଜଣେ ଅବସରପ୍ରାପ୍ତ ଅଧିକାରୀ ଓ ସୁଲେଖକ)**
**ପ୍ଲଟ ନମ୍ବର -୭୬୭(ପାର୍ଟ)**
**ଜୟଦୁର୍ଗା ନଗର,ଭୁବନେଶ୍ୱର,**
**ପିନ୍-୭୫୧୦୦୬,**
**ମୋ- ୯୪୩୭୩୮୨୨୮୧**

# ରଘୁକୁଳତିଳକ ପ୍ରଭୁ ଶ୍ରୀରାମଚନ୍ଦ୍ର



ଅନନ୍ତ ଗୋପାଳ ପଣ୍ଡା

ଯୁଗେ ଯୁଗେ ଧରାରୁ ଆସୁରିକ ଶକ୍ତିର ବିଲୋପ ସାଧନ, ଧର୍ମ ସଂସ୍ଥାପନ, ଦୁଷ୍କୃତିର ମୂଳୋତ୍ପାଟନ, ତଥା ସାଧୁସନ୍ଥମାନଙ୍କର ପରିତ୍ରାଣ ନିମନ୍ତେ ପରମାତ୍ମା ପରମେଶ୍ୱର ବିଭିନ୍ନ ଅବତାର ଗ୍ରହଣ ପୂର୍ବକ ଧରାପୃଷ୍ଠରେ ଆବିର୍ଭୂତ ହୁଅନ୍ତି । ଶ୍ରୀମଦ୍ ଭଗବଦ୍‌ଗୀତାଙ୍କର ଚତୁର୍ଥ ଅଧ୍ୟାୟ ସପ୍ତମ ଓ ଅଷ୍ଟମ ଶ୍ଳୋକରେ ଧରାବତରଣର ଉଦ୍ଦେଶ୍ୟକୁ ପରମ ଯୋଗେଶ୍ୱର ଶ୍ରୀକୃଷ୍ଣ ସ୍ୱମୁଖରେ ପରିପ୍ରକାଶ କରିଛନ୍ତି । ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ଭାବେ ବିବେଚିତ ମନୁଷ୍ୟକୁ ଉତ୍ତମମାର୍ଗ ପ୍ରଦର୍ଶନ କରାଇବା ସହିତ ମାନବିକ ମୂଲ୍ୟବୋଧର ଜୟଗାନ, ଉତ୍ତମ ସମାଜ ଗଠନ, ଆଦର୍ଶ ରାଷ୍ଟ୍ରନିର୍ମାଣ, ତଥା ରାଷ୍ଟ୍ରର ସମସ୍ତ ଅଧିବାସୀମାନଙ୍କୁ ଉତ୍ତମ ଶାସନ ପ୍ରଦାନ ନିମନ୍ତେ ନର ଦେହ ଧାରଣ କରି ତ୍ରେତୟା ଯୁଗରେ ଅଯୋଧ୍ୟା ନରେଶ ଦଶରଥଙ୍କ ସନ୍ତାନ ଭାବରେ ଆବିର୍ଭୂତ ହୋଇଥିଲେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ । ପରମାତ୍ମା ଯେଉଁ ଦିବ୍ୟ ଗୁଣ ଗୁଡ଼ିକ ଯଥା- ସତ୍ୟ, ଶାନ୍ତି, ଦୟା, କ୍ଷମା, ଉଦାରତା, ତିତିକ୍ଷା ଆଦି ମାନବର ଅନ୍ତରରେ ଭରି ଦେଇଛନ୍ତି ସେସବୁ ସଦୁପଯୋଗର ବହୁ ଉଦାହରଣମାନ ପରିଦୃଷ୍ଟ ହୋଇଥାଏ ଜାନକୀ ବଲ୍ଲଭଙ୍କ କାର୍ଯ୍ୟଧାରାରେ । ସୃଷ୍ଟିର ଆଦର୍ଶ ପୁରୁଷ ଭାବେ ବିବେଚିତ ପ୍ରଭୁ ଶ୍ରୀରାମଚନ୍ଦ୍ର ଜଗତ ସମ୍ମୁଖରେ ନିଜକୁ ଆଦର୍ଶ ପୁତ୍ର, ଆଦର୍ଶ ଭ୍ରାତା, ଆଦର୍ଶ ଶିଷ୍ୟ, ଆଦର୍ଶ ସ୍ୱାମୀ, ଆଦର୍ଶ ପିତା, ଆଦର୍ଶ ବନ୍ଧୁ ଓ ସର୍ବୋପରି ଆଦର୍ଶ ଶାସକ ରୂପେ ନିଜକୁ ଉପସ୍ଥାପିତ କରିଛନ୍ତି ।

ପ୍ରଭୁ କୌଶଲ୍ୟାନନ୍ଦନଙ୍କ ଜୀବନ ସତ୍ୟ, ଧର୍ମ ଓ ନ୍ୟାୟ ପଥରେ ପରିଚାଳିତ ହୋଇଛି । ଜୀବନର ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ପ୍ରଭୁ ନୀତି ଆଦର୍ଶ ପଥରୁ ବିଚ୍ୟୁତ ହୋଇ ନାହାଁନ୍ତି । ତାଙ୍କର ଆଚାର ବ୍ୟବହାରରେ ପରିବର୍ତ୍ତନ ପରିଲକ୍ଷିତ ହୁଏ ନାହିଁ । କୌଣସି ପରିସ୍ଥିତିରେ ସେ ମର୍ଯ୍ୟାଦାକୁ ଉଲଘଂନ କରିନାହାନ୍ତି । ତାଙ୍କର ଜୀବନଚରିତକୁ ଆଧାର କରି ରଚନା କରାଯାଇଥିବା ଗ୍ରନ୍ଥ ଯଥା- ବାଲ୍ମୀକିଙ୍କ କୃତ ରାମାୟଣ, ଗୋସ୍ୱାମୀ ତୁଳସୀଙ୍କ ରଚିତ ଶ୍ରୀରାମଚରିତ ମାନସ, ବଳରାମ ଦାସଙ୍କ ଲିଖିତ ଜଗମୋହନ ରାମାୟଣ, ବିଶ୍ୱନାଥ ଖୁଣ୍ଟିଆଙ୍କ ଲେଖନୀ ନିଃସୃତ ବିଚିତ୍ର ରାମାୟଣରେ ରଘୁନାଥଙ୍କ ଅମ୍ଳାନ କୃତି ଏବଂ କୀର୍ତ୍ତି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଛି । ପ୍ରତିଟି ସମୟରେ ତାଙ୍କର ସମୁଜ୍ଜ୍ୱଳ ବ୍ୟକ୍ତିତ୍ୱ ପ୍ରତିଭାତ ହୋଇଛି । ଜୀବନର ପ୍ରତ୍ୟେକ ସ୍ତରରେ ସେ ଜାତି, ବର୍ଣ୍ଣ, ବୟସ ନିର୍ବିଶେଷରେ ସମସ୍ତଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିଛନ୍ତି । ସେଥିପାଇଁ ସୃଷ୍ଟିର ଆଦର୍ଶ ପୁରୁଷ ଭାବେ ପ୍ରଭୁ ବିବେଚିତ ହୁଅନ୍ତି ।

ଭଗବାନ ଶ୍ରୀରାମଙ୍କ ଜୀବନ ବହୁ ଆଦର୍ଶରେ ପରିପୂର୍ଣ୍ଣ । ବାଲ୍ୟକାଳରୁ ସ୍ୱଧାମ ଗମନ ପର୍ଯ୍ୟନ୍ତ ପ୍ରତିଟି ସମୟରେ ତାଙ୍କର ଜୀବନାଦର୍ଶ ପ୍ରତିଫଳିତ ହୋଇଛି । ସହୋଦରମାନଙ୍କ ସହିତ କ୍ରୀଡାରେ ରତ ଥିବା ସମୟରେ କନିଷ୍ଠମାନଙ୍କ ମଥାରେ ପିନ୍ଧାଇ ଦିଅନ୍ତି ବିଜୟର ମୁକୁଟ । ପିତାଙ୍କ ଆଦେଶକୁ ସମ୍ମାନ ପ୍ରଦର୍ଶନ ପୂର୍ବକ ଋଷିମାନଙ୍କ ଯଜ୍ଞ ରକ୍ଷା ତଥା ରାକ୍ଷସ ବିନାଶ ନିମନ୍ତେ ଅନାୟାସରେ ଋଷି ବିଶ୍ୱମିତ୍ରାଙ୍କ ସହିତ ଗମନ କରନ୍ତି । ବିମାତା କୈକେୟୀଙ୍କ ଇଚ୍ଛାକୁ ପରିପୂର୍ଣ୍ଣ ତଥା ପିତାଙ୍କ ସତ୍ୟକୁ ସମ୍ମାନ ପ୍ରଦାନ ପୂର୍ବକ ଅକୁଣ୍ଠିତ ଚିତ୍ତରେ ରାଜ ସିଂହାସନର ମୋହକୁ ତୁଚ୍ଛ କରି ବନଗମନ କରନ୍ତି । କୁମନ୍ତ୍ରଣା ପ୍ରଦାନ କରିଥିବା ମନ୍ଥରା ଏବଂ ବରପ୍ରାପ୍ତି ମାଧ୍ୟମରେ ତାପସ ବେଶରେ ଚତୁର୍ଦ୍ଦଶ ବର୍ଷ ବନକୁ ପ୍ରେରଣ କରିଥିବା ବିମାତା କୈକେୟୀଙ୍କ ଉପରେ ଦୋଷାରୋପ ନକରି ସହାସ୍ୟ ବଦନରେ ପ୍ରଭୁ କୈକେୟୀଙ୍କୁ କହିଛନ୍ତି, 'ସୁନୁ ଜନନୀ ସୋଇ ସୁତୁ ବଡ଼ ଭାଗୀ, ଯୋ ମାତୁ ପିତୁ ବଚନ ଅନୁରାଗୀ ।' ନିଜ ଆଦର୍ଶକୁ ସମ୍ମାନ ଜଣାଇ ବନ୍ଧୁ ଗୁହକଙ୍କର ଆତିଥେୟତାକୁ ଗ୍ରହଣ କରିନାହାଁନ୍ତି । ନିଷ୍କପଟ କୈବର୍ତ୍ତର ଇଚ୍ଛାକୁ ପରିପୂର୍ଣ୍ଣ କରି ଧୌତ ନିମନ୍ତେ ବଢ଼ାଇ ଦିଅନ୍ତି ପଦଯୁଗଳ ଏବଂ ତାକୁ ବିଜ୍ଞାନୀ କୈବର୍ତ୍ତ ଆସନରେ ଆସୀନ କରାନ୍ତି । ସର୍ବଜ୍ଞାତା, ସର୍ବଦ୍ରଷ୍ଟା ହୋଇ ମଧ୍ୟ ଋଷି ବାଲ୍ମୀକିଙ୍କୁ ସମ୍ମାନ ପ୍ରଦର୍ଶନ ପୂର୍ବକ ରହଣୀ ସ୍ଥାନ ନିରୂପଣ ନିମନ୍ତେ ଜିଜ୍ଞାସା କରନ୍ତି । ଭକ୍ତିରେ ପରିପୂର୍ଣ୍ଣ ଶ୍ରମଣା ଶବରୀର ଭାବକୁ ଗ୍ରହଣ ପୂର୍ବକ ତାର ଉଚ୍ଛିଷ୍ଟ ଭୋଜନ କରନ୍ତି । ପିତାଙ୍କ ବନ୍ଧୁ ଭାବରେ ପକ୍ଷୀ ଜଟାୟୁର ଅନ୍ତ୍ୟେଷ୍ଟିକ୍ରିୟା ସମାପନ ନିମନ୍ତେ କାର୍ପଣ୍ୟ ପ୍ରଦର୍ଶନ କରି ନାହାଁନ୍ତି । ସେତୁବନ୍ଧ ନିର୍ମାଣ ସମୟରେ ଆଘାତ ପ୍ରାପ୍ତ ଗୁଣ୍ଡୁଚଟିକୁ ନିଜର କରସ୍ପର୍ଶ ମାଧ୍ୟମରେ ଯନ୍ତ୍ରଣା ଦୂରୀଭୂତ କରିବା ସହିତ ତାର ପୃଷ୍ଠଦେଶରେ କରାଙ୍ଗୁଳି ସ୍ପର୍ଶର ସନ୍ତକ ସ୍ୱରୂପ ଆଙ୍କିଦିଅନ୍ତି ତିନିଗୋଟି ଧବଳ ଗାର ।

କେବଳ ସେତିକି ନୁହେଁ, ସେତୁ ବନ୍ଧ ପ୍ରତିଷ୍ଠା ନିମନ୍ତେ ଶ୍ରେଷ୍ଠ ବେଦଜ୍ଞ ବ୍ରାହ୍ମଣ ଭାବରେ ଶତ୍ରୁ ରାବଣକୁ ବରଣ କରିବା ପାଇଁ ପ୍ରଭୁ କୁଣ୍ଠା ପ୍ରକାଶ କରିନାହାଁନ୍ତି । ଶରଣ ରକ୍ଷଣ ନାମକରଣକୁ ସାର୍ଥକ କରିବାକୁ ଯାଇ ଶତ୍ରୁର ଭ୍ରାତା ବିଭୀଷଣକୁ ଶରଣ ଦେବା ସହିତ ଲଙ୍କେଶ ଭାବରେ ସ୍ୱହସ୍ତରେ ଅଭିଷିକ୍ତ କରିଛନ୍ତି । ଯୁଦ୍ଧକ୍ଷେତ୍ରରେ



ଶତ୍ରୁର ଜୀବନ ପ୍ରଦୀପ ନିର୍ବାପିତ ପୂର୍ବରୁ ତା'ଠାରୁ ସତ୍ ଉପଦେଶ ମଧ୍ୟ ପ୍ରଭୁ ଗ୍ରହଣ କରିଛନ୍ତି । ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ସମୟରେ ପ୍ରଭୁ ରାଘବେନ୍ଦ୍ର ମାତା କୌଶଲ୍ୟାଙ୍କ ଦର୍ଶନ ପୂର୍ବରୁ ଯାଇଛନ୍ତି ବିମାତା କୈକେୟୀଙ୍କ ପୁରକୁ । ଭରତ ମାତା ଭାବେ କୈକେୟୀଙ୍କୁ ସମ୍ବୋଧନ ନକରିବାପାଇଁ ନେଇଥିବା ଶପଥ କଥା ଶ୍ରବଣ କରି ପ୍ରଭୁ ଶ୍ରୀରାମ ବ୍ୟଥିତ ହୋଇଛନ୍ତି । ସର୍ବସମ୍ମୁଖରେ କୈକେୟୀଙ୍କୁ ମାତା ବୋଲି ସମ୍ବୋଧନ କରି ତାଙ୍କ ଅନ୍ତରରୁ ଦୁଃଖ ଓ ଶୋକକୁ ପ୍ରଭୁ ଚିରଦିନ ପାଇଁ ଦୂରୀଭୂତ କରିଛନ୍ତି । ଏଥିସହିତ ଆଗାମୀ ଦ୍ୱାପର ଯୁଗରେ ତାଙ୍କ ଦ୍ୱାରା ଲାଳିତ ପାଳିତ ହେବା ସହିତ କଳିଯୁଗରେ ତାଙ୍କ ହସ୍ତ ପ୍ରସ୍ତୁତ ପୋଡପିଠା ଗ୍ରହଣ କରିବାପାଇଁ ପ୍ରଭୁ ଘୋଷଣା କରିଛନ୍ତି । ଆଜି ମଧ୍ୟ ମାଉସୀମା'ର ପୋଡପିଠାପାଇଁ ବଡ଼ଦାଣ୍ଡରେ ଅଟକିଯାଏ ନନ୍ଦିଘୋଷ ରଥ ।

ରାମରାଜ୍ୟ ପ୍ରତିଷ୍ଠାପରେ ମଧ୍ୟ ରଜକ ଓ ରଜକୀଙ୍କର ଆକ୍ଷେପୋକ୍ତି ଶ୍ରବଣ ପୂର୍ବକ ପ୍ରଭୁ ପ୍ରତିହିଂସା ପରାୟଣ ମନୋଭାବ ପ୍ରଦର୍ଶନ କରିନାହାଁନ୍ତି । ଯାହା ଆଜି ପ୍ରତିଟି ମୁହୂର୍ତ୍ତରେ ରାଜନେତାମାନଙ୍କ କ୍ଷେତ୍ରରେ ପରିଦୃଷ୍ଟ ହୁଏ । ପ୍ରଜାନୁରଞ୍ଜନ ନାମକରଣକୁ ସାର୍ଥକ କରିବା ସହିତ ରଜକୀର ଅଭିଯୋଗକୁ ସମ୍ମାନ ପ୍ରଦର୍ଶନ ପୂର୍ବକ ଅନ୍ତସତ୍ତ୍ୱା ଥିବା ପ୍ରାଣପ୍ରିୟା ଜାନକୀଙ୍କ ପରିତ୍ୟାଗ କରିଛନ୍ତି । ରାଜଧର୍ମ ପାଳନ ନିକଟରେ ସ୍ତ୍ରୀ ପୁତ୍ରର ମୋହକୁ ସେ ବର୍ଜନ କରିଛନ୍ତି । ବାଲ୍ମୀକି ମହାମୁନିଙ୍କ ବଚନକୁ ଅଙ୍ଗୀକାର ପୂର୍ବକ ପୁନର୍ବାର ଜନକ ନନ୍ଦିନୀଙ୍କୁ ଗ୍ରହଣ କରିବା ସମୟରେ ପ୍ରଜାର ଉକ୍ତିକୁ ମନେପକାଇ କୋହଳ ମନୋଭାବ ପ୍ରଦର୍ଶନ ନକରି ପୁନର୍ବାର ସତୀତ୍ୱର ଅଗ୍ନିପରୀକ୍ଷା ଦେବାପାଇଁ କଠୋର ନିର୍ଦ୍ଦେଶ ଦେଇଛନ୍ତି । ସାଂସାରିକ ମାୟା ଓ ମୋହ ବନ୍ଧନର ବନ୍ଧନରେ ପ୍ରଭୁ ଆବଦ୍ଧ ହୋଇନାହାଁନ୍ତି । ଏପରିକି ସ୍ୱଧାମ ପ୍ରତ୍ୟାବର୍ତ୍ତନ ପୂର୍ବରୁ ବୈରାଗ୍ୟର ପ୍ରତୀକ ପ୍ରାଣପ୍ରିୟ ଅନୁଜ ଲକ୍ଷ୍ମଣଙ୍କୁ ନିର୍ବାସନ ଦେଇଛନ୍ତି । ପ୍ରତିଟି ପ୍ରତିକୂଳ ପରିସ୍ଥିତିରେ ସତ୍ୟ, ଧର୍ମ ଓ ନ୍ୟାୟର ବିଜୟ ବୈଜୟନ୍ତୀକୁ ପ୍ରଭୁ ନଭଶ୍ଚୁମ୍ବୀ କରାଇଛନ୍ତି । ପରିସ୍ଥିତି ଓ ପରିବେଶ ଅନୁକୂଳ ବା ପ୍ରତିକୂଳ ହେଉ, ପ୍ରଭୁ ଆଦର୍ଶର ଅନିର୍ବାଣ ଦୀପଶିଖାକୁ ପ୍ରଜ୍ୱଳିତ କରାଇଛନ୍ତି ।

ପ୍ରଭୁ ଶ୍ରୀରାମ ତାଙ୍କ ଜୀବନ କାଳ ମଧ୍ୟରେ ଯେଉଁ ଅସାଧାରଣ ମାନବିକତା ପ୍ରଦର୍ଶନ କରିଛନ୍ତି, ତାହା ଯୁଗ ଯୁଗ ପାଇଁ ତାଙ୍କର ମହାନୁଭବତାକୁ ପ୍ରତିପାଦନ କରୁଥିବ । ଲକ୍ଷ୍ମଣଙ୍କୁ ବୈରାଗ୍ୟର, ଭରତଙ୍କୁ ବିବେକ ଓ ତ୍ୟାଗର ଏବଂ ଶତ୍ରୁଘ୍ନଙ୍କୁ ସତ୍ ବିଚାରର ପ୍ରତୀକ ଭାବେ ଗ୍ରହଣ କରାଯାଉଥିବାବେଳେ ପ୍ରଭୁ ରାଘବଙ୍କ ଠାରେ ଏକାଧାରରେ ଏ ସମସ୍ତ ଦିବ୍ୟଗୁଣମାନ ପରିଦୃଷ୍ଟ ହୋଇଥାଏ । ସେ ହେଉଛନ୍ତି ନୀତି ଓ ଆଦର୍ଶର ଗନ୍ତାଘର । ସେଥିପାଇଁ ପ୍ରଭୁ ରଘୁକୂଳ ତିଳକ ଭାବେ ଅଭିହିତ ହୁଅନ୍ତି । ପ୍ରଭୁ ଶ୍ରୀରାମଙ୍କ ଜୀବନାଦର୍ଶକୁ ମାନବ ତା'ର କାର୍ଯ୍ୟଧାରରେ ପ୍ରତିଫଳିତ କରାଇପାରିଲେ ତା'ର ଜୀବନ ଏକ ଆଦର୍ଶ ଜୀବନରେ ପରିଣତ ହେବା ସହିତ ଜୀବନର ଲକ୍ଷ୍ୟ ଯେ ସାଧିତ ହୋଇପାରିବ,ଏଥିରେ ଦ୍ୱିମତ ହେବାର ନାହିଁ ।

**ଶ୍ରୀକ୍ଷେତ୍ରବିହାର, ଭୁବନେଶ୍ୱର**
**ମୋ- ୯୮୬୧୪୭୦୧୯୮**

## କଟକ ବୈଶାଖୀ ବାଣିଜ୍ୟ ମେଳାରେ ରୁଚିମଣ୍ଡପ

# ଗୋଟିଏ ସାମଗ୍ରୀ ସହିତ ଆଉ ଗୋଟିଏ ମାଗଣାରେ

କଟକ, (ସବ୍ୟୁ) : କଟକର ଐତିହାସିକ ବାଲିଯାତ୍ରା ପଡ଼ିଆରେ ଉଦ୍‌ଘାଟିତ ହୋଇଛି ୨୨ତମ କଟକ ବୈଶାଖୀ ବାଣିଜ୍ୟମେଳା । ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଏହି ବୃହତ୍ ବାଣିଜ୍ୟ-ଉଦ୍ୟୋଗ ମେଳାରେ ଓଡ଼ିଶାର ପ୍ରତିଷ୍ଠିତ ରୁଚି ମସଲା ଉଦ୍ୟୋଗ ପକ୍ଷରୁ ଖୋଲିଥିବା ମଣ୍ଡପକୁ "ରୁଚି'ର ଅଧ୍ୟକ୍ଷା ଶ୍ରୀମତୀ ସଙ୍ଗୀତା ସାହୁ ଉଦ୍‌ଘାଟନ କରିଥିଲେ । ନିର୍ଦ୍ଦେଶିକା ସଲିନା ସାହୁ, ନିର୍ଦ୍ଦେଶିକା ରଶ୍ମୀ ସାହୁ ଓ ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ "ରୁଚି'ର ପ୍ରତିଷ୍ଠାତା ସ୍ୱର୍ଗତ ଡକଫର ଶରତ କୁମାର ସାହୁଙ୍କୁ ରୁଚି ମଣ୍ଡପରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । "ରୁଚି'ର ସମସ୍ତ ପ୍ରକାର ମସଲା, ସିମାଇ ଓ ପାସ୍ତା ସାମଗ୍ରୀ ଗୋଟିଏ କିଣିଲେ ଗୋଟିଏ ବିନାମୂଲ୍ୟରେ ମିଳିବାର ବ୍ୟବସ୍ଥା ରହିଛି । ପ୍ରତି ୫୦୦ ଟଙ୍କା, ୮୦୦,



୧୫୦୦, ୩୦୦୦ ଓ ୫୦୦୦ ଟଙ୍କାର ସାମଗ୍ରୀ କିଣିଲେ ପ୍ଲାଷ୍ଟିକ ମଗ୍, ଛୋଟ ବ୍ୟାଗ୍, ପ୍ଲାଷ୍ଟିକ ବାଲତି, ଷ୍ଟିଲ ଥାଳି ଓ ଷ୍ଟିଲ ଡିନର ସେଟ୍ ମଧ୍ୟ ଉପହାର ଭାବେ ମିଳିବ । ସେହିଭଳି ରୁଚି ଉତ୍କଳ ଓ ଉତ୍କର୍ଷ ଚା, ଅଳେଇଚ ଚା ଓ ପ୍ରିମିୟମ ଚା' ଉପରେ ବିଭିନ୍ନ ଉପହାର ଯୋଜନା ରହିଛି । ଉଦ୍‌ଘାଟନୀ ସମାରୋହରେ ବାଣିଜ୍ୟ ମେଳା କମିଟିର ସଂଯୋଜକ ଦେବୀ ପ୍ରସାଦ ଦାଶ, ମାର୍କେଟିଂ ବିଭାଗର ରାଜେଶ କୁମାର ସାହୁ, ଅଜିତ ବେବର୍ତ୍ତା, ଆଲୋକ ଦାସ, ଲୋକସଂପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ, ଅରକ୍ଷିତ ରଣା ଓ ରାମଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବର୍ଷାରେ ଭିଜିଲେ ପ୍ରଭୁ-ଭକ୍ତ

ଭୁବନେଶ୍ୱର(ସବ୍ୟୁ): ପ୍ରବଳ ବର୍ଷାରେ ଭିଜିଲେ ପ୍ରଭୁ ଓ ଭକ୍ତ । ରଥରେ ଭିଜିଲେ ଭିଜିଲେ ପ୍ରଭୁ ଶ୍ରୀଲିଙ୍ଗରାଜ । ଭକ୍ତ କହୁଛି ବର୍ଷା ହେଉ ପଛେ ରଥ ଭିଡ଼ିବୁ । ଗୁରୁବାର ପବିତ୍ର ଅଶୋକାଷ୍ଟମୀ । ଏକାମ୍ର କ୍ଷେତ୍ରର ରଥଦାଣ୍ଡରେ ନେଇଥିଲେ ଶ୍ରଦ୍ଧାଳୁ । ହରିବୋଲ, ହୁଳହୁଳି ଶବ୍ଦ ସାଙ୍ଗକୁ ପାରମ୍ପରିକ ବାଦ୍ୟ ମୃଦଙ୍ଗ, ଝାଞ୍ଜ, ଢୋଲ, ଭେରି, ତୂରୀର ସୁମଧୁର ଝଙ୍କାର ଏବଂ ଲୋକକଳା, ଲୋକନୃତ୍ୟର ସମାହାରରେ କମ୍ପିଥିଲା

**▸▸ ରୁକୁଣା ରଥକୁ ଟାଣିଲେ ହଜାର ହଜାର ଶ୍ରଦ୍ଧାଳୁ**

**▸▸ ବଡ଼େଇବାଙ୍କ ଛକରେ ଅଟକିଲା ରଥ**

ଗଡ଼ିଲା ଅଣଲେଉଟା ରୁକୁଣା ରଥ । ରଥରେ ଦର୍ଶନ ଦେଇଥିଲେ ମହାପ୍ରଭୁ ଶ୍ରୀଲିଙ୍ଗରାଜ । ତାଙ୍କ ସହ ରଥରେ ବିରାଜିଛନ୍ତି ଶକ୍ତିସ୍ୱରୂପିଣୀ ମା' ରୁକ୍ମିଣୀ ଓ ପ୍ରଭୁ ବାସୁଦେବ । ଲକ୍ଷଲକ୍ଷ ଶ୍ରଦ୍ଧାଳୁଙ୍କ ସମାବେଶରେ ଉଛୁଳି ଉଠିଥିଲା ରଥଦାଣ୍ଡ ।

ରୁକୁଣା ରଥକୁ ଟାଣି ରଥଦାଣ୍ଡ । ରଥ ଆଗେ ଚାଲିଥିଲା ବିଶାଳ ପଟୁଆର, ରାମେଶ୍ୱର ମନ୍ଦିର ଯାଏଁ ଗଡ଼ିବ ରଥ । କାଳବୈଶାଖୀ ବର୍ଷାରେ ହଜାର ହଜାର ଭକ୍ତ ଭଗବାନଙ୍କ ସହ ଭିଜିଥିଲେ ।

ଅଧା ବାଟରେ ଅଟକିଲା ମହାପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥ । ପୁରୁଣା



ଭୁବନେଶ୍ୱର ବଡ଼େଇବାଙ୍କ ଛକରେ ରଥ ଅଟକିଛି । ଗୁରୁବାର ପାଇଁ ବନ୍ଦ କରାଯାଇଛି ରଥଟଣା । ଆସନ୍ତାକାଲି(ଶୁକ୍ରବାର) ପୁଣି ଟଣାଯିବ ରଥ । ଗୁରୁବାର ଅପରାହ୍ନରେ ପ୍ରବଳ ବର୍ଷା ଓ ପବନ ସତ୍ତ୍ୱେ ରଥଟଣା ହୋଇଥିଲା । ବର୍ଷା ପାଇଁ ଘଣ୍ଟାଏ କାଳ ରଥ ଅଟକିବା ପରେ ପୁଣି ଟଣାଯାଇଥିଲା । ଏହି ସମୟରେ ରାସ୍ତାକଡ଼ ଡ୍ରେନ୍ ଉପରେ ଚଢିଯାଇଥିଲା ରୁକୁଣା ରଥ । ଏପରିକି ଲୋକଙ୍କ ଘର ଉପରକୁ ସାମାନ୍ୟ ମାଡ଼ି ଯାଇଥିଲା । ମହାପ୍ରଭୁ ଶ୍ରୀଲିଙ୍ଗରାଜ, ଦୋଳଗୋବିନ୍ଦ ଓ ମା' ଦୁର୍ଗା ରୁକୁଣା ରଥରେ ବିରାଜମାନ କରି ରାମେଶ୍ୱର ଅଭିମୁଖେ ବାହାରିଛନ୍ତି । ୩୦ ତାରିଖରେ ବାହୁଡ଼ା ଯାତ୍ରା ରୁକୁଣା ରଥଯାତ୍ରା ହେବ ।

## ଓଡିଶା ଉଦ୍ୟୋଗୀ ପରିବାରର ୫ମ ବାର୍ଷିକ ସମାରୋହ

# ଘରେ ଘରେ ଉଦ୍ୟୋଗୀ ସୃଷ୍ଟି ପାଇଁ ସଂକଳ୍ପ

ଭୁବନେଶ୍ୱର,(ସବ୍ୟୁ) : ଓଡିଶା ଉଦ୍ୟୋଗୀ ପରିବାର ୫ମ ବାର୍ଷିକ ସମାରୋହ ତଥା ସମ୍ବର୍ଦ୍ଧନା ଏବଂ ଆଲୋଚନା ସଭା କାର୍ଯ୍ୟକ୍ରମ ଗୁରୁବାର ହୋଟେଲ ସ୍ୱସ୍ତି ପ୍ରିମିୟମଠାରେ ଅନୁଷ୍ଠିତ ହୋଇଯାଇଛି । ବିଜେପି ଆଇଟି ସେଲ ମୁଖ୍ୟ ଜ୍ୟୋତି ରଞ୍ଜନ ନାୟକ ଓ ଉଦ୍ୟୋଗୀ ପରିବାରର ସଭାପତି ଶିବ ନାରାୟଣ ମିଶ୍ର କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଓଡିଶାରେ ଘରେ ଘରେ ଉଦ୍ୟୋଗୀ ସୃଷ୍ଟି କରିବାର ସଂକଳ୍ପ ନେଇ ଓଡିଶା ଉଦ୍ୟୋଗୀ ପରିବାର ରାଜ୍ୟରେ ଯୁବ ପିଢୀଙ୍କୁ ଉଦ୍ୟୋଗ ପ୍ରତି ଆକର୍ଷିତ କରିବା ସହ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଆବଶ୍ୟକ ଭିତ୍ତିଭୂମି, ସମ୍ବଳ, ଜ୍ଞାନ କୌଶଳ ଓ ବଜାର ଯୋଗାଇବା ଭଳି କାର୍ଯ୍ୟକ୍ରମ ଦୀର୍ଘ ଦିନ ଧରି କରି ଆସୁଛି । ଓଡିଶାର ଉଦ୍ୟୋଗୀମାନଙ୍କ ସମ୍ମାନ ସୁରକ୍ଷା ଓ ସମୃଦ୍ଧିକୁ ପ୍ରାଥମିକତା ଦେଇ ଆସିଛି । ଘରେ ଘରେ ଉଦ୍ୟୋଗ ସୃଷ୍ଟି ପାଇଁ ଏକ ଉଦ୍ୟୋଗୀ ବନ୍ଧୁ ବାତାବରଣ ସୃଷ୍ଟି ସହ ଏହି କ୍ଷେତ୍ରରେ ଆସୁଥିବା



ବାଧାବିଘ୍ନକୁ ସମୁଖୀନ ସହ ସମାଧାନ ପାଇଁ ସଂକଳ୍ପ ନେଇଛି ଉଦ୍ୟୋଗୀ ପରିବାର । ଏଥି ସହିତ ବର୍ତ୍ତମାନ ଉଦ୍ୟୋଗୀ ମାନଙ୍କୁ ଜମି ଗ୍ରହଣ ଠାରୁ ଉତ୍ପାଦ ବିକ୍ରୀ କରି ସଶକ୍ତ ହେବା ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟା ସମାଧାନ ଓ ପ୍ରୋତ୍ସାହନ କ୍ଷେତ୍ରରେ ଥିବା ସରକାରୀ ସୁବିଧା ସହ ସଂଗଠନର ନିଜସ୍ୱ ସୁବିଧା ଯୋଗାଇଦେବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଉଦ୍ୟୋଗୀ ପରିବାରର ୫ମ ବାର୍ଷିକ ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ସଫଳ ଉଦ୍ୟୋଗୀ ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ "ଉପଦେଷ୍ଟା ଓ ବିଶେଷଜ୍ଞଙ୍କ ମାଧ୍ୟମରେ ଉଦ୍ୟୋଗର ସଶକ୍ତିକରଣ ଏବଂ ଭବିଷ୍ୟତର ସ୍ଥାୟୀତ୍ୱ "ଶୀର୍ଷକ ଆଲୋଚନାରେ ଜାଭିଅର ୟୁନିଭରସିଟିର ପ୍ରଫେସର ଡ. ରାମନା, ଡିଜିଏମ ସିଡବି ଡ. ପ୍ରଦ୍ୟୁମ୍ନ ଚୌଧୁରୀ, ଜ୍ୟୋତିଷ ଶାସ୍ତ୍ର ଅର୍ଥନୀତି ଓ କୃତ୍ରିମ ବୁଦ୍ଧିମତା ବିଶେଷଜ୍ଞ ଡ. ବ୍ରହ୍ମଚାରୀ, ସୁ-ସାହିତ୍ୟିକା ତଥା ଚିନ୍ତକ ଡ. ସୁନୀତି ମୁଣ୍ଡ, ମହିଳା ସଶକ୍ତିକରଣ ନେତୃତ୍ୱ ପରିଚୟ ଫାଉଣ୍ଡେସନ ସଭାପତି ଡ. ରୋଜାଲିନ ପାଟଶାଣୀ, ମହିଳା ଅଧିକାର ଅଭିଯାନ ଆବାହିକା ଡ. ରୀନା ରାଉତରାୟ,ସ୍ୱାଭିମାନ ଓଡିଶାର ଅଧ୍ୟକ୍ଷ ସଦାଶିବ ମିଶ୍ର, ପ୍ରଦ୍ୟୁମ୍ନ ଚୌଧୁରୀ ଆଦି ବିଶେଷଜ୍ଞ ଓ ସଂସାଧନ ବ୍ୟକ୍ତିତ୍ୱମାନେ ଉଦ୍ୟୋଗ ବିକାଶ କ୍ଷେତ୍ରରେ ତାଙ୍କର ଉପଯୋଗୀ ମନ୍ତବ୍ୟ ପ୍ରଦାନ କରିଥିଲେ । ଏ ବର୍ଷର ଶ୍ରେଷ୍ଠ ଉଦ୍ୟୋଗୀ ପୁରସ୍କାର ଭୁପେନ୍ଦ୍ର ପ୍ରତାପ ସିଂ, ସର୍ବାଧିକ ଉଦ୍ୟୋଗ ବଜାର ସହଯୋଗୀ ପୁରସ୍କାର ଅଭିଜିତ ପଣ୍ଡା, ବିଷ୍ଣୁ ମହାରଣାଙ୍କୁ ସର୍ବାଧିକ ପ୍ରୋତ୍ସାହନ କାରି ପୁରସ୍କାର ପ୍ରଦାନ କରାଯାଇଥିଲା ।

## କୁଲଡ଼ିହା ବନବିଭାଗ ଭାରପ୍ରାପ୍ତ ଏସିଏଫ୍‌ଙ୍କ ଦବଙ୍ଗଗିରି!

# ନିଲମ୍ବିତ ଫରେଷ୍ଟ ଗାର୍ଡକୁ ଲୁହା ରଡ଼ରେ ପିଟି କଲେ ଲହୁ ଲୁହାଣ

ନୀଳଗିରି , (ସବ୍ୟୁ) :ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଅଧିନ କୁଲଡ଼ିହା ବନବିଭାଗ ଭାରପ୍ରାପ୍ତ ଏ.ସି.ଏଫଙ୍କ ଦବଙ୍ଗଗିରି ନୀଳଗିରି ଅଞ୍ଚଳରେ ଚାଲିଥିବା ବେଳେ ନିଜର ମାନବିକତାକୁ ଭୁଲି ସାମାନ୍ୟ ଗାଡ଼ି ଓଭର୍ ଟେକ୍ କୁ କେନ୍ଦ୍ର କରି ଜଣେ ନିଲମ୍ବିତ ଫରେଷ୍ଟ ଗାର୍ଡକୁ ଲୁହା ରଡ଼ରେ ପିଟି ଲହୁ ଲୁହାଣ କରିବା ସହ ତାର ଜଣେ ବନ୍ଧୁଙ୍କୁ ମଧ ଛାଡି ନାହାନ୍ତି । ଏନେଇ ବରହମପୁର ଥାନାରେ ଏ.ସି.ଏଫଙ୍କ ବିରୁଦ୍ଧରେ ଦୁଇଟି ମାମଲା ରୁଜୁ ହୋଇଛି। ବରହମପୁର ଥାନା ଅନ୍ତର୍ଗତ ଉପରଡିହା ଗ୍ରାମର ନିଲମ୍ବିତ ଫରେଷ୍ଟ ଗାର୍ଡ ପଦ୍ମଲୋଚନ ଦାସ ଓ ଉକ୍ତ ଗ୍ରାମର ସମ୍ପର୍କୀୟ କ୍ଷୀରୋଦ ପ୍ରସାଦ ଦାସ ଏକ ବୋଲେରୋ ଗାଡ଼ି



(ଓ.ଡି ଜିରୋ ୪ ଏନ୍ ୭୩୦୦) ରେ କପ୍ତିପଦା ଝିଙ୍କପଦାରୁ ନୀଳଗିରି ଭଡା ଘରକୁ ଗତ ବୁଧବାର ରାତି ପ୍ରାୟ ସାଢ଼େ୧୨ଟାରେ ଫେରୁଥିବା ବେଳେ ୧୯ନଂ ରାଜ୍ୟ ରାଜପଥ ଗରଡିହି ଛକ ନିକଟରେ ବୋଲେରୋ ଗାଡ଼ିକୁ କୁଲଡ଼ିହା ଏ.ସି.ଏଫ୍ ତାଙ୍କ ସରକାରି ଥାର୍ ଗାଡ଼ିକୁ ଆଡ୍ଡା ପକାଇ ଦେଇ ଅଭଦ୍ରୋଚିତ ଭାଷାରେ ଗାଳି ଗୁଲଜ କରିବା ସହ ଅମାନୁଷିକ ଭାବେ ଏକ ଲୁହା ରଡ଼ରେ ପିଟି ପିଟି ଲହୁ ଲୁହାଣ କରିଥିଲେ । ପଦ୍ମ ଲୋଚନଙ୍କୁ ଅମାନୁଷିକ ଭାବେ ପିଟୁଥିବା ବେଳେ ତାଙ୍କର ସମ୍ପର୍କୀୟ କ୍ଷୀରୋଦ ଦାସ ପ୍ରତିବାଦ କରିବାରୁ ଅନ୍ୟ ଦୁଇଟି ଗାଡିରେ ଥିବା ବନ କର୍ମଚାରୀ ମାନେ କ୍ଷୀରୋଦକୁ ମଧ ରିତିମତ ପିଟିଥିଲେ । ସୁବ୍ରତ କୁମାର ବେହେରା କ୍ଷୀରୋଦଙ୍କ ଠାରୁ ଏକ ଦାମୀ ଘଣ୍ଟା, ନଗଦ ୪୫୦୦ ଟଙ୍କା ନେଇ ଯାଇଥିବାର ଥାନାରେ ଅଭିଯୋଗ କରିଛନ୍ତି । ସେହିପରି ପଦ୍ମ ଲୋଚନ ପାତ୍ର ମଧ୍ୟ ଥାନାରେ ଅଭିଯୋଗ କରିଛନ୍ତି । ଗୁରୁତର ପଦ୍ମଲୋଚନ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜରେ ଚିକିତ୍ସିତ ହେଉଥିବା ଜଣାପଡିଛି । ଅଭିଯୋଗକୁ ନେଇ ଏ.ସି.ଏଫ୍ ସୁବ୍ରତ ବେହେରାଙ୍କୁ ଫୋନ କରିଥିବା ବେଳେ ସେ ଫୋନ ଉଠାଇନଥିଲେ । ବାଲେଶ୍ୱର ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ପଚାରିବାରୁ ସେ କିଛି ଜାଣି ନାହାନ୍ତି ବୋଲି ମତ ରଖିଥିଲେ ।

### କୁଲଡିହା ଅଭୟାରଣ୍ୟରୁ ପୁଣି ୫ଶିକାରୀ ଗିରଫ

ନୀଳଗିରି ,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଅଧିନ କୁଲଡିହା ଅଭୟାରଣ୍ୟରୁ ପୁଣି ୫ଜଣ ଶିକାରୀଙ୍କୁ ଧରାଇଦେଲା ଏ.ଆଇ କ୍ୟାମେରା । ସେମାନଙ୍କୁ ଗିରଫ ସହ ଦେଶୀ ବନ୍ଧୁକ, ଫାସ, ବାରୁଦ ଜବତ କରାଯାଇଛି । ସୂଚନା ଅନୁସାରେ ଚେକାମରା ଗ୍ରାମର ସୁରେନ୍ଦ୍ର ସିଂ, ରୁହିୟା ସିଂ, ରାଜେଶ ସିଂ ନରେନ୍ଦ୍ର ସିଂ, ଗୁରୁବା ସିଂ କୁ ବନବିଭାଗ ଗିରଫ କରିଥିବା ବେଳେ ସେମାନଙ୍କ ଠାରୁ ତିନୋଟି ଦେଶୀ ବନ୍ଧୁକ, ଫାଶ, ବାରୁଦ ଜବତ କରିଛନ୍ତି । ସମସ୍ତ ଗିରଫ ଶିକାରୀ ମାଉସ ଡିଅର୍ କୁ ହତ୍ୟା କରିଥିବାର ତଦନ୍ତ ରୁ ଜଣାପଡିଛି ।

## ସ୍ୱର୍ଗତ ଫକିର ମୋହନ ନନ୍ଦଙ୍କର ଜନ୍ମଶତବାର୍ଷିକୀ ସମାରୋହ ଓ ପୁସ୍ତକ ଲୋକାର୍ପଣ

ଭୁବନେଶ୍ୱର, (ସବ୍ୟୁ) : ଏକ ମନୋଜ୍ଞ ପରିବେଶ ମଧ୍ୟରେ ଭୁବନେଶ୍ୱରସ୍ଥିତ ବୁଦ୍ଧମନ୍ଦିର ସମ୍ମିଳନୀ ଗୃହରେ ସମାରୋହ ପତ୍ରିକାର ପୂର୍ବତନ ପରିଚାଳନା ସଂପାଦକ ସ୍ୱର୍ଗତ ଫକିର ମୋହନ ନନ୍ଦଙ୍କର ଜନ୍ମ ଶତବାର୍ଷିକୀ ବିଚାରପତି ବିମଳ ପ୍ରସାଦ ଦାସ, ମୁଖ୍ୟବକ୍ତା, ଖ୍ୟାତନାମା ସାହିତିକ ଦାଶ ବେନହୁର, ସମ୍ମାନିତ ଅତିଥି ପଣ୍ଡିତ କୃଷ୍ଣଚନ୍ଦ୍ର ନନ୍ଦ ଶର୍ମା ଏବଂ ଆଡଭୋକେଟ ଉମାକାନ୍ତ ନନ୍ଦଙ୍କ ଦ୍ୱାରା ଲୋକାର୍ପିତ ହୋଇଛି । ମୁଖ୍ୟବକ୍ତା ଦାଶ ବେନହୁର




ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସମାରୋହର ସହଯୋଗୀ ସଂପାଦକ ଓ ପୂର୍ବତନ ରୋଟାରି ଗଭର୍ଣ୍ଣର ରବିନାରାୟଣ ନନ୍ଦଙ୍କର ଦୁଇଟି ପୁସ୍ତକ ମଧ ଲୋକାର୍ପିତ ହୋଇଛି । ପେନ୍‌ଇନ୍ ବୁକସ୍ ପ୍ରକାଶିତ ଗଳ୍ପ ସଂକଳନ ଏ ମନ ଭାବୁଥାଇ ଯାହା ଓ କବିତା ସଂକଳନ ଡେଣା ମୁଖ ଅତିଥି ଲୋକାର୍ପିତ ପୁସ୍ତକ ଗୁଡ଼ିକର ଆଲୋଚନା କରିଥିଲେ ଏବଂ ପ୍ରକାଶକ ଶୁଭ୍ରାଂଶୁ ପଣ୍ଡା ପ୍ରକାଶିତ ପୁସ୍ତକ ଉପରେ ମନ୍ତବ୍ୟ ରଖିଥିଲେ । ବହୁ ଅତିଥି, ଦର୍ଶକ ଓ ଶ୍ରୋତାଙ୍କ ଗହଣରେ ସ୍ୱର୍ଗତ ଫକିର ମୋହନ ନନ୍ଦଙ୍କର ସ୍ମୃତିଚାରଣ କରାଯାଇଥିଲା । କବି ପ୍ରବୀର ମହାନ୍ତି ସଭା ପରିଚାଳନା କରିଥିଲେ ।

## ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ସ୍ମଲକ୍ୟାପ ୨୫୦ ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ ପକ୍ଷରୁ ଏହାର ୟୁନିଟ ଲିଙ୍କଡ ଇନ୍ସୁରାନ୍ସ ପ୍ଲାନ୍ (ୟୁଏଲଆଇପି) ଅଧୀନରେ, ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ସ୍ମଲକ୍ୟାପ ୨୫୦ ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ କରାଯାଇଛି । ଏହି ଫଣ୍ଡ ଗ୍ରାହକଙ୍କୁ ଉଦୀୟମାନ ତାଲିକାଭୁକ୍ତ କମ୍ପାନୀଗୁଡିକର ଏକ ବିସ୍ତୃତ ଶୃଙ୍ଖଳାରେ ନିବେଶ କରିବା ଏବଂ ଏକ ଶୃଙ୍ଖଳିତ, ସୂଚକାଙ୍କ-ଆଧାରିତ ପଦ୍ଧତି ମାଧ୍ୟମରେ ଦୀର୍ଘାବଧିରେ ସମ୍ପତି ସୃଷ୍ଟି ପାଇଁ ସକ୍ଷମ କରୁଛି । ଏହି ଫଣ୍ଡ ସ୍ମଲକ୍ୟାପ ୨୫୦ ଇଣ୍ଡେକ୍ସକୁ ଟ୍ରାକ କରିଥାଏ, ଯାହା ନିଫଟି ୫୦୦ ମଧ୍ୟରେ ୨୫୧ତମରୁ ୫୦୦ତମ ର୍ୟାଙ୍କରେ ଥିବା ୨୫୦ଟି କମ୍ପାନୀଗୁଡିକର ପ୍ରତିନିଧିତ୍ୱ କରିଥାଏ । ଏହି ଫଣ୍ଡ କ୍ଷୁଦ୍ର ତାଲିକାଭୁକ୍ତ ବ୍ୟବସାୟଗୁଡିକର ଏକ ଶୃଙ୍ଖଳା ପାଇଁ ଏକ୍ସପୋଜର ପ୍ରଦାନ କରିଥାଏ ଯେଉଁମାନେ ନିଜ ଅଭିବୃଦ୍ଧି ଯାତ୍ରାର ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଥାନ୍ତି ଏବଂ ସେମାନଙ୍କ ପାଖରେ ସମୟକ୍ରମେ ବିକଶିତ ହେବାର ସମ୍ଭାବନା ରହିଥାଏ । ଏହି ଶୁଭାରମ୍ଭ ସମ୍ପର୍କରେ ମତପ୍ରକାଶ କରି ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ କମ୍ପାନୀ ଲିମିଟେଡର ମୁଖ୍ୟ ନିବେଶ ଅଧିକାରୀ ମନିଷ କୁମାର କହିଛନ୍ତି, ସ୍ମଲକ୍ୟାପ ୨୫୦ ଇଣ୍ଡେକ୍ସ ଫଣ୍ଡ ଗ୍ରାହକଙ୍କୁ ଉଦୀୟମାନ କମ୍ପାନୀଗୁଡିକର ଅଭିବୃଦ୍ଧି ସମ୍ଭାବନାରେ ନିବେଶ କରିବା ଏବଂ ଦୀର୍ଘାବଧିରେ ସମ୍ପତି ହାସଲ କରିବା ପାଇଁ ଏକ ସରଳ ଓ ସ୍ୱଚ୍ଛ ମାର୍ଗ ପ୍ରଦାନ କରୁଛି ।

## ଫେଡେରାଲ ବ୍ୟାଙ୍କ କଟକରେ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

କଟକ: (ସବ୍ୟୁ) : ଫେଡେରାଲ ବ୍ୟାଙ୍କ କଟକ ଶାଖାରେ ନିଭା ବୁପା ହେଲଥ୍ ଇନସୁରାନ୍ସ ଏବଂ ମଣିପାଲ ହସ୍ପିଟାଲ, ଭୁବନେଶ୍ୱର ସହଯୋଗରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସଫଳତାର ସହ ଆୟୋଜିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ଡ. ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର ଏହି ଶିବିରକୁ ଉଦଘାଟନ କରିଥିଲେ । ଏହି ଅବସରରେ ରିଜିଓନାଲ ମୁଖ୍ୟ ରିତୁରାଜ ଉପସ୍ଥିତ ରହି ସମୁଦାୟ ସ୍ୱାସ୍ଥ୍ୟ ସଚେତନତା ପ୍ରତି ବ୍ୟାଙ୍କର ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ । ସକାଳ ୧୦ଟାରୁ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ଆୟୋଜିତ ଏହି ଶିବିରରେ ଗ୍ରାହକ, ସ୍ଥାନୀୟ ନାଗରିକ ଓ ବ୍ୟାଙ୍କ କର୍ମଚାରୀମାନେ ଉତ୍ସାହର ସହ ଯୋଗ ଦେଇଥିଲେ । ଏଥିରେ ଉଚ୍ଚତା, ଓଜନ ଓ ବିଏମ୍ଆଇ ମାପନ, ରକ୍ତଚାପ ପରୀକ୍ଷା, ରାଣ୍ଡମ ବ୍ଲଡ ସୁଗାର ଟେଷ୍ଟ, ଇସିଜି, ପଲମନାରି ଫଙ୍କସନ ଟେଷ୍ଟ, ଚକ୍ଷୁ ପରୀକ୍ଷା, ଡେଣ୍ଟାଲ ଚେକ୍ଅପ ଓ ସାଧାରଣ ଡାକ୍ତର ପରାମର୍ଶ ସହିତ ବିଭିନ୍ନ ସେବା ନିଃଶୁଳ୍କରେ ପ୍ରଦାନ କରାଯାଇଥିଲା । ମଣିପାଲ ହସ୍ପିଟାଲରେ ଚିକିତ୍ସକମାନେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ରୋଗୀମାନଙ୍କୁ ଉଚିତ୍ ପରାମର୍ଶ ଦେବା ସହିତ ପ୍ରତିରୋଧମୂଳକ ସ୍ୱାସ୍ଥ୍ୟ ସେବାର ଗୁରୁତ୍ୱ ବିଷୟରେ ଜଣାଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଡଃ ମହାପାତ୍ର ପ୍ରତିରୋଧମୂଳକ ସ୍ୱାସ୍ଥ୍ୟ । ରିଜିଓନାଲ ମୁଖ୍ୟ ରିତୁରାଜ କହିଥିଲେ ଯେ ଫେଡେରାଲ ବ୍ୟାଙ୍କ ସର୍ବଦା ସମାଜସେବା ପ୍ରତି ପ୍ରତିବଦ୍ଧ । ଏପରି ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ସଚେତନତା ସୃଷ୍ଟି କରିବା ସହ ଲୋକମାନଙ୍କ ପାଖରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଆମର ଉଦ୍ଦେଶ୍ୟ ବୋଲି ସେ କହିଥିଲେ ।



ସେବା ଏକ ସୁସ୍ଥ ସମାଜର ମୂଳ ଆଧାର ଏବଂ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଦ୍ୱାରା ରୋଗକୁ ପ୍ରାରମ୍ଭ ଅବସ୍ଥାରେ ଚିହ୍ନଟ କରାଯାଇ ଉପଯୁକ୍ତ ସମୟରେ ଚିକିତ୍ସା କରାଯାଇପାରିବ ବୋଲି ସେ କହିଥିଲେ ଏହି ପଦକ୍ଷେପକୁ ସମସ୍ତଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା । ଏହା ଫେଡେରାଲ ବ୍ୟାଙ୍କର ସାମାଜିକ ଦାୟିତ୍ୱବୋଧତା ପ୍ରତି ଅତୁଟ ପ୍ରତିବଦ୍ଧତାକୁ ପ୍ରକାଶ କରିଥାଏ ।

## ଆଲମିରା ଭାଙ୍ଗି ଲୁଟିନେଲେ ଅଳଙ୍କାର

କଣାସ ,(ସବ୍ୟୁ): : ପୁରୀ ଗଡିଶାଗୋଦା ଥାନା ଗୋଲାରା ଗାଁରେ ଦୁର୍ବୃତ୍ତଙ୍କ ଆତଙ୍କରାଜ । ଘରେ ପଶି ହାଣିଲେ । ଆଲମିରା ଭାଙ୍ଗି ଲୁଟିନେଲେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର । ଗୋଲାରା ଗାଁର ବଡ଼ଜେନାଙ୍କ ଘରୁ ହୋଇଛି ଚୋରି । ବୁଧବାର ରାତ୍ର ପ୍ରାୟ ୧୧ଟା ସମୟରେ ୩ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ବଡ଼ଜେନାଙ୍କ ଘରେ ପଶିଥିଲେ । ଘରେ ଥିବା ମହିଳାଙ୍କୁ ମାଡ଼ ମାରି ଛୁରୀରେ ହାତ କାଟିଦେଇ ଘରୁ ସୁନା ଗହଣା ଲୁଟିନେଇଛନ୍ତି । ଆହତଙ୍କୁ ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି ।

## ପୂର୍ବତନ ପୁଲିସ ଅଧିକାରୀ ଅରବିନ୍ଦ ମିତ୍ରଙ୍କ ବିୟୋଗରେ ଶୋକସଭା

ଭୁବନେଶ୍ୱର, (ସବ୍ୟୁ) : ଓଡିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର ବରିଷ୍ଠ ଦିଗଦର୍ଶକ ଓ ଅବସରପ୍ରାପ୍ତ ପୁଲିସ ଦୁର୍ଗପତି ଅରବିନ୍ଦ ମିତ୍ରଙ୍କର ଅକାଳ ବିୟୋଗରେ ଏକ ଶୋକ ସଭା ସମିତିର ୟୁନିଟ୍ ୧ କାର୍ଯ୍ୟାଳୟରେ ସଭାପତି ସୂର୍ଯ୍ୟମଣି ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ମିତ୍ର ଓଡିଶା ପୋଲିସରେ ଆସିଷ୍ଟାଣ୍ଟ୍, କମାଣ୍ଡାଣ୍ଟ ଭାବରେ ପୋଲିସ ବିଭାଗରେ ଯୋଗଦାନ କରି ସେବାନିବୃତ୍ତ ହୋଇଥିଲେ। ପୁଲିସ ତାଲିମ କେନ୍ଦ୍ର, ଡେପୁଟି ଡାଇରେକ୍ଟର, ସ୍ପୋର୍ଟ୍ସ ଆଦି ବିଭିନ୍ନ ବିଭାଗରେ ଅତି ଦକ୍ଷତାର ସହ ସେ କାର୍ଯ୍ୟ କରିଥିଲେ। ସର୍ବଭାରତୀୟ ସ୍ତରରେ ବନ୍ଧୁକ ଚାଳନା କ୍ରୀଡା ସଂଗଠନ, ଆଇନ ଶୃଙ୍ଖଳା ପୁରୀ ରଥଯାତ୍ରାରେ ଅତି ଦକ୍ଷତାର ସହ କାର୍ଯ୍ୟ କରି ପୋଲିସ ବିଭାଗରେ ସୁନାମ ଅର୍ଜନ କରିଥିଲେ । ଜଣେ ସାହିତ୍ୟିକ ଓ ସମାଜସେବୀ ଭାବରେ ମଧ ସେ ଜଣାଶୁଣା। ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସଭାପତି ଶ୍ରୀ ତ୍ରିପାଠୀ, ସାଧାରଣ ସମ୍ପାଦକ ବିଜୟ କୁମାର ମହାନ୍ତି, ସଂଗଠନ ସମ୍ପାଦକ ନୀଳମୋହନ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ବାମନଚରଣ ପଣ୍ଡା, ଉପସଭାପତି ଦେବେନ୍ଦ୍ର ନାଥ ଶତପଥି, କୋଷାଧ୍ୟକ୍ଷ ରାଧାନାଥ ପଣ୍ଡାଙ୍କ ସମେତ ଅନ୍ୟ ସଦସ୍ୟମାନେ ସ୍ୱର୍ଗତଃ ମିତ୍ରଙ୍କର ଗୁଣଗାନ କରିଥିଲେ।

## ୪ ଶହ ଟଙ୍କା ପାଇଁ ବାପକୁ ମାରିଲା ପୁଅ

ମୋରଡା,(ସବ୍ୟୁ): ମାତ୍ର ୪୦୦ଟଙ୍କା ପାଇଁ ନିଜ ବାପାଙ୍କୁ ହତ୍ୟା କରିଲେ ପୁଅ । ଏଭଳି ଲୋମହର୍ଷକାରୀ ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲା ମୋରଡା ଥାନା ତଥା ଚିତ୍ରଡା ଫାଣ୍ଡି ଅଞ୍ଚଳରେ । ମୋରଡ଼ା ଥାନା ଚିତ୍ରଡା ଉକ୍ତ ଫାଣ୍ଡି ଅଧୀନ ହଳଦୀପାଳ ପଞ୍ଚାୟତର ଲଦଡ଼ିହି ଗ୍ରାମର ଗୋବିନ୍ଦ ମାର୍ଣ୍ଡି(୮୦)ଙ୍କ ଠାରୁ ତାଙ୍କ ପୁଅ ମଧୁ ମାର୍ଣ୍ଡି(୩୬) ପ୍ରତିଦିନ ଟଙ୍କା ନିଅନ୍ତି । ଗୋବିନ୍ଦ ମାରାଣ୍ଡି (୮୦) ବୁଧବାର ଦିନ ଘର ବାରିରେ ଥିବା ସଜନା ଛୁଇଁ ବିକ୍ରି ୪୦୦ ଟଙ୍କା ରଖି ଥିଲେ । ତେବେ ବୁଧବାର ରାତି ୯ଟାରେ ଗୋବିନ୍ଦ ଶୋଇଥିବା ସମୟରେ ପୁଅ ମଧୁ ତାଙ୍କୁ ସଜନା ଛୁଇଁ ବିକ୍ରି କରିଥିବା ବାବଦରେ ୪୦୦ଟଙ୍କା ମାଗିଥିଲେ । ଟଙ୍କା ଦେବାକୁ ବାପା ମନା କରିବାରୁ ଏକ ବାଉଁଶ ବାଡ଼ିରେ ନିଶାସକ୍ତ ମଧୁ ପିଟି ପିଟି ହତ୍ୟା କରଥିଲା । ବଡ଼ ପୁଅ ଖୁଦୁ ମାରାଣ୍ଡିଙ୍କ ଅଭିଯୋଗ କ୍ରମେ ମୋରଡା ପୁଲିସ ଅଭିଯୁକ୍ତ ମଧୁକୁ ଅଟକ ରଖି ପଚରାଉଚରା କରିଛି ।ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଂଚି ଅଧିକ ତଦନ୍ତ ଚଳାଇଛି । ଏ ନେଇ ମୋରଡା ଥାନାରେ ୧୨୫/୨୬ ରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇଛି । ସୂଚନା ଥାଉକି ପୂର୍ବରୁ ମଧୁ ପିଟି ଅଣ୍ଟା ଭାଙ୍ଗି ଦେଇଥିବାରୁ ଆଶାବାଡ଼ିରେ ଚାଲୁଥିଲେ ଗୋବିନ୍ଦ ।

## ନବବଧୂଙ୍କୁ ହତ୍ୟା : ଶବରଖି ଥାନା ଆଗରେ ପ୍ରତିବାଦ

ବାଲେଶ୍ୱର,(ସବ୍ୟୁ): ଜଣେ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ କୁ ନେଇ ଉତ୍ତେଜନା ପ୍ରକାଶ ପାଇଛି । ମୃତକଙ୍କ ବାପଘର ଲୋକେ ମୃତଦେହ ରଖି ପ୍ରତିବଦ କରିଛନ୍ତି । ସିମୁଳିଆ ଥାନା କୁଟାରୀ ଗ୍ରାମର ଦୈତାରୀ ସାହୁଙ୍କ ପୁଅ ମୃତ୍ୟୁଞ୍ଜୟ ସାହୁ ପ୍ରାୟ ୮ ମାସ ତଳେ ଖଇରା ଥାନା ବଣଗଡ଼ିଆ ଗ୍ରାମର କାହ୍ନୁଚରଣ ଦାସଙ୍କ ଝିଅ ଲୀଳାବତୀଙ୍କୁ ବିବାହ କରିଥିଲେ । ବିବାହର କିଛି ଦିନ ପରେ ଶାଶୂଘର ଲୋକ ଲୀଳାବତୀଙ୍କୁ ଶୋରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇ ଆସୁଥିଲା । ବୁଧବାରଦିନ ଲୀଳାବତୀ ବିଷ ପିଇ ଆତ୍ମହତ୍ୟା କରିଥିବା ଶାଶୂଘର ଲୋକେ ବାପଘରକୁ ଜଣାଇଥିଲେ । ହେଲେ ବାପଘର ଲୋକ ଡାକ୍ତରଖାନାରେ ପହଞ୍ଚି ଝିଅ ଦେହରେ ବିଭିନ୍ନ କ୍ଷତଚିହ୍ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ । ନ୍ୟାୟ ଦାବିରେ ବାପଘର ଲୋକେ ପ୍ରଥମେ ମାର୍କୋଣା ଛକ ଓ ପରେ ସିମୁଳିଆ ଥାନା ସମ୍ମୁଖରେ ଶବ ରଖି ପ୍ରତିବାଦ କରିଥିଲେ । ଏହାପରେ ସିମୁଳିଆ ପୁଲିସ ମୃତକଙ୍କ ସ୍ୱାମୀ ମୃତ୍ୟୁଞ୍ଜୟଙ୍କୁ ଥାନାରେ ଆଣି ଅଟକ ରଖିଥିଲା । ହେଲେ ଝିଅଘର ଲୋକେ ସମସ୍ତ ଶାଶୂଘର ଲୋକଙ୍କୁ ଗିରଫ କରିବାକୁ ଦାବି କରିଥିଲେ । ଶେଷରେ ସିମୁଳିଆ ପୁଲିସର ବୁଝାସୁଝା ପରେ ସେମାନେ ଧାରଣାରୁ ହଟିଛନ୍ତି ।

## ଏପ୍ରିଲ ୧୧ରେ ଆୟୋଜିତ ହେବ ରାଜ୍ୟ ସ୍ତରୀୟ ଯୁବ ସାହିତ୍ୟ ସମାବେଶ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବହୁଳ ପ୍ରଚାର ଓ ପ୍ରସାର ନିମନ୍ତେ ସାରା ରାଜ୍ୟରେ ଏପ୍ରିଲ ମାସ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ଓଡ଼ିଆ ପକ୍ଷ। ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର ଓ ପ୍ରସାର ନିମନ୍ତେ ରାଜ୍ୟର ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଓଡ଼ିଆ ଗଳ୍ପ ଲିଖନ, ଓଡ଼ିଆ କବିତା ଲିଖନ ଏବଂ ଓଡ଼ିଆ ପ୍ରବନ୍ଧ ଲିଖନ ପ୍ରତିଯୋଗିତାର ଆୟୋଜନ କରିବା ନିମନ୍ତେ ସମସ୍ତ ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରାର ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷମାନଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚିଠି କରାଯାଇଛି। ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟରେ "ଓଡ଼ିଆ ଗଳ୍ପ ଲିଖନ", "ଓଡ଼ିଆ କବିତା ଲିଖନ", "ଓଡ଼ିଆ ପ୍ରବନ୍ଧ ଲିଖନ" ତିନୋଟି ବିଭାଗରେ ପ୍ରତିଯୋଗିତା ଆୟୋଜନ କରାଯିବ। ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟ ସ୍ତରରେ ଉପରୋକ୍ତ ତିନୋଟି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରତିଭାଙ୍କୁ ଚୟନ କରାଯାଇ, ତାହାର ସମ୍ପୂର୍ଣ୍ଣ ତାଲିକା ରେଜିଷ୍ଟ୍ରାର ଓ ଅଧ୍ୟକ୍ଷମାନେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକମାନଙ୍କୁ ୩୦ ମାର୍ଚ୍ଚ, ୨୦୨୬ ସୁଦ୍ଧା ପ୍ରଦାନ କରିବେ। ଏହାପରେ ପ୍ରତ୍ୟେକ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଜୋନ୍‌ରେ ଜୋନାଲ ସ୍ତରୀୟ ପ୍ରତିଯୋଗିତା ଆୟୋଜନ ହେବ। ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଜୋନ୍‌ରୁ ୧୫୦ ଜଣ ଏବଂ ଅନ୍ୟ ସମସ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଜୋନ୍‌ରୁ ୧୦୦ ଜଣ ଲେଖାଏଁ ଛାତ୍ରଛାତ୍ରୀଙ୍କୁ ଚୟନ କରାଯିବ। ଚୟନିତ ପ୍ରତିଭାମାନଙ୍କ ସମସ୍ତ ବିବରଣୀ ୫ ଏପ୍ରିଲ ସୁଦ୍ଧା ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ତରଫରୁ ଓଡ଼ିଶା ସାହିତ୍ୟ ଏକାଡ଼େମୀକୁ ଇ-ମେଲ କରାଯିବ। ଏଥିସହିତ ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଏପ୍ରିଲ ୧୧ ତାରିଖ ଦିନ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରାଜ୍ୟ ସ୍ତରୀୟ ଯୁବ ସାହିତ୍ୟ ସମାବେଶର ଆୟୋଜନ କରାଯିବ। ସୂଚନାଯୋଗ୍ୟ ଯେ, ଓଡ଼ିଆ ପକ୍ଷ ପାଳନ ଅବସରରେ ଏପ୍ରିଲ ୮ ତାରିଖରେ ରାଜ୍ୟର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ରକ୍ତଦାନ ଶିବିର ଆୟୋଜନ କରିବା ନିମନ୍ତେ ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଏପ୍ରିଲ ୯ ତାରିଖରେ "ଆସ ବହିଟିଏ କିଣିବା" ଅଭିଯାନ ପାଳନ ହେବା ଅବସରରେ ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଆ ପୁସ୍ତକ କିଣିବା ପାଇଁ ପ୍ରୋତ୍ସାହିତ କରିବା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

# ଟ୍ରମ୍ପଙ୍କୁ ଚେତାବନୀ: ବିନାଶକାରୀ ହେବ ସ୍ଥଳ ଯୁଦ୍ଧ-ଇରାନ

**ତେହେରାନ:** ଆମେରିକା-ଇସ୍ରାଏଲ ମିଳିତ ବାହିନୀ ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଏବେ ଅତି ଜଟିଳ ମୋଡ଼ରେ ପହଞ୍ଚିଛି। ବିଗତ ଚାରି ସପ୍ତାହ ଧରି ଜାରି ରହିଥିବା ଏହି ଯୁଦ୍ଧ ଏକ ଶକ୍ତିଶାଳୀ ସାମରିକ ଗତିରୋଧର ରୂପ ନେଇଛି। ଯୁଦ୍ଧବିରତି ଆଲୋଚନା ପାଇଁ ଉଭୟ ଇରାନ ଓ ଆମେରିକା କଡ଼ା ସର୍ତ୍ତ ରଖିଥିବା ଏବଂ ଇରାନ ଆମେରିକାର ସର୍ତ୍ତକୁ ପ୍ରତ୍ୟାଖ୍ୟାନ କରିଥିବାରୁ କୂଟନୈତିକ ଅଚଳାବସ୍ଥା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ପାକିସ୍ତାନ ଦାବି କରିଛି ଯେ କଥାବାର୍ତ୍ତା ପାଇଁ ବିଭିନ୍ନ ଚ୍ୟାନେଲ ସକ୍ରିୟ ରହିଛି ଏବଂ ଖୁବ୍‌ଶୀଘ୍ର ଏହାର ପରିଣାମ ଦେଖିବାକୁ ମିଳିବ। ଆମେରିକା ଓ ଇସ୍ରାଏଲ ଆକାଶମାର୍ଗରେ ନିଜର ପ୍ରାଧାନ୍ୟ ବିସ୍ତାର କରି ଇରାନର କ୍ଷେପଣାସ୍ତ୍ର ଭିତ୍ତିଭୂମିକୁ ବହୁ ପରିମାଣରେ ନଷ୍ଟ କରିଦେଇଥିଲେ ମଧ୍ୟ ଇରାନର ଆକ୍ରମଣ କ୍ଷମତା କମୁନଥିବାରୁ ସାମରିକ ବିଶେଷଜ୍ଞମାନେ ବିସ୍ମୟ ପ୍ରକଟ କରିଛନ୍ତି। ଇରାନ ହର୍ମୁଜ ପ୍ରଣାଳୀ ଅବରୋଧ କରି ବିଶ୍ୱ ଅର୍ଥନୀତି ଉପରେ ଏକ ଅସହ୍ୟ ଚାପ ପ୍ରୟୋଗ କରିବାରେ ସଫଳ ହୋଇଛି। ଏହି ସାମରିକ ଗତିରୋଧ ଏବେ ଏକ ଭୟଙ୍କର ସ୍ଥଳ ଯୁଦ୍ଧର ଆଶଙ୍କା ସୃଷ୍ଟି କରିଛି, ଯାହା ସମଗ୍ର ମଧ୍ୟ-ପ୍ରାଚ୍ୟରେ ଧ୍ୱଂସଲୀଳା ରଚିବ ବୋଲି ବିଶ୍ଳେଷକମାନେ କହିଛନ୍ତି। ଇରାନ ଆଜି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଚେତାବନୀ ଦେଇ କହିଛି ଯେ ସ୍ଥଳ ଯୁଦ୍ଧ ଆମେରିକୀୟ ମିଳିତ ବାହିନୀ ପାଇଁ 'ମୃତ୍ୟୁର ବଳୟ' ହେବ ଇରାନର ବରିଷ୍ଠ ସାମରିକ ରଣନୀତିଜ୍ଞ ମୋହସେନ ରେଜାଇ ଏକ କଠୋର ଚେତାବନୀ ଦେଇ କହିଛନ୍ତି, ଯଦି ମିଳିତ ବାହିନୀ ସ୍ଥଳପଥରେ ଆକ୍ରମଣ କରେ, ତେବେ ତାହା ଶତ୍ରୁ ପକ୍ଷ ପାଇଁ ଅତ୍ୟନ୍ତ ବିପଜ୍ଜନକ ଏବଂ ବିନାଶକାରୀ ପ୍ରମାଣିତ ହେବ। ସେ ଆମେରିକାକୁ ଚ୍ୟାଲେଞ୍ଜ କରି ପ୍ରଶ୍ନ କରିଛନ୍ତି ଯେ, ଆମେରିକୀୟ ସୈନିକମାନେ କ'ଣ ଇସ୍ରାଏଲ ପାଇଁ ମରିବାକୁ ପ୍ରସ୍ତୁତ? ଇରାନର ପାହାଡ଼ିଆ ଅଞ୍ଚଳ, ବିସ୍ତୀର୍ଣ୍ଣ ମରୁଭୂମି ଏବଂ ଦୁର୍ଗ ସଦୃଶ ସହରଗୁଡ଼ିକୁ ଆକ୍ରମଣକାରୀଙ୍କ ପାଇଁ ଏକ 'କିଲ୍ ଜୋନ୍' ବା ମୃତ୍ୟୁର ବଳୟରେ ପରିଣତ କରିବା ପାଇଁ ତେହେରାନ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ସେ କହିଛନ୍ତି।



ଅନ୍ୟପକ୍ଷରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଏକ ଶକ୍ତ ଚେତାବନୀ ଦେଇ କହିଛନ୍ତି ଯେ, ସାମରିକ ବିକଳ୍ପ ଆହୁରି ତୀବ୍ର ହେବା ପୂର୍ବରୁ ଇରାନ ଯୁଦ୍ଧବିରତି ପ୍ରସ୍ତାବ ଉପରେ ଗମ୍ଭୀର ହେବା ଉଚିତ। ଟ୍ରମ୍ପ ଇରାନୀ ବୁଝାମଣାକାରୀଙ୍କୁ 'ବିଚିତ୍ର' ବୋଲି ବର୍ଣ୍ଣନା କରିବା ସହ ଦାବି କରିଛନ୍ତି ଯେ, ତେହେରାନ ବାହାରକୁ ଆଲୋଚନା ପାଇଁ ମନା କରୁଥିଲେ ମଧ୍ୟ ଭିତରେ ଭିତରେ ଚୁକ୍ତି ପାଇଁ ବ୍ୟାକୁଳ ଅଛି। ସେ କହିଛନ୍ତି, ସମୟ ଶେଷ ହେବା ପୂର୍ବରୁ ସେମାନେ ସତର୍କ ହେବା ଭଲ, ନଚେତ ଇରାନ ପାଇଁ ଫେରିବାର କୌଣସି ସୁଯୋଗ ରହିବ ନାହିଁ। ସୂଚନାଯୋଗ୍ୟ, ଇରାନ ଏବେ ହର୍ମୁଜ ପ୍ରଣାଳୀକୁ ଆମେରିକା ଓ ଇସ୍ରାଏଲ ଜାହାଜ ପାଇଁ ସମ୍ପୂର୍ଣ୍ଣ ସିଲ୍ କରିଦେଇଛି ଏବଂ ଭାରତ, ଚୀନ୍, ପାକିସ୍ତାନ ସମେତ ୫ଟି ଦେଶକୁ ସର୍ତ୍ତମୂଳକ ଅନୁମତି ଦେଇଛି। ଏହି ଅବରୋଧ ଯୋଗୁଁ ବିଶ୍ୱ ବଜାରରେ ଯୁଦ୍ଧର ପ୍ରଭାବ ପ୍ରଭାବ ଆର୍ଥିକ କ୍ଷେତ୍ରରେ ଦେଖିବାକୁ ମିଳିଛି। କେତେକ କ୍ଷେତ୍ରରେ ଇରାନ ମୋଟା ଅଙ୍କର ଶୁଳ୍କ ବଦଳରେ ଜାହାଜଗୁଡ଼ିକୁ ଯିବାକୁ ଅନୁମତି ଦେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ସାମରିକ କାର୍ଯ୍ୟାନୁଷ୍ଠାନ ମଧ୍ୟ ତୀବ୍ର ହୋଇଛି। ଇସ୍ରାଏଲ ପକ୍ଷରୁ ତେହେରାନର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଓ ଆଇଆର୍‌ଜିସିର କମାଣ୍ଡ ସେଣ୍ଟର ଉପରେ ପ୍ରବଳ ଏୟାର୍‌ଷ୍ଟ୍ରାଇକ କରାଯାଇଛି। ଏହାର ପ୍ରତିଶୋଧ ସ୍ୱରୂପ ଇରାନ ତେଲ୍ ଅଭିଭ୍ ସମେତ ଇସ୍ରାଏଲର କେନ୍ଦ୍ରୀୟ ଅଞ୍ଚଳ ଏବଂ ଗଲ୍ଫ ଦେଶରେ ଥିବା ଆମେରିକୀୟ ସାମରିକ ଘାଟି ଉପରେ ଶତାଧିକ ମିସାଇଲ ଓ ଡ୍ରୋନ୍ ମାଡ଼ କରିଛି। ଆବୁଧାବିରେ ମିସାଇଲର ଭଗ୍ନାବଶେଷ ପଡ଼ି ଦୁଇ ଜଣ ପ୍ରବାସୀଙ୍କ ମୃତ୍ୟୁ ଘଟିଥିବା ବେଳେ ତିନି ଜଣ ବାହାରିନ ଆନ୍ତର୍ଜାତୀୟ ବିମାନ ବନ୍ଦର ନିକଟରେ ଥିବା ଏକ ତୈଳ ଡିପୋରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି, ଯାହାକୁ ଇରାନର ଆକ୍ରମଣ ବୋଲି ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ ହେଜବୁଲ୍ଲାର ରକେଟ ମାଡ଼ରେ ମଧ୍ୟ ଇସ୍ରାଏଲରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଶାନ୍ତି ପ୍ରତିଷ୍ଠା ପାଇଁ ରାଷ୍ଟ୍ରପତି ଟ୍ରମ୍ପଙ୍କ ପକ୍ଷରୁ ଦିଆଯାଇଥିବା ୧୫ ସୂତ୍ରୀ ଯୁଦ୍ଧବିରତି ପ୍ରସ୍ତାବକୁ ଇରାନ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଥିବା ବେଳେ ଯଦି ସ୍ଥଳ ଯୁଦ୍ଧ ଆରମ୍ଭ ହୁଏ, ତେବେ ଏହା କେବଳ ଇରାନ ନୁହେଁ ବରଂ ସମଗ୍ର ବିଶ୍ୱ ପାଇଁ ବଡ଼ ବିପଦ ଆଣିବ।

# ତୈଳ ବୋଝେଇ ତୁର୍କୀ ଟ୍ୟାଙ୍କର ଉପରେ ଆକ୍ରମଣ



**ଅଙ୍କାରା:** ଗୁରୁବାର କୃଷ୍ଣସାଗରରେ ଗଭୀର ଜଳରାଶି ତଳେ ତୁର୍କୀ ଦ୍ୱାରା ପରିଚାଳିତ ଏକ ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ ହୋଇଛି। ଏକ ମାନବବିହୀନ ସର୍ଫେସ୍ ଯାନ ଦ୍ୱାରା ଏହି ଆକ୍ରମଣ କରାଯାଇଥିବା ଅନୁମାନ କରାଯାଉଛି ବୋଲି ତୁର୍କୀ ପରିବହନ ମନ୍ତ୍ରୀ ଅବଦୁଲକଦିର ଉରାଲୋଗ୍ଲୁ କହିଛନ୍ତି। ଏକ ଟେଲିଭିଜନ ସାକ୍ଷାତକାରରେ ମନ୍ତ୍ରୀ ଅବଦୁଲକଦିର କହିଛନ୍ତି, ତୁର୍କୀ କମ୍ପାନି ଦ୍ୱାରା ପରିଚାଳିତ ଏକ ବିଦେଶୀ ଜାହାଜ ଯେଉଁଥିରେ ରୁଷ ଅଶୋଧିତ ତୈଳ ଥିଲା ତା'ର ଇଞ୍ଜିନ ରୁମ୍‌ରେ ନିଆଁ ଲାଗି ଯାଇଛି। ସେ କହିଛନ୍ତି, ଆମେ ବିଶ୍ୱାସ କରୁଛୁ ଯେ ଆକ୍ରମଣ ଦ୍ୱାରା ନିର୍ଦ୍ଦିଷ୍ଟ ଭାବେ ଇଞ୍ଜିନ ରୁମ୍କୁ ଟାର୍ଗେଟ୍ କରାଯାଇଥିଲା। ତେବେ ଡ୍ରୋନ୍ ଦ୍ୱାରା ଏହି ଆକ୍ରମଣ ପରିଚାଳନା କରାଯାଇନଥିଲା ବରଂ ଏକ ମାନବବିହୀନ ସର୍ଫେସ ଯାନ ଦ୍ୱାରା ଏହି ଆକ୍ରମଣ କରାଯାଇଥିବା ମନ୍ତ୍ରୀ କହିଛନ୍ତି। ବୋସଫରସ ପ୍ରଣାଳୀ ଠାରୁ ୩୦ କିମି ଦୂରରେ ଏହି ଆକ୍ରମଣ ହୋଇଛି ବୋଲି ଜଣାପଡ଼ିଛି। ଜାହାଜରେ ପ୍ରଚଣ୍ଡ ବିସ୍ଫୋରଣ ହୋଇଛି ଏବଂ ନିର୍ଦ୍ଦିଷ୍ଟ ଭାବେ ଇଞ୍ଜିନ ରୁମ୍କୁ ଟାର୍ଗେଟ୍ କରାଯାଇଛି ଯାହାଦ୍ୱାରା ଜାହାଜକୁ ସମ୍ପୂର୍ଣ୍ଣ ଅଚଳ କରିଦିଆଯାଇପାରିବ। ଉକ୍ତ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଚାଲିଛି ବୋଲି ମୋଦୀ କହିଛନ୍ତି।

# ଯାନ୍ତ୍ରିକ ତ୍ରୁଟି ହେତୁ ଏୟାର୍ ଇଣ୍ଡିଆ ବିମାନ ଦିଲ୍ଲୀ ଫେରିଲା

**ନୂଆଦିଲ୍ଲୀ:** ଲଣ୍ଡନର ହିଥ୍ରୋ ଅଭିମୁଖେ ଯାଉଥିବା ଏୟାର୍ ଇଣ୍ଡିଆର ଏ୩୫୦ ବିମାନ ଗୁରୁବାର ଅପରାହ୍ଣରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଜାତୀୟ ରାଜଧାନୀକୁ ଫେରିଛି। ମାର୍ଚ୍ଚ ୧୫ରେ ସେହି ଏ୩୫୦-୯୦୦ ବିମାନ ଭିଟି-ଜେଆର୍ଏଫ୍ ବୈଷୟିକ ତ୍ରୁଟିର ସମ୍ମୁଖୀନ ହୋଇଥିଲା, ଯାହା ପରେ ନ୍ୟୁୟର୍କରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରୁଥିବା ବିମାନକୁ ଆୟର୍ଲାଣ୍ଡର ଶାନନ୍ ସହରକୁ ପଠାଇ ଦିଆଯାଇଥିଲା। ଏୟାର୍ ଇଣ୍ଡିଆର ମୁଖପାତ୍ର କହିଛନ୍ତି ଯେ, ଗୁରୁବାର ଦିଲ୍ଲୀରୁ ଲଣ୍ଡନ ଅଭିମୁଖେ ଯାତ୍ରା କରୁଥିବା ବିମାନ ଏଆଇ୧୧୧ ଯାନ୍ତ୍ରିକ ତ୍ରୁଟି ସନ୍ଦେହ ହେବା ପରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଜାତୀୟ ରାଜଧାନୀକୁ ଫେରିଛି।





ବିମାନଟି ନିରାପଦରେ ଅବତରଣ କରିଛି ଏବଂ ଉଚ୍ଚ ନିରାପତ୍ତା ମାନଦଣ୍ଡ ଅନୁଯାୟୀ ଏହାର ଯାଞ୍ଚ କରାଯାଉଛି। ମିଳିଥିବା ସୂଚନା ମୁତାବକ, ବିମାନରେ କିଛି ଶବ୍ଦ ଶୁଣାଯିବା ପରେ ଏହାକୁ ଡାଇଭର୍ଟ କରାଯାଇଥିଲା। ମୁଖପାତ୍ର ମଧ୍ୟ ଅପ୍ରତ୍ୟାଶିତ ପରିସ୍ଥିତି ହେତୁ ଯାତ୍ରୀମାନଙ୍କ ଅସୁବିଧା ପାଇଁ ଦୁଃଖ ପ୍ରକାଶ କରିଛନ୍ତି ଏବଂ କହିଛନ୍ତି ଯେ ଯାତ୍ରୀମାନେ ଶୀଘ୍ର ଲଣ୍ଡନ ଯାତ୍ରା ଜାରି ରଖିବାକୁ ସକ୍ଷମ ହେବା ପାଇଁ ଏୟାର୍ଲାଇନ୍ସ ସମସ୍ତ ବ୍ୟବସ୍ଥା କରୁଛି। ବିମାନରେ ଥିବା ଯାତ୍ରୀଙ୍କ ସଂଖ୍ୟା ବିଷୟରେ ସବିଶେଷ ତଥ୍ୟ ଜାଣିପାରି ନାହିଁ। ବିମାନଟି ଗୁରୁବାର ସକାଳ ପ୍ରାୟ ୬ଟା ସମୟରେ ଦିଲ୍ଲୀରୁ ଉଡ଼ାଣ ଆରମ୍ଭ କରି ଦିନ ପ୍ରାୟ ୧୨.୩୦ରେ ପୁଣି ସେହି ଦିଲ୍ଲୀରେ ଅବତରଣ କରିଥିଲା।

# ଭାରତକୁ ୟୁରୋପୀୟ ସଂଘର ଝଟକା

**ନୂଆଦିଲ୍ଲୀ:** ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଏକ ବଡ଼ ଦୁଃସମ୍ବାଦ । ବର୍ଷ ୨୦୨୬ର ଆରମ୍ଭରୁ ହିଁ ଭାରତକୁ ୟୁରୋପୀୟ ସଂଘ, EU ପକ୍ଷରୁ ମିଳିଛି ଏକ ଶକ୍ତ ଝଟକା । ୟୁରୋପୀୟ ସଂଘ ଭାରତ ପାଇଁ GSP ସୁବିଧାକୁ ଆଗାମୀ ଦୁଇ ବର୍ଷ ପାଇଁ ସ୍ଥଗିତ ରଖିଛି । ଏହାର ସିଧାସଳଖ ଅର୍ଥ ହେଉଛି – ଏବେ ୟୁରୋପକୁ ଯାଉଥିବା ଭାରତର ୮୭ ପ୍ରତିଶତ ରପ୍ତାନି ଉପରେ ଅଧିକ ଟିକସ ବା ଟ୍ୟାରିଫ୍ ଲାଗିବ । କାରଣ, ୟୁରୋପୀୟ ନିୟମ ଅନୁସାରେ, ଯଦି କୌଣସି ଦେଶର ରପ୍ତାନି ଏକ ନିର୍ଦ୍ଦିଷ୍ଟ ସୀମା ଅତିକ୍ରମ କରେ, ତେବେ ରିହାତି ପ୍ରତ୍ୟାହାର କରାଯାଏ । ଏହି ଅବଧି ୧ ଜାନୁଆରୀ ୨୦୨୬ ରୁ ୩୧ ଡିସେମ୍ବର ୨୦୨୮ ପର୍ଯ୍ୟନ୍ତ ରହିବ । ଫଳରେ ଭାରକୁ ଏବେ ପୂର୍ବଭଳି ରିହାତି ବଦଳରେ ପୂରା ଟ୍ୟାରିଫ୍ ଦେବାକୁ ପଡ଼ିବ ।

ଜାନୁଆରୀ ପହିଲାରୁ ଲାଗୁ ହୋଇଥିବା ଏହି ନିଷ୍ପତ୍ତି ଭାରତୀୟ ବଜାର ପାଇଁ ଏକ ବଡ଼ ଚ୍ୟାଲେଞ୍ଜ । ଗୋଟିଏ ପଟେ କାର୍ବନ ଟ୍ୟାକ୍ସ ବା CBAM ର ବୋଝ ଏବଂ ଅନ୍ୟପଟେ GSP ସୁବିଧା ଛଡ଼ାଇ ନେବା, ଭାରତୀୟ ପୋଷାକ, ରସାୟନ ଏବଂ ଯନ୍ତ୍ରପାତି ଶିଳ୍ପକୁ କ୍ଷତି ପହଞ୍ଚାଇବ । ଯେଉଁ କପଡ଼ା ଉପରେ ପୂର୍ବରୁ ୯.୬% ଟିକସ ଲାଗୁଥିଲା, ଏବେ ତାହା ବଢ଼ି ୧୨% ହୋଇଯାଇଛି । ଏହି ନିଷ୍ପତ୍ତି ପରେ ବାଂଲାଦେଶ ଏବଂ ଭିଏତନାମ ଭଳି ଦେଶଗୁଡ଼ିକ ୟୁରୋପୀୟ ବଜାରରେ ଭାରତ ଅପେକ୍ଷା ଅଧିକ ଶସ୍ତାରେ ସାମଗ୍ରୀ ବିକ୍ରି କରିପାରିବେ, ଯାହା ଭାରତର ପ୍ରତିଦ୍ୱନ୍ଦ୍ୱିତା ଶକ୍ତିକୁ ଦୁର୍ବଳ କରିଦେବ।

# ଇରାନ ଯୁଦ୍ଧ ଭିତରେ ଟ୍ରମ୍ପଙ୍କ ଚୀନ୍ ଗସ୍ତ ଯୋଜନା

**ୱାସିଂଟନ:** ଇରାନ-ଆମେରିକା ଯୁଦ୍ଧ ମଧ୍ୟରେ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନ୍ ଯାତ୍ରାର ପ୍ରସ୍ତୁତି କରୁଛନ୍ତି। ସେ ମେ ୧୪ ଓ ୧୫ରେ ବେଜିଂରେ ଚୀନ୍ର ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହିତ ବୈଠକ କରିବେ। ଗତ ୮ ବର୍ଷରେ ଏହା ଆମେରିକୀୟ ରାଷ୍ଟ୍ରପତିଙ୍କ ପ୍ରଥମ ଚୀନ୍ ଯାତ୍ରା ହେବ। ପୂର୍ବରୁ ଏହି ପ୍ରକାର ଯାତ୍ରାର ଯୋଜନା ହୋଇଥିଲେ ମଧ୍ୟ ସେଗୁଡ଼ିକ ସଫଳ ହୋଇନଥିଲା। ହ୍ୱାଇଟ୍ ହାଉସ୍ର ପ୍ରେସ୍ ସଚିବ କ୍ୟାରୋଲାଇନ୍ ଲିଭିଟ୍ ଏହି ଯାତ୍ରାର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଏହି ବର୍ଷ ଶେଷରେ ସି ଜିନପିଙ୍ଗ ମଧ୍ୟ ଆମେରିକା ଆସିବେ। ଟ୍ରମ୍ପ ମାର୍ଚ୍ଚ ମାସରେ ଚୀନ୍ ଯିବାର ଥିଲା, କିନ୍ତୁ ଇରାନରେ ଯୁଦ୍ଧ ଆରମ୍ଭ ହେବାରୁ ସେ ୱାସିଂଟନରେ ରହିବାକୁ ପ୍ରାଥମିକତା ଦେଇଥିଲେ। ଫେବ୍ରୁଆରି ୨୮ରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧର ପ୍ରଥମ ଦିନରେ ଇରାନର ସର୍ବୋଚ୍ଚ ନେତା ଅୟାତୋଲ୍ଲା ଅଲି ଖେମିନିଙ୍କ ମୃତ୍ୟୁ ଘଟିଥିଲା। ତା'ପରେ ଯୁଦ୍ଧ ଅବିରତ ଚାଲିଛି। ଚୀନ୍ ଏହି ଯୁଦ୍ଧକୁ ଶେଷ କରିବା ପାଇଁ ଆହ୍ୱାନ କରିଛି, କିନ୍ତୁ ଆମେରିକା ୧୫-ସୂତ୍ରୀ ପ୍ରସ୍ତାବ ରଖିଥିଲେ ମଧ୍ୟ ଇରାନ ତାହାକୁ ଗ୍ରହଣ କରିବା ମୁଡ୍‌ରେ ନାହିଁ।





ଚୀନ୍-ଆମେରିକା ସମ୍ପର୍କରେ ତାଇୱାନ ପ୍ରଶ୍ନ ଓ ବ୍ୟାପାରିକ ଯୁଦ୍ଧ ସବୁଠାରୁ ବଡ଼ ତିକ୍ତତାର କାରଣ। ତାଇୱାନକୁ ଆମେରିକାର ସମର୍ଥନକୁ ଚୀନ୍ ସଦା ବିରୋଧ କରିଆସିଛି। ଚୀନ୍ର ମତାନୁସାରେ, ଆମେରିକାର ନୀତି 'ୱାନ୍ ଚାଇନା ପଲିସି'ର ବିରୋଧୀ। ଏହା ସହିତ, ଇରାନରେ ଆମେରିକାର ଆକ୍ରମଣ ଚୀନ୍କୁ ଅଧିକ ପୀଡ଼ା ଦେଇଛି, କାରଣ ଚୀନ୍ ସବୁଠାରୁ ଅଧିକ ତୈଳ ଇରାନରୁ କିଣିଥାଏ ଏବଂ ଇରାନ ବଡ଼ ପରିମାଣର ଚୀନା ପଣ୍ୟ ଆମଦାନି କରେ। ବିଶ୍ୱର ନଜର ଏବେ ଟ୍ରମ୍ପଙ୍କ ଚୀନ୍ ଯାତ୍ରା ଉପରେ ରହିଛି। କାରଣ ଏହି ଗସ୍ତ ସମୟରେ ବେଜିଂ ତାଇୱାନ ପ୍ରଶ୍ନ ଉଠାଇପାରେ।

# ହୋର୍ମୁଜ୍ ପ୍ରଣାଳୀ ବନ୍ଦ କରିଥିବା ଆଇଆର୍‌ଜିସି ନୌସେନା ମୁଖ୍ୟ ନିହତ

**ନୂଆଦିଲ୍ଲୀ:** ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ ଇସ୍ରାଏଲ ଏକ ବଡ଼ ଦାବି କରିଛି। ଜଣେ ଇସ୍ରାଏଲୀ ସାମରିକ ଅଧିକାରୀଙ୍କ ଅନୁଯାୟୀ, ବନ୍ଦର ଆବାସରେ ହୋଇଥିବା ଆକ୍ରମଣରେ ଇରାନର IRGC ନୌସେନା ମୁଖ୍ୟ ଆଲିରେଜା ତାଙ୍ଗସିରିଙ୍କ(Alireza Tangsiri) ମୃତ୍ୟୁ ହୋଇଛି। ଇସ୍ରାଏଲୀ ଅଧିକାରୀ କହିଛନ୍ତି ଯେ ଆଲିରେଜା ତାଙ୍ଗସିରି ହୋର୍ମୁଜ୍ ପ୍ରଣାଳୀ ବନ୍ଦ କରିବା ପାଇଁ ଦାୟୀ ଥିଲେ। ଇରାନ ଯୁଦ୍ଧ ଯୋଗୁଁ, ଗତ ୨୦ ଦିନ ଧରି ହୋର୍ମୁଜ୍ ପ୍ରଣାଳୀ ପ୍ରାୟ ବନ୍ଦ ହୋଇଯାଇଛି, ଯାହା ଯୋଗୁଁ ସମଗ୍ର ବିଶ୍ୱରେ ଅସ୍ଥିରତା ଦେଖାଦେଇଛି । ଏପଟେ ଇରାନ ଇସ୍ରାଏଲୀ ସାମରିକ ଆକ୍ରମଣ କିମ୍ବା ଆଲିରେଜା ତାଙ୍ଗସିରିଙ୍କ ମୃତ୍ୟୁ ସମ୍ପର୍କରେ କୌଣସି ବିବୃତ୍ତି ଜାରି କରିନାହିଁ। ଟାଇମ୍ସ ଅଫ୍ ଇସ୍ରାଏଲ ଅନୁଯାୟୀ, ବନ୍ଦର ଆବାସରେ ହୋଇଥିବା ଆକ୍ରମଣରେ ଆଲିରେଜା ତାଙ୍ଗସିରିଙ୍କ ମୃତ୍ୟୁ ହୋଇଥିଲା। ଗୁପ୍ତ ସୂଚନା ଆଧାରରେ ଇସ୍ରାଏଲ ଏହି କାର୍ଯ୍ୟାନୁଷ୍ଠାନ କରିଥିଲା। ଇସଲାମିକ୍ ରିଭୋଲ୍ୟୁସନରୀ ଗାର୍ଡ କର୍ପସ ଏହି ଘଟଣା ଉପରେ କୌଣସି ମନ୍ତବ୍ୟ ଦେଇନାହିଁ। ଅଗଷ୍ଟ ୨୦୧୮ ଠାରୁ IRGC ନୌସେନାର ନେତୃତ୍ୱ ନେଉଥିବା ତାଙ୍ଗସିରି ଗତ ସପ୍ତାହରେ ଉପସାଗର ଦେଶଗୁଡ଼ିକରେ ଥିବା ଆମେରିକୀୟ ଘାଟି ବିରୁଦ୍ଧରେ ପ୍ରତିଶୋଧମୂଳକ ଆକ୍ରମଣ ଧମକ ଦେଇଥିଲେ, ସାଧାରଣ ନାଗରିକ ଏବଂ କର୍ମଚାରୀମାନଙ୍କୁ ଏହି ଅଞ୍ଚଳରୁ ଦୂରେଇ ରହିବାକୁ ଚେତାବନୀ ଦେଇଥିଲେ।

ତାଙ୍ଗସିରିଙ୍କ ହତ୍ୟା ପରେ, ପ୍ରଶ୍ନ ଉଠାଯାଉଛି: କ'ଣ କେବେ ହୋର୍ମୁଜ୍ ପ୍ରଣାଳୀ ସମସ୍ତଙ୍କ ପାଇଁ ଖୋଲାଯାଇପାରିବ? ତାଙ୍ଗସିରିଙ୍କୁ ହୋର୍ମୁଜ୍ ପ୍ରଣାଳୀ ବନ୍ଦ କରିବା ପଛରେ ମାଷ୍ଟରମାଇଣ୍ଡ ବୋଲି ବିବେଚନା କରାଯାଉଥିଲା। ଇସ୍ରାଏଲ ଜାନୁଆରୀ ୨୦୨୬ରେ ମଧ୍ୟ ତାଙ୍ଗସିରିଙ୍କୁ ହତ୍ୟା କରିବାକୁ ଚେଷ୍ଟା କରିଥିଲା, କିନ୍ତୁ ସେ ଇସ୍ରାଏଲୀ ଆକ୍ରମଣରୁ ବଞ୍ଚି ଯାଇଥିଲେ।

# ବିଦେଶୀ ପଞ୍ଜୀକରଣ, ଇମିଗ୍ରେସନ, ଭିଜା ଟ୍ରାକିଂ ସିଷ୍ଟମ ଜାରି ରଖିବାକୁ କ୍ୟାବିନେଟ ମଞ୍ଜୁରି

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଇମିଗ୍ରେସନ, ଭିଜା, ବିଦେଶୀ ପଞ୍ଜୀକରଣ ଏବଂ ଟ୍ରାକିଂ (ଆଇ. ଭି. ଏଫ୍. ଆର୍. ଟି.) ଯୋଜନାକୁ ୨୦୨୬ ମସିହା ମାର୍ଚ୍ଚ ମାସ ୩୧ ତାରିଖ ପରେ ୨୦୨୬ ମସିହା ଏପ୍ରିଲ ମାସ ୧ ତାରିଖ ଠାରୁ ୨୦୩୧ ମସିହା ମାର୍ଚ୍ଚ ମାସ ୩୧ ତାରିଖ ପର୍ଯ୍ୟନ୍ତ ପାଞ୍ଚ ବର୍ଷ ପାଇଁ ଜାରି ରଖିବାକୁ ମଞ୍ଜୁରି ଦେଇଛନ୍ତି।

ଆଇ. ଭି. ଏଫ୍. ଆର୍. ଟି. ପ୍ଲାଟଫର୍ମ ଭାରତରେ ପ୍ରବାସୀ, ଭିଜା ପ୍ରଦାନ ଏବଂ ବିଦେଶୀଙ୍କ ପଞ୍ଜୀକରଣ ସମ୍ବନ୍ଧୀୟ କାର୍ଯ୍ୟକୁ ପରସ୍ପର ସହ ଯୋଡ଼ିବା ଏବଂ ସହଜ କରିବା ପାଇଁ ପ୍ରୟାସ କରୁଛି। ଆଇ. ଭି. ଏଫ୍. ଆର୍. ଟି. ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏକ ସୁରକ୍ଷିତ ଏବଂ ସମନ୍ୱିତ ସେବା ପ୍ରଦାନ ଢାଞ୍ଚା ମଧ୍ୟରେ ଇମିଗ୍ରେସନ୍ ଏବଂ ଭିଜା ସେବାଗୁଡ଼ିକର ଆଧୁନିକୀକରଣ ଏବଂ ଉନ୍ନତିକରଣ। ଜାତୀୟ ସୁରକ୍ଷାକୁ ସୁଦୃଢ଼ କରିବା ସହିତ ବୈଧ ଯାତ୍ରୀମାନଙ୍କୁ ସୁବିଧା ପ୍ରଦାନ କରିବା ଏହାର ଉଦ୍ଦେଶ୍ୟ। ଏହି ପ୍ରକଳ୍ପକୁ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ଦ୍ୱାରା ୧୦୧୧ କୋଟି ଟଙ୍କାର ବଜେଟ୍ ବ୍ୟୟ ଏବଂ ସେପ୍ଟେମ୍ବର, ୨୦୧୪ ପର୍ଯ୍ୟନ୍ତ ପ୍ରକଳ୍ପ ଅବଧି ସହିତ ଅନୁମୋଦନ କରାଯାଇଥିଲା।

କୌଣସି ଅତିରିକ୍ତ ଆର୍ଥିକ ପ୍ରଭାବ ବିନା, କାର୍ଯ୍ୟାନ୍ୱୟନ ସମୟସୀମା ୩୧ ମାର୍ଚ୍ଚ, ୨୦୧୭ ପର୍ଯ୍ୟନ୍ତ ଏବଂ ଆହୁରି ୩୧ ମାର୍ଚ୍ଚ, ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି କରିବା ସହିତ, ୨୦୧୫ରେ ଏହି ପ୍ରକଳ୍ପ ପାଇଁ ବଜେଟ ବ୍ୟୟ ବରାଦକୁ ସଂଶୋଧିତ କରି ୬୩୮.୯୦ କୋଟି କରାଯାଇଥିଲା। ମୋଟ ସଂଶୋଧିତ ବ୍ୟୟ ବରାଦ ୬୩୮.୯୦ କୋଟି' ତୁଳନାରେ ୬୧୩.୨୮ କୋଟି' ଖର୍ଚ୍ଚ ହୋଇଥିଲା। ୧୩୬୫ କୋଟି ଟଙ୍କାର ବଜେଟ୍ ବ୍ୟୟ ସହିତ ୦୧.୦୪.୨୦୨୧ ରୁ ୩୧.୦୩.୨୦୨୬ କୁ ପାଞ୍ଚ ବର୍ଷ ଅବଧି ପାଇଁ ଏହି ପ୍ରକଳ୍ପର ସମ୍ପ୍ରସାରଣକୁ କ୍ୟାବିନେଟ ଅନୁମୋଦନ କରିଥିଲା।

ଏହି ଯୋଜନା ବର୍ତ୍ତମାନର ଆଇ. ଭି. ଏଫ୍. ଆର୍. ଟି. ଯୋଜନାର ପରିସର ଏବଂ କ୍ଷମତାକୁ ସମ୍ପ୍ରସାରଣ ଏବଂ ସୁଦୃଢ଼ କରିବାକୁ ଚାହୁଁଛି, କେବଳ ବର୍ତ୍ତମାନର ଢାଞ୍ଚାକୁ ପୁନଃ ପରିକଳ୍ପନା ଏବଂ ନବୀକରଣ କରି ନୁହେଁ, ବରଂ ସୁରକ୍ଷା ଢାଞ୍ଚାରେ ଆପୋଷ ବୁଝାମଣା ନକରି ବ୍ୟବହାରକାରୀଙ୍କ ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ ଅତ୍ୟାଧୁନିକ ବୈଷୟିକ ସମାଧାନ ମଧ୍ୟ ପ୍ରବର୍ତ୍ତନ କରିଛି। ବୈଶ୍ୱିକ ଭ୍ରମଣର କ୍ରମବର୍ଦ୍ଧିଷ୍ଣୁ ଚାହିଦାକୁ ପୂରଣ କରିବା ଏବଂ ଉଦୀୟମାନ ଜାତୀୟ ସୁରକ୍ଷା ଆହ୍ୱାନର ମୁକାବିଲା କରିବା ପାଇଁ ଆଇ. ଭି. ଏଫ୍. ଆର୍. ଟି. ପ୍ରକଳ୍ପର ଆଧୁନିକୀକରଣ ଜରୁରୀ।

ନିକଟରେ ଇମିଗ୍ରେସନ୍ ଆଣ୍ଡ ଫରେନର୍ସ ଆକ୍ଟ, ୨୦୨୫ ଏବଂ ଏହାର ପରବର୍ତ୍ତୀ ନିୟମ ଏବଂ ଶୃଙ୍ଖଳା ଲାଗୁ ହେବା ପରେ, ଇମିଗ୍ରେସନ୍, ଭିଜା, ଏବଂ ବିଦେଶୀ ପଞ୍ଜୀକରଣ ଏବଂ ଟ୍ରାକିଂ (ଆଇଭିଏଫଆରଟି) ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଆଧୁନିକୀକରଣ କରିବା ଅପରିହାର୍ଯ୍ୟ ହୋଇଯାଇଛି, ଯାହାଦ୍ୱାରା ଇମିଗ୍ରେସନ୍ ନିୟନ୍ତ୍ରଣ ଏବଂ ବେଆଇନ ସ୍ଥାନାନ୍ତରଣ ସମେତ ବିଦେଶୀ ପରିଚାଳନା କ୍ଷେତ୍ରରେ ଉଦୀୟମାନ ଆବଶ୍ୟକତା ଏବଂ ଭବିଷ୍ୟତର ଆହ୍ୱାନଗୁଡ଼ିକୁ ପ୍ରଭାବୀ ଭାବରେ ପୂରଣ କରାଯାଇପାରିବ। ଏହି ପ୍ରକଳ୍ପର ନିରନ୍ତରତା କେବଳ ଏକ ବୈଷୟିକ ଉନ୍ନତିକରଣ ନୁହେଁ, ବରଂ ଏକ ବିଶ୍ୱସ୍ତରୀୟ ଇମିଗ୍ରେସନ୍ ଏବଂ ଭିଜା ପ୍ରଦାନ ବ୍ୟବସ୍ଥା ମାଧ୍ୟମରେ ଅନ୍ତର୍ଜାତୀୟ ଗତିଶୀଳତାକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ସରକାରଙ୍କ ଦୃଷ୍ଟିକୋଣ ସହିତ ସଂଯୁକ୍ତ ଏକ ରଣନୈତିକ ପରିବର୍ତ୍ତନ।

୧୩ଟି ପ୍ରମୁଖ ବିମାନ ବନ୍ଦରରେ ସ୍ୱୟଂକ୍ରିୟ ଇ-ଗେଟ୍ ଜରିଆରେ କାର୍ଯ୍ୟକାରୀ ହେଉଥିବା ଫାଷ୍ଟ ଟ୍ରାକ୍ ଇମିଗ୍ରେସନ୍-ଟ୍ରଷ୍ଟେଡ୍ ଟ୍ରାଭେଲର୍ ପ୍ରୋଗ୍ରାମ୍ (ଏଫ୍. ଟି. ଆଇ.-ଟି. ଟି. ପି.) ଇମିଗ୍ରେସନ୍ କ୍ଲିୟରାନ୍ସ ପାଇଁ ଲାଗୁଥିବା ସମୟକୁ ୨.୫ ରୁ ୩ ମିନିଟରୁ ୩୦ ସେକେଣ୍ଡକୁ ହ୍ରାସ କରିଥାଏ। ଏହାର ପଞ୍ଜୀକରଣ ବର୍ତ୍ତମାନ ଭାରତୀୟ ନାଗରିକ ଏବଂ ଓ. ସି. ଆଇ. କାର୍ଡଧାରୀଙ୍କ ପାଇଁ ମାଗଣାରେ ଉପଲବ୍ଧ। ଆଇ. ଭି. ଏଫ୍. ଆର୍. ଟି. ବ୍ୟବସ୍ଥା ଦ୍ୱାରା ବ୍ୟବସାୟିକ ସୁଗମତା, ସୁବିଧା ଏବଂ ସୁରକ୍ଷା ସୁନିଶ୍ଚିତତା କାରଣରୁ ବ୍ୟାପକ ଆର୍ଥିକ ଲାଭ ସମ୍ଭବ ହୋଇପାରିଛି। ପର୍ଯ୍ୟଟନ, ବ୍ୟବସାୟ, ବାଣିଜ୍ୟ ଏବଂ ବାଣିଜ୍ୟ, ସେବା ଉଦ୍ୟୋଗ, ବିଶେଷ କରି ବିମାନ ଚଳାଚଳ ଏବଂ ଆତିଥ୍ୟ ଉଦ୍ୟୋଗ ଆଇଭିଏଫଆରଟି ବ୍ୟବସ୍ଥା ଦ୍ୱାରା ବ୍ୟାପକ ଭାବେ ଉପକୃତ ହୋଇଛନ୍ତି।

# ଏଡିଆର ରିପୋର୍ଟ: ଜାତୀୟ ଦଳଙ୍କ ଚାନ୍ଦାରେ ୧୬୧% ବୃଦ୍ଧି

**ନୂଆଦିଲ୍ଲୀ:** ଆସୋସିଏସନ ଫର ଡେମୋକ୍ରାଟିକ ରିଫର୍ମ (ଏଡିଆର) ଦ୍ୱାରା ପ୍ରସ୍ତୁତ ଏକ ନୂଆ ରିପୋର୍ଟ ଅନୁସାରେ ୨୦୨୪-୨୫ରେ ଜାତୀୟ ରାଜନୈତିକ ଦଳମାନଙ୍କ ଚାନ୍ଦା ପିଛିଲା ଆର୍ଥିକ ବର୍ଷ ତୁଳନାରେ ୧୬୧% ବଢ଼ିଛି। ଏଥିରେ ଶାସକ ବିଜେପିକୁ ସବୁଠୁ ଅଧିକ ଚାନ୍ଦା ମିଳିଛି, ଯାହା ଅନ୍ୟ ସବୁ ଜାତୀୟ ଦଳଙ୍କୁ ମିଳିଥିବା ମୋଟ ଚାନ୍ଦାର ୧୦ ଗୁଣାରୁ ଅଧିକ ବୋଲି କୁହାଯାଇଛି। ରିପୋର୍ଟରେ କୁହାଯାଇଛି ଯେ ୨୦୨୫ ଆର୍ଥିକ ବର୍ଷରେ ଜାତୀୟ ରାଜନୈତିକ ଦଳଙ୍କ ଦ୍ୱାରା ଘୋଷିତ ୨୦,୦୦୦ରୁ ଅଧିକ ଚାନ୍ଦାର ସଂଖ୍ୟା ୧୧,୩୪୩ ଥିଲା। ଏଥିରୁ ମୋଟ ୬,୬୪୮.୫୬୩ କୋଟି ଟଙ୍କା ସଂଗ୍ରହ ହୋଇଛି। ଏଥିରେ କେବଳ ବିଜେପି ୫,୫୨୨ଟି ଚାନ୍ଦାରୁ ୬,୦୭୪.୦୧୫କୋଟି ଟଙ୍କା ପାଇଛି। ଏହି ସମୟରେ କଂଗ୍ରେସକୁ ୨,୫୦୧ଟି ଚାନ୍ଦାରୁ ୫୧୭.୩୯୪ କୋଟି ଟଙ୍କା ମିଳିଛି।

ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ବିଜେପି ଦ୍ୱାରା ଘୋଷିତ ଚାନ୍ଦା କଂଗ୍ରେସ, ଆମ ଆଦମୀ ପାର୍ଟି (ଆପ), କମ୍ୟୁନିଷ୍ଟ ପାର୍ଟି ଅଫ ଇଣ୍ଡିଆ-ମାର୍କସବାଦୀ (ସିପିଆଇ-ଏମ) ଓ ନ୍ୟାସନାଲ ପ୍ୟୁପିଲସ ପାର୍ଟି (ଏନପିଇପି)ର ମୋଟ ଚାନ୍ଦାରୁ ୧୦ ଗୁଣରୁ ବି ଅଧିକ ଥିଲା। ଏଥି ମଧ୍ୟରେ ବହୁଜନ ସମାଜପାର୍ଟି (ବସପା) ଘୋଷଣ କରିଛି ଯେ ଗତ ୧୯ ବର୍ଷ ଭଳି ଏ ବର୍ଷ ମଧ୍ୟ ଗୋଟିଏବି ୨୦,୦୦୦ ଟଙ୍କାରୁ ଅଧିକ ଚାନ୍ଦା ମିଳି ନାହିଁ। ଜାତୀୟ ଦଳଙ୍କୁ ମିଳିଥିବା ମୋଟ ଚାନ୍ଦାରେ ୨୦୨୩-୨୪ ତୁଳନାରେ ୨୦୨୪-୨୫ରେ ୪,୧୦୪.୨୮୫ କୋଟି ଟଙ୍କା ବୃଦ୍ଧି ହୋଇଛି। ବିଜେପି ଚାନ୍ଦାରେ ଗତବର୍ଷର ୨,୨୪୩.୯୪୭ କୋଟି ଟଙ୍କା ତୁଳନାରେ ୧୭୧% ବୃଦ୍ଧି ରେକର୍ଡ ହୋଇଛି।

ରାଜନୈତିକ ଚାନ୍ଦାରେ କର୍ପୋରେଟ ଚାନ୍ଦାର ବେଶ୍ ଦବଦବା ରହିଛି, ଯାହା ୩,୨୪୪ ଚାନ୍ଦା ମାଧ୍ୟମରେ ମୋଟ ଚାନ୍ଦାର ୯୨.୧୮% ଅର୍ଥାତ ୬,୧୨୮.୬୮୭ କୋଟି ଟଙ୍କା ରହିଛି। ବ୍ୟକ୍ତିଗତ ଦାତାମାନେ ୭,୯୦୦ ଚାନ୍ଦା ମାଧ୍ୟମରେ ୫୦୫.୬୬ କୋଟି ଟଙ୍କା ଯୋଗାଦନ ଦେଇଛନ୍ତି, ଯାହା ମୋଟ ଚାନ୍ଦାର ୭.୬୧%। ବିଜେପିକୁ ୨,୭୯୪ କର୍ପୋରେଟ ଚାନ୍ଦା ମାଧ୍ୟମରେ ୫,୭୧୭.୧୬୭ କୋଟି ଟଙ୍କା ମିଳିଛି, ଯାହା ଅନ୍ୟ ସବୁ ଜାତୀୟ ଦଳଙ୍କୁ ମିଳିଥିବା ମୋଟ ଚାନ୍ଦା (୪୧୧.୬୨କୋଟି)ର ୧୩ ଗୁଣାରୁ ବି ଅଧିକ।

ଶୀର୍ଷ ଡୋନରଙ୍କ ମଧ୍ୟରେ ପ୍ରୁଡେଣ୍ଟ ଇଲେକ୍ଟୋରଲ ଟ୍ରଷ୍ଟ ବିଜେପି, କଂଗ୍ରେସ ଓ ଆପକୁ ମୋଟ ୨୪୧୩.୪୬୫ କୋଟି ଟଙ୍କା ଦାନ କରିଛି। ଏଥିରୁ ୨,୧୮୦.୭୧୧୯ କୋଟି ଟଙ୍କା ବିଜେପିକୁ ଯାଇଥିବା ବେଳେ ୨୧୬.୩୩୫କୋଟି କଂଗ୍ରେସକୁ ଓ ୧୬.୪୧୭୮କୋଟି ଆପକୁ ମିଳିଛି।

# ଯୁଦ୍ଧ କେବେ ବନ୍ଦ ହେବ, କେହି କହିପାରିବେ ନାହିଁ; ପୁଟିନଙ୍କ ବଡ଼ ଦାବି

**ନୂଆଦିଲ୍ଲୀ:** ମଧ୍ୟପ୍ରାଚ୍ୟରେ ଜାରି ଯୁଦ୍ଧ କେବେ ବନ୍ଦ ହେବ, ସେନେଇ କାହା ପାଖରେ କିଛି ତଥ୍ୟ ନାହିଁ । ମିଡିଲ୍ ଇଷ୍ଟର ଏହି ସଙ୍କଟ କରୋନା ମହାମାରୀ ଭଳି ଭୟଙ୍କର । ଏହା କହିଛନ୍ତି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ । ମସ୍କୋରେ ଏକ ବ୍ୟବସାୟ ଫୋରମକୁ ସମ୍ବୋଧିତ କରି ପୁଟିନ କହିଛନ୍ତି ଯେ, ଏହି ସଂଘର୍ଷ ଲଜିଷ୍ଟିକ୍ସ, ଉତ୍ପାଦନ ଏବଂ ଯୋଗାଣ ଶୃଙ୍ଖଳାକୁ ବାଧା ଦେଇଛି । ହାଇଡ୍ରୋକାର୍ବନ, ମେଟାଲ ଏବଂ ସାର କ୍ଷେତ୍ର ଉପରେ ଚାପ ବୃଦ୍ଧି ପାଇଛି। ପୁଟିନ କହିଛନ୍ତି ଯେ, ଇରାନ ଯୁଦ୍ଧରେ ଜଡିତ ଦେଶମାନେ ଆଗକୁ କ'ଣ ହେବ ତାହା ଭବିଷ୍ୟବାଣୀ କରିପାରିବେ ନାହିଁ। ସେ କହିଛନ୍ତି, 'କରୋନା ଭାଇରସ୍ ଆଘାତ ପରି ଏହି ସଙ୍କଟ ଅନେକ ଦେଶର ବିକାଶକୁ ମନ୍ଥର



କରିପାରେ। ବିଶ୍ୱ ଅର୍ଥନୀତି ଭୁଶୁଡ଼ି ପଡୁଛି। ମୁଁ ଭାବୁଛି ଏହି ସଂଘର୍ଷରେ ଜଡିତ ଲୋକମାନେ ମଧ୍ୟ କିଛି କହିବାକୁ ଏବଂ ଭାବିବାକୁ ଅସମର୍ଥ। ଆମ ପାଇଁ ଏହା ଆହୁରି କଷ୍ଟକର।' ଆମେରିକା ଏବଂ ଇରାନ ମଧ୍ୟରେ ଶାନ୍ତି ଚୁକ୍ତି ପାଇଁ ଆଶା ମଳିନ ହେଉଥିବା ପରି ମନେ ହେଉଛି। ଏହି କାରଣରୁ ଗୁରୁବାର (୨୬ ମାର୍ଚ୍ଚ, ୨୦୨୬) ତେଲ ମୂଲ୍ୟ ୫ ପ୍ରତିଶତ ବୃଦ୍ଧି ପାଇଛି। ଅନ୍ତର୍ଜାତୀୟ ବେଞ୍ଚମାର୍କ ବ୍ରେଣ୍ଟ ନର୍ଥ ସି ଅଶୋଧିତ ତୈଳ ୫.୨ ପ୍ରତିଶତ ବୃଦ୍ଧି ପାଇ ବ୍ୟାରେଲ ପ୍ରତି ଡଲାର ୧୦୭.୫୪ ରେ ପହଞ୍ଚିଛି । ଓ୍ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ୍ ୪.୯ ପ୍ରତିଶତ ବୃଦ୍ଧି ପାଇ ବ୍ୟାରେଲ ପ୍ରତି ୯୪.୭୧ ଡଲାରରେ ପହଞ୍ଚିଛି । ମାର୍ଚ୍ଚ ୨୬ ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଚୁକ୍ତି ପାଳନ ନ କଲେ ଭୟଙ୍କର ପରିଣାମ ଭୋଗିବାକୁ ଚେତାବନୀ ଦେଇଛନ୍ତି । ସେ କହିଛନ୍ତି ଯେ, ଇରାନର ସାମରିକ ଶକ୍ତି ସମ୍ପୂର୍ଣ୍ଣ ନଷ୍ଟ ହୋଇସାରିଛି ଏବଂ ତେହେରାନ ଚୁକ୍ତି ପାଇଁ ଭିକ୍ଷା ମାଗୁଛି । ପୂର୍ବରୁ, ଇରାନର ବୈଦେଶିକ ମନ୍ତ୍ରୀ କହିଥିଲେ ଯେ, ତେହେରାନ ଆମେରିକାର ପ୍ରସ୍ତାବ ସମୀକ୍ଷା କରୁଛି । କିନ୍ତୁ ଯୁଦ୍ଧ ସମାପ୍ତ କରିବା ପାଇଁ କୌଣସି ଆଲୋଚନା ହୋଇନାହିଁ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱରେ ଆମେରିକା ପ୍ରଶାସନ ଇରାନକୁ ଏକ ୧୫-ସୂତ୍ରୀ ଅସ୍ତ୍ରବିରତି ଯୋଜନା ପ୍ରଦାନ କରିଛି। ଏହାର ଜବାବରେ, ଇରାନ ଆମେରିକା ଆଗରେ ନିଜର ୫ଟି ସର୍ତ୍ତ ଉପସ୍ଥାପନ କରିଛି। ପାକିସ୍ତାନ, ଆମେରିକା ଏବଂ ଇରାନ ମଧ୍ୟରେ ଆଲୋଚନାରେ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇଛି। ଏହାରି ମଧ୍ୟରେ, ଆମେରିକା ପ୍ରତିରକ୍ଷା ମନ୍ତ୍ରଣାଳୟର ମୁଖ୍ୟାଳୟ ପେଣ୍ଟାଗନ ମଧ୍ୟ ଦୁଇଟି 'ସାମୁଦ୍ରିକ ଅଭିଯାନ ୟୁନିଟ୍' ମୁତୟନ କରିବାର ପ୍ରକ୍ରିୟାରେ ଅଛି। ଏଥିରେ ପ୍ରାୟ ୫୦୦୦ ସୈନିକ ଏବଂ ହଜାର ହଜାର ଅନ୍ୟାନ୍ୟ ନୌସେନା କର୍ମଚାରୀ ଇରାନ୍ ଉପକୂଳରେ ପହଞ୍ଚିବେ।

# ବାରବାଟୀରେ ଭାରତ-ଶ୍ରୀଲଙ୍କା ଟି-୨୦

ଭୁବନେଶ୍ୱର,୨୬।୩(ସବ୍ୟୁ): ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଟିମ୍ ଇଣ୍ଡିଆର ୨୦୨୬-୨୭ ଘରୋଇ ଶୃଙ୍ଖଳା ସୂଚୀ ଜାରି କରାଯାଇଛି। ଟେଷ୍ଟ ଦିନିକିଆ ଓ ଟି-୨୦ ମ୍ୟାଚ ପାଇଁ ଏହି ସୂଚୀ ଜାରି କରାଯାଇଛି। ସୂଚୀ ଘୋଷଣା ସହ ଓଡ଼ିଶାର କ୍ରିକେଟପ୍ରେମୀଙ୍କ ପାଇଁ ଖୁସି ଖବର ଆସିଛି। ମ୍ୟାଚସୂଚୀ ଅନୁଯାୟୀ ଆଗାମୀ ଡିସେମ୍ବର ମାସରେ ଶ୍ରୀଲଙ୍କା ଦଳ ଭାରତଗସ୍ତରେ ଆସିବ। ଏହି ସମୟରେ ଉଭୟ ଦଳ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ଓ ୩ ମ୍ୟାଚ ବିଶିଷ୍ଟ ଟି-୨୦ ଶୃଙ୍ଖଳା ଖେଳାଯିବ। ପ୍ରଥମେ ଦିନିକିଆ ଓ ପରେ ଟି-୨୦ ଶୃଙ୍ଖଳା ଖେଳାଯିବ।



ଶ୍ରୀଲଙ୍କା ବିପକ୍ଷରେ ହେବାକୁଥିବା ଟି-୨୦ ଶୃଙ୍ଖଳାର ଗୋଟିଏ ମ୍ୟାଚ କଟକର ବାରବାଟୀ ଷ୍ଟାଡିୟମରେ ଖେଳାଯିବ। ଡିସେମ୍ବରର ୨୪ ତାରିଖରେ ଏହି ମ୍ୟାଚ ବାରବାଟୀରେ ହେବ। ଶୃଙ୍ଖଳାର ପ୍ରଥମ ମ୍ୟାଚ ଡିସେମ୍ବର ୨୨ରେ ରାଜକୋଟ ତଥା ତୃତୀୟ ମ୍ୟାଚ ଡିସେମ୍ବର ୨୭ରେ ପୁନେରେ ଖେଳାଯିବ। ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯିବାକୁ ଥିବା ଦିନିକିଆ ଶୃଙ୍ଖଳାର ପ୍ରଥମ ମ୍ୟାଚ ଡିସେମ୍ବର ୧୩ରେ ଦିଲ୍ଲୀ, ଦ୍ୱିତୀୟ ମ୍ୟାଚ ଡିସେମ୍ବର ୧୬ରେ ବେଙ୍ଗାଲୁରୁ ଏବଂ ତୃତୀୟ ମ୍ୟାଚ ଡିସେମ୍ବର ୧୯ରେ ଅହମ୍ମଦାବାଦରେ ଖେଳାଯିବ।

ଭାରତ ତାର ଘରୋଇ ସିଜନ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଶୃଙ୍ଖଳାରୁ ଆରମ୍ଭ କରିବ। ଆସନ୍ତା ସେପ୍ଟେମ୍ବର ମାସରେ ଭାରତ ଓ ଇଣ୍ଡିଜ ମଧ୍ୟରେ ୩ଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ ଖେଳାଯିବ। ସେପ୍ଟେମ୍ବର ୨୭ରେ ପ୍ରଥମ ଦିନିକିଆ ତ୍ରିଭେନ୍ଦ୍ରମ, ସେପ୍ଟେମ୍ବର ୩୦ରେ ଦ୍ୱିତୀୟ ମ୍ୟାଚ ଗୌହାଟୀ ଓ ଅକ୍ଟୋବର ୩ରେ ତୃତୀୟ ମ୍ୟାଚ ନ୍ୟୁ-ଚଣ୍ଡିଗଡ଼ରେ ଖେଳାଯିବ। ସେହିପରି ଅକ୍ଟୋବର ୬ ତାରିଖରେ ଲକ୍ଷ୍ନୌରେ ପ୍ରଥମ ଟି-୨୦ ମ୍ୟାଚ, ୯ ତାରିଖରେ ରାଞ୍ଚିରେ ଦ୍ୱିତୀୟ, ୧୧ରେ ଇନ୍ଦୋରରେ ତୃତୀୟ, ୧୪ରେ ହାଇଦ୍ରାବାଦରେ ଚତୁର୍ଥ ଏବଂ ୧୭ ତାରିଖରେ ବେଙ୍ଗାଲୁରୁରେ ପଞ୍ଚମ ମ୍ୟାଚ ଖେଳାଯିବ।

ସେହିପରି ଜିମ୍ବାୱେ ବିପକ୍ଷରେ ଭାରତ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ଖେଳିବ। ଏହି ଶୃଙ୍ଖଳା ୨୦୨୭ ଜାନୁଆରୀ ୩ ତାରିଖରୁ ଆରମ୍ଭ ହେବ। ପ୍ରଥମ ମ୍ୟାଚ ଜାନୁଆରୀ ୩ରେ କୋଲକାତା ଅନ୍ୟ ଦୁଇଟି ମ୍ୟାଚ ଜାନୁଆରୀ ୬ ଓ ୯ ତାରିଖରେ ହାଇଦ୍ରାବାଦ ତଥା ମୁମ୍ବାଇରେ ଖେଳାଯିବ।

ବର୍ଡର- ଗାଭାସ୍କର ଟେଷ୍ଟ ଶୃଙ୍ଖଳା ପାଇଁ ମଧ୍ୟ ସୂଚୀ ଜାରି କରାଯାଇଛି। ଏହି ଶୃଙ୍ଖଳାରେ ୫ଟି ଟେଷ୍ଟ ମ୍ୟାଚ ଖେଳାଯିବ। ୨୦୨୭ ଜାନୁଆରୀ ୨୧ ତାରିଖରୁ ବର୍ଡର-ଗାଭାସ୍କର ଟ୍ରଫି ଆରମ୍ଭ ହେବ। ଶୃଙ୍ଖଳାର ପ୍ରଥମ ମ୍ୟାଚ ଜାନୁଆରୀ ୨୧ରୁ ନାଗପୁର, ଦ୍ୱିତୀୟ ମ୍ୟାଚ ଜାନୁଆରୀ ୨୯ରୁ ଚେନ୍ନାଇ, ଫେବୃଆରୀ ୧୧ରୁ ତୃତୀୟ ମ୍ୟାଚ ଗୌହାଟୀ, ଫେବୃଆରୀ ୧୯ରୁ ଚତୁର୍ଥ ମ୍ୟାଚ ରାଞ୍ଚି, ଫେବୃଆରୀ ୨୭ରୁ ପଞ୍ଚମ ତଥା ଶେଷ ଟେଷ୍ଟ ଅହମ୍ମଦାବାଦରେ ଖେଳାଯିବ।

# ଆଇପିଏଲ୍ ଦ୍ୱିତୀୟ ପର୍ଯ୍ୟାୟ ସୂଚୀ ଘୋଷିତ

ନୂଆଦିଲ୍ଲୀ,୨୬।୩(ଏଜେନ୍ସି): ବିସିସିଆଇ ଗୁରୁବାର ଆଇପିଏଲ ୧୯ ସଂସ୍କରଣର ଦ୍ୱିତୀୟ ପର୍ଯ୍ୟାୟ ସୂଚୀ ଘୋଷଣା କରିଛି। ଏପ୍ରିଲ ୧୩ରୁ ମେ ୨୪ ତାରିଖ ପର୍ଯ୍ୟନ୍ତ ବାକିଥିବା ୫୦ଟି ଲିଗ୍ ମ୍ୟାଚ ସୂଚୀ ଘୋଷଣା ହୋଇଛି। ଦେଶର ମୋଟ୍ ୧୨ଟି ଭିନ୍ନ ଭିନ୍ନ ଷ୍ଟାଡିୟମରେ ଏହି ସମସ୍ତ ମ୍ୟାଚ ଖେଳାଯିବ।



୧୨ଟି ସହର ଯଥା ବେଙ୍ଗାଲୁରୁ, ମୁମ୍ବାଇ, ଚେନ୍ନାଇ, କୋଲକାତା, ଦିଲ୍ଲୀ, ଅହମ୍ମଦାବାଦ, ହାଇଦ୍ରାବାଦ, ଲକ୍ଷ୍ନୌ, ଜୟପୁର, ଧର୍ମଶାଳା, ରାୟପୁର ଏବଂ ନ୍ୟୁ-ଚଣ୍ଡିଗଡରେ ସମସ୍ତ ମ୍ୟାଚ ଖେଳାଯିବ। ଏପ୍ରିଲ ୧୩ରେ ହାଇଦ୍ରାବାଦରେ ସନରାଇଜର୍ସ ହାଇଦ୍ରାବାଦ ଏବଂ ରାଜସ୍ଥାନ ରୟାଲ୍ସ ମଧ୍ୟରେ ମୁକାବିଲା ସହ ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ। ମାର୍ଚ୍ଚ ୨୮ରୁ ଏପ୍ରିଲ ୧୨ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଆଇପିଏଲ ଖେଳାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ମୋଟ୍ ୮ଟି ଡବଲ ହେଡର ମ୍ୟାଚ ରହିଛି। ଅର୍ଥାତ୍ ଗୋଟିଏ ଦିନ ଦୁଇଟି ଲେଖାଏଁ ମ୍ୟାଚ ଖେଳାଯିବ। ଅପରାହ୍ଣରେ ୩.୩୦ରୁ ପ୍ରଥମ ମ୍ୟାଚ ଏବଂ ସନ୍ଧ୍ୟା ୭.୩୦ରୁ ଦ୍ୱିତୀୟ ମ୍ୟାଚ ଆରମ୍ଭ ହେବ। ପଞ୍ଜାବ କିଙ୍ଗ୍ସ ତାର ଘରୋଇ ମ୍ୟାଚ ଗୁଡିକ ନ୍ୟୁ-ଚଣ୍ଡିଗଡ଼ ଏବଂ ଧର୍ମଶାଳାରେ ଖେଳିବ। ଏହି ପର୍ଯ୍ୟାୟରେ କେବଳ ଧର୍ମଶାଳାରେ ହିଁ ୩ଟି ମ୍ୟାଚ ଖେଳିବ। ସେହିପରି ରାଜସ୍ଥାନ ରୟାଲ୍ସ ନିଜର ୪ଟି ଘରୋଇ ମ୍ୟାଚ ଜୟପୁରରେ ଖେଳିବ। ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ନିଜର ୩ଟି ହୋମ୍ ମ୍ୟାଚ ବେଙ୍ଗାଲୁରୁରେ ବାକି ଦୁଇଟି ମ୍ୟାଚ ରାୟପୁରରେ ଖେଳିବ। ତେବେ ଚଳିତ ଆଇପିଏଲର ପ୍ଲେଅଫ ମ୍ୟାଚ ଗୁଡିକ କେଉଁ ଷ୍ଟାଡିୟମରେ ଖେଳାଯିବ। ସେହିନେଇ ବିସିସିଆଇ ପରବର୍ତ୍ତୀ ସମୟରେ ଘୋଷଣା କରିବ।

# ଏଲ୍‌ଏଲ୍‌ସିସି କପ୍ ସେମିରେ ପାରାମାଉଣ୍ଟ



ଭୁବନେଶ୍ୱର,୨୬।୩(ସବ୍ୟୁ): ସ୍ଥାନୀୟ ଆଇଆରସି ଗ୍ରାଉଣ୍ଡରେ ଚାଲିଥିବା ୧୪ ବର୍ଷରୁ କମ ଏଲଏଲସିସି କପର ଶେଷ ଦଳ ଭାବେ ପାରାମାଉଣ୍ଟ ସ୍ପୋର୍ଟି ସେମିଫାଇନାଲରେ ପ୍ରବେଶ କରିଛି। ଶେଷ କ୍ୱାର୍ଟରରେ କଟକର ମନୋଜ କ୍ରିକେଟ ଏକାଡେମୀକୁ ଏକତରଫା ଭାବେ ପାରାମାଉଣ୍ଟ ପରାଜିତ କରିଛି। ସେମିରେ ଦଳର ମୁକାବିଲା ଶନିବାର ରେଡଷ୍ଟାର ସହ ହେବ । ଶୁକ୍ରବାର ପ୍ରଥମ ସେମିଫାଇନାଲ ଏଲଏଲସିସି ଓ ସହିଦ ସ୍ପୋର୍ଟି ମଧ୍ୟରେ ଖେଳାଯିବ।

# ଇସ୍ପୋର୍ଟ୍ସ ନେସନ୍ସ କପ: ନଡ୍‌ୱିନ ଗେମିଂ ଜାତୀୟ ଦଳ ପାର୍ଟନର

ଭୁବନେଶ୍ୱର,୨୬।୩(ସବ୍ୟୁ): ଇସ୍ପୋର୍ଟ୍ସ ଫାଉଣ୍ଡେଶନ (ଇଏଫ) ପକ୍ଷରୁ ନଡ୍‌ୱିନ ଗେମିଂକୁ ଇସ୍ପୋର୍ଟ୍ସ ନେସନ୍ସ କପ୍ ୨୦୨୬ (ଇଏନସି) ପାଇଁ ଭାରତର ଔପଚାରିକ ନ୍ୟାଶନାଲ ଟିମ ପାର୍ଟନର ନିଯୁକ୍ତ କରାଯାଇଛି । ଏହି ଆ"ର୍ଜାତୀୟ ରାଷ୍ଟ୍ର-ଆଧାରିତ ଇସ୍ପୋର୍ଟ୍ସ ପ୍ରତିଯୋଗିତା ଆସନ୍ତା ନଭେମ୍ବର ୨ ରୁ ୨୯ ତାରିଖ ୨୦୨୬ ପର୍ଯ୍ୟନ୍ତ ରିୟାଦଠାରେ ଆରମ୍ଭ ହେବାକୁ ଯାଉଛି । ଭାରତର ନ୍ୟାଶନାଲ ଟିମ ପାର୍ଟନର ଭାବେ ନଡ୍‌ୱିନ ଗେମିଂ ଟିମ ଗଠନର ନେତୃତ୍ୱ ନେବ, ତୃଣମୂଳ ସ୍ତରର ଓ ପ୍ରତିଯୋଗିତାମୂଳକ ସମୁଦାୟଗୁଡ଼ିକୁ ସଂଗଠିତ କରିବା ଗେମ ଜିତିବାରେ ପ୍ରଶିକ୍ଷକଙ୍କୁ ସମର୍ଥନ କରିବ ଏବଂ ପ୍ରକାଶକ, କ୍ଲବ ଓ ଇକୋସିଷ୍ଟମ ହିତାଧିକାରୀଙ୍କୁ ଆନ୍ତର୍ଜାତୀୟ ମଞ୍ଚରେ ଦେଶର ପ୍ରତିନିଧିତ୍ୱ କରିବା ପାଇଁ ଭାରତୀୟ ଖେଳାଳିଙ୍କ ପାଇଁ ଆବଶ୍ୟକ ମାର୍ଗ ସ୍ଥାପନ କରିବାରେ ସହଯୋଗ କରିବ ।




ଏସମ୍ପର୍କରେ ନଡ୍‌ୱିନ ଗେମିଂର ଇସ୍ପୋର୍ଟ୍ସ: ପାର୍ଟନରସିପ୍ ଆଣ୍ଡ ସ୍ପେଶାଲ ପ୍ରୋଜେକଫସ ବିଭାଗର ଗ୍ଲୋବାଲ ହେଡ୍ ନିମିଶ ରାଉତ କହିଛନ୍ତି, "ନ୍ୟାସନାଲ ଟିମ ପାର୍ଟନର ଭାବେ, ତୃଣମୂଳ ସ୍ତରରୁ ଡାଞ୍ଚା ପ୍ରସ୍ତୁତ କରିବା, ବିଭିନ୍ନ ପ୍ରତିଯୋଗିତାରେ ପ୍ରତିଭାମାନଙ୍କୁ ଚିହ୍ନଟ ଓ ବିକଶିତ କରିବା ଏବଂ ଭାରତୀୟ ଖେଳାଳିଙ୍କୁ ଉଚ୍ଚ ସ୍ତରରେ ପ୍ରତିଯୋଗିତା କରିବା ପାଇଁ ସକ୍ଷମ କରୁଥିବା ଏକ ଉଚ୍ଚ ପ୍ରଦର୍ଶନକ୍ଷମ ପରିବେଶ ସୃଷ୍ଟି କରିବା ଉପରେ ଆମର ଧ୍ୟାନ କେନ୍ଦ୍ରିତ ରହିବ ।ଆମେ ଭାରତୀୟ ଇସ୍ପୋର୍ଟ୍ସ ପାଇଁ ଅଭିବୃଦ୍ଧିର ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ମୋଚନ କରିବା ଏବଂ ଭବିଷ୍ୟତ ପାଇଁ ଏକ ସ୍ଥାୟୀ ମୂଳଦୁଆ ସ୍ଥାପନ କରିବା ଲାଗି ଇଏଫ ସହ ମିଶି କାର୍ଯ୍ୟ କରିବା ପାଇଁ ଉତ୍ସାହିତ ଅଛୁ । ସେହିପରି ଦ ଇସ୍ପୋର୍ଟସ ଫାଉଣ୍ଡେଶନର ସ୍ପେଶାଲ ପ୍ରୋଜେକଫ ବିଭାଗର ନିର୍ଦ୍ଦେଶକ ହନ୍ସ ଜଗ୍‌ନୋ କହିଛନ୍ତି, "ଭାରତ ହେଉଛି ଉତ୍ସାହୀ ଇସ୍ପୋର୍ଟ୍ସ ପ୍ରଶଂସକରେ ପରିପୂର୍ଣ୍ଣ ଏକ ଦେଶ, ଯାହା ବିଶ୍ୱ ସ୍ତରରେ ଇସ୍ପୋର୍ଟ୍ସସ ପାୱାରହାଉସ ହେବା ପାଇଁ ପ୍ରସ୍ତୁତ ହେଉଛି । ନଡ୍‌ୱିନ ଗେମିଂ ଭାରତୀୟ ସମୁଦାୟର ଜଣେ ପ୍ରମୁଖ ସ୍ଥପତି ରହିଆସିଛନ୍ତି ଏବଂ ଆମେ ଭାରତ ପାଇଁ ଇଏନସି ନ୍ୟାଶନାଲ ଟିମକୁ ଏକତ୍ରିତ କରିବା ଏବଂ ରିୟାଦରେ ଏକ ସ୍ଥାନ ହାସଲ କରିବା ଲାଗି ପ୍ରତିଯୋଗିତା କରୁଥିବା ଖେଳାଳିଙ୍କ ପାଇଁ ଜାତୀୟ ଗର୍ବ ସୃଷ୍ଟି କରିବା ପାଇଁ ତାଙ୍କଠାରୁ ଭଲ ଆଉ କାହାକୁ ବିଚାର କରିପାରିଲୁ ନାହିଁ ।

ଇସ୍ପୋର୍ଟସ ନ୍ୟାଶନ୍ସ କପ୍‌ରେ ଚେସ, ପବ୍‌ଜି ମୋବାଇଲ, ରକେଟ ଲିଗ୍, ଡୋଟା ୨, ଭାଲୋରାଂଟ, କାଉଂଟର-ଷ୍ଟ୍ରାଇକ ୨, ପବ୍‌ଜି: ବ୍ୟାଟେଲ ଗ୍ରାଉଣ୍ଡସ, ଫାଟାଲ ଫ୍ୟୁରୀ, ଲିଗ ଅଫ୍ ଲିଜେଣ୍ଡସ, ଟ୍ରାକ୍‌ମାନିଆ, ଟମ କ୍ଲାନ୍ସିସ ରେନବୋ ସିକ୍ସ ସିଜ୍, ଇଏ ସ୍ପୋର୍ଟ୍ସ ଏଫସି ୨୬, ମୋବାଇଲ ଲିଜେଣ୍ଡସ: ବ୍ୟାଙ୍ଗ ବ୍ୟାଙ୍ଗ, ଅନର ଅଫ୍ କିଙ୍ଗସ ଓ ଆପେକ୍ସ ଲିଜେଣ୍ଡସ ଆଦି ସାମିଲ ରହିବ । ଏହି ପ୍ରତିଯୋଗିତାରେ ୧୬ଟି ଟାଇଟଲରେ ଖେଳାଳି ଓ କୋଚ୍‌ଙ୍କ ପାଇଁ ପ୍ରାୟ ୧୮୪ କୋଟି ଟଙ୍କାର ପୁରସ୍କାର ରାଶି , ପ୍ରାୟ ୪୬ କୋଟି ଟଙ୍କାର କ୍ଲବ୍ ଇନ୍‌ସେଂଟିଭ ରହିଛି । ଇଏନସି ୨୦୨୬ ମୋଟ ୪୧୪ କୋଟି ଟଙ୍କାର ନିବେଶ ଦ୍ୱାରା ସମର୍ଥିତ ଅଟେ ।

# ତାଏକୋଣ୍ଡୋ କ୍ରୀଡ଼ାବିତ ସମ୍ମାନିତ

ସାକ୍ଷୀଗୋପାଳ,୨୬।୩(ସବ୍ୟୁ): ସତ୍ୟବାଦୀ ବ୍ଲକ ଟାଇକୋଣ୍ଡୋର ୨୨ ଜଣ କ୍ରୀଡ଼ାବିତ ଓଡିଶା ଷ୍ଟେଟ କ୍ୟୋରୁଗି ଓ ପୁମସେ ଟାଇକୋଣ୍ଡୋ ଚାମ୍ପିଅନସିପ-୨୦୨୫-୨୬ କଟକର ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ ଠାରେରେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଥିଲେ । ବିଭିନ୍ନ ବର୍ଗରେ ଅଂଶ ଗ୍ରହଣ କରି ପ୍ରତିଯୋଗୀ ମାନେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ଅଧିଗତ କରି ଜିଲ୍ଲାର ଗୌରବ ବୃଦ୍ଧି କରିଛନ୍ତି ।ଏହି ସଫଳତା ପାଇଁ ସମସ୍ତ ଖେଳାଳିଙ୍କୁ ଆଜି ସର୍ଟିଫିକେଟ ଓ ପଦକ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଓଡିଶା ଟାଇକୋଣ୍ଡୋ ସଂଘର ଅଧ୍ୟକ୍ଷ ବ୍ୟୋମକେଶ ଅଭିଳାଷ ପ୍ରସାଦ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ ।ଏହି ଅବସରରେ ଏକାଡେମୀ କୋଚ ଦୀପକ ପ୍ରଧାନ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହ ଓ ପ୍ରେରଣା ପ୍ରଦାନ କରିଥିଲେ ।

# ହେବନି ଉଦ୍‌ଘାଟନୀରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

ମୁମ୍ବାଇ,୨୬।୩(ଏଜେନ୍ସି): ଆଇପିଏଲ ପୂର୍ବରୁ ବିସିସିଆଇ ବଡ଼ ନିଷ୍ପତ୍ତି ନେଇଛି। ଏଥର ଉଦ୍‌ଘାଟନୀ ଉତ୍ସବକୁ ବାତିଲ କରାଯାଇଛି। ଏଥର ଉଦ୍‌ଘାଟନୀ ଉତ୍ସବରେ ତାରକାଙ୍କ ଜଲୱା କିମ୍ବା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦେଖିବାକୁ ମିଳିବ ନାହିଁ। କାରଣ ଗତବର୍ଷ ବେଙ୍ଗାଲୁରୁରେ ଆରସିବିର ବିଜୟ ଉତ୍ସବ ପାଳନ ବେଳେ ଦଳା ଚକଟା ଯୋଗୁଁ ଜୀବନ ଯାଇଥିଲା। ଏହାପରେ ବିସିସିଆଇ କଠୋର ହୋଇଛି। ସେହି ଉତ୍ସବରେ ପ୍ରାଣ ହରାଇଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇବା ପାଇଁ ବିସିସିଆଇ ସେଲିବ୍ରେସନ ନିଷ୍ପତ୍ତିକୁ ସ୍ଥଗିତ ରଖିଛି। ଦଳାଚକଟାରେ ୧୧ ଜଣଙ୍କ ଜୀବନ ଯାଇଥିଲା।ଆଗାମୀ ୨୮ରୁ ଆଇପିଏଲ୍ ବିଗୁଲ ବାଜିବ। ଉଦ୍‌ଘାଟନୀ ମ୍ୟାଚରେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ସନରାଇଜର୍ସ ହାଇଦ୍ରାବାଦ ମୁହାଁମୁହିଁ ହେବ।ଏହି ମ୍ୟାଚ ବେଙ୍ଗାଲୁରୁର ଏମ ଚିନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ।ତେବେ ଆଇପିଏଲର ଉଦ୍‌ଯାପନୀ ଉତ୍ସବ ମେ ୩୧ ତାରିଖରେ ହୋଇପାରିବ।ମେ ୩୧ରେ ଆଇପିଏଲ ଫାଇନାଲ



ଖେଳାଯିବ। ଯାହାକି ଶେଷ ମୁହୂର୍ତ୍ତରେ ବିସିସିଆଇ ନିଷ୍ପତ୍ତି ନେବ। ଗତ ସିଜନରେ କୋଲକାତାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ଏଥିରେ ଶାହାରୁଖ ଖାନ୍, ଶ୍ରେୟା ଘୋଷାଲ, ଦିଶା ପଠାନୀ ଓ କରନଙ୍କ ଭଳି କଳାକାର ପ୍ରଦର୍ଶନ କରିଥିଲେ। ଏହା ପ୍ରଥମଥର ନୁହେଁ ବହୁବାର ଆଇପିଏଲର ଉଦ୍‌ଘାଟନୀ ଉତ୍ସବକୁ ସ୍ଥଗିତ ରଖାଯାଇଛି। ପୂର୍ବରୁ ପୁଲୱାମା ଆକ୍ରମଣରେ ସହିଦ ହୋଇଥିବା ୪୦ ଜଣ ଯବାନଙ୍କ ସ୍ମୃତିରେ ୨୦୧୯ ସଂସ୍କରଣର ଉଦ୍‌ଘାଟନୀ ଉତ୍ସବକୁ ସ୍ଥଗିତ ରଖାଯାଇଥିଲା।

# ଜାତୀୟ ଆଥଲେଟିକ୍ ଚାମ୍ପିଅନସିପ, ଟ୍ରାଇବାଲ କ୍ରୀଡାରେ କିଟ୍-କିସ୍ ଛାତ୍ରଛାତ୍ରୀଙ୍କ ସଫଳତା

ଭୁବନେଶ୍ୱର,୨୬।୩(ସବ୍ୟୁ): କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଦୁଇ ଦିନିଆ ପ୍ରଥମ ଜାତୀୟ ଆଥଲେଟିକ୍ ଚାମ୍ପିଅନସିପରେ ସାରାଦେଶରୁ ସିନିୟର ଓ ଜୁନିୟର ବର୍ଗରେ ୩୫୦ରୁ ଊର୍ଦ୍ଧ୍ୱ ଆଥଲେଟ୍ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶା ୧୪ଟି ପଦକ ପାଇଥିଲା। ତନ୍ମଧ୍ୟରୁ ୮ଟି ପଦକ କିଟ୍ ବିଶ୍ୱବିଦ୍ୟାଳୟ କ୍ରୀଡାବିତ ଜିତିଛନ୍ତି। ପ୍ରବୀଣ ଚିତ୍ରା ଭେଲ୍ ଲଙ୍ଗଜମ୍ପରେ ରୌପ୍ୟ, ଡେଭିଡ ପି ବ୍ରୋଞ୍ଜ ପଦକ, ୬୦ ମିଟର ଦୌଡ଼ରେ ଲାଲୁ ପ୍ରସାଦ ଭୋଇ ରୌପ୍ୟ, ୨୦ ବର୍ଷରୁ କମ୍ ବର୍ଗର ୪୦୦ ମିଟରରେ ବାପି ହାଂସଦା ରୌପ୍ୟ, ୬୦ ମିଟର ଦୌଡ଼ରେ ଅଭୟ ସିଂ ବ୍ରୋଞ୍ଜ ମହିଳା ବର୍ଗର ପୋଲଭଲ୍ଟରେ ବେସି କୁଞ୍ଜୁମନ ରୌପ୍ୟ, ୮୦୦ ମିଟରରେ ଲକ୍ଷ୍ମୌପ୍ରିୟା କିଷାନ ରୌପ୍ୟ ଏବଂ ୬୦ ମିଟର ହଡଲ୍ସରେ ସବିତା ଟୋପୋ ରୌପ୍ୟ ପଦକ ଜିତିଛନ୍ତି। ଖେଲୋ ଇଣ୍ଡିଆ ଟ୍ରାଇବାଲ କ୍ରୀଡାରେ ମଧ୍ୟ କିଟ୍, କିସର ପ୍ରଦର୍ଶନ ଉଚ୍ଚକୋଟୀର ରହିଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ମୋଟ୍ ୧୨୫ କ୍ରୀଡାବିତ ଅଂଶଗ୍ରହଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ୪୮ ଜଣ କିଟ୍ ଓ କିସର । ସମସ୍ତ କ୍ରୀଡାବିତ ଆର୍ଚେରୀ, ସୁଇମିଂ, ଆଥଲେଟିକ୍ସ, ୱେଟଲିଫ୍ଟିଂ ଅଂଶଗ୍ରହଣ କରିବେ।ଅଞ୍ଜଳି ମୁଣ୍ଡା ୨୦୦ ମିଟର ଫ୍ରି-ଷ୍ଟାଇଲରେ ସ୍ୱର୍ଣ୍ଣ, ୧୦୦ ମିଟର ବ୍ୟାକଷ୍ଟ୍ରୋକରେ ସ୍ୱର୍ଣ୍ଣ, ୨୦୦ ମିଟର ମିଡଲରେ ସ୍ୱର୍ଣ୍ଣ ଜିତିଛନ୍ତି। ସିରିଆ ପଡିଆ ନେଇ ୨୦୦ ମିଟର ଫ୍ରି-ଷ୍ଟାଇଲରେ ବ୍ରୋଞ୍ଜ, ଅଞ୍ଜଳୀ ମଲ୍ଲିକ ୨୦୦ ମିଟର ମିଡଲେରେ ବ୍ରୋଞ୍ଜ, ୪ ଗୁଣା ୧୦୦ ମିଟର ଫ୍ରି-ଷ୍ଟାଇଲ ରିଲେରେ ସ୍ୱର୍ଣ୍ଣ ପଦକ ମିଳିଛି। ପୁରୁଷ ବର୍ଗରେ ରାଜେଶ ସୋରେନ ବ୍ରୋଞ୍ଜ ଏବଂ ଫ୍ରି-ଷ୍ଟାଇଲ ରିଲେ ଦଳକୁ ବ୍ରୋଞ୍ଜ ପଦକ ସଫଳତା ମିଳିଛି।




ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।

# ସଟ ବାଉଣ୍ଡରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଲଭର୍ସ ଇଲେଭେନ ଚାମ୍ପିଅନ

କାକଟପୁର,୨୬।୩(ସବ୍ୟୁ): କାକଟପୁର ବ୍ଲକ ଜଳେଶରପଡା ଗ୍ରାମ ପଞ୍ଚାୟତ କଜଳପାତିଆ ଲଭର୍ସ ଇଲେଭେନ କ୍ଲବ ପକ୍ଷରୁ ଆୟୋଜିତ ଦ୍ୱିତୀୟ ବାର୍ଷିକ ସଟ ବାଉଣ୍ଡରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଦିବସରେ ରାଜା ଇଲେଭେନ କ୍ରିକେଟ କ୍ଲବ ଛୋଟରାୟପୁର କୁ ହରାଇ କଜଳପାତିଆ ଲଭର୍ସ ଇଲେଭେନ କ୍ରିକେଟ କ୍ଲବ ଚାମ୍ପିଅନ ଟ୍ରଫି ହାସଲ କରିଛି । ପ୍ରଥମେ ଟସ ଜିତି ରାଜା ଇଲେଭେନ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ (୮) ଓଭର ରେ (୩) ୱିକେଟ ହରାଇ (୭୫) ରନ ସଂଗ୍ରହ କରିଥିଲା । (୭୬) ରନର ବିଜୟ ଲକ୍ଷ ନେଇ ଲଭର୍ସ ଇଲେଭେନ (୫) ଓଭର ରେ (୧) ୱିକେଟ ହରାଇ (୭୬) ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ଦଳ ପକ୍ଷରୁ ଚିନ୍ମୟ ପାତ୍ର (୧୬) ବଲରେ (୪୨) ରନ ସଂଗ୍ରହ କରି ମ୍ୟାନ ଅଫ ଦ ମ୍ୟାଚ ଓ ସିରିଜ ବିବେଚିତ ହୋଇଥିଲେ । ଆୟୋଜିତ ଫାଇନାଲ ଦିବସରେ ମୁଖ୍ୟ ଅତିଥି ଭାବେ ଜଳେଶ୍ୱରପଡା ଗ୍ରାମ ପଞ୍ଚାୟତ ର ଯୁବ ନେତା ତଥା ସମାଜସେବୀ ବିଷ୍ଣୁ ଚରଣ ବେହେରା, ସମ୍ମାନୀତ ଅତିଥି ଭାବେ ସୁମନ୍ତ ବେହେରା ଯୋଗଦେଇ ଚାମ୍ପିଅନ ଦଳକୁ ଟ୍ରଫି ଓ ରନର୍ସ ଦଳକୁ ରନର୍ସ କପ ପ୍ରଦାନ କରିଥିଲେ। ମଣ୍ଟୁ ବେହେରା ଓ ପାର୍ଥ ବେହେରା ଖେଳ ପରିଚାଳନା କରିଥିବା ବେଳେ କ୍ଲବ ପକ୍ଷରୁ ବିଶ୍ୱଜିତ, ସୁମନ, ପ୍ରଶାନ୍ତ, ରଞ୍ଜନ ଓ ଅନ୍ୟ ସଭ୍ୟ ମାନେ ସହଯୋଗ କରିଥିଲେ।

# ଜାତୀୟ ବରିଷ୍ଠ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତା

## ଓଡ଼ିଶା ଦଳର ବରେଲୀ ଯାତ୍ରା



ଭୁବନେଶ୍ୱର,୨୬।୩(ସବ୍ୟୁ): ହ୍ୟାଣ୍ଡବଲ ଆସୋସିଏସନ ଇଣ୍ଡିଆ ଆନୁକୂଲ୍ୟରେ ୫୪ତମ ଜାତୀୟ ବରିଷ୍ଠ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତା ଚଳିତ ମାସ ୩୦- ଏପ୍ରିଲ ୩ ତାରିଖ ପ୍ରଯ୍ୟନ୍ତ ଉତ୍ତରପ୍ରଦେଶ ବରେଲି ସହରରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଜାତୀୟ ପ୍ରତିଯୋଗିତାରେ ଓଡିଶା ଦଳ ଭାଗ ନେବାକୁ ଓଡିଶାର ଅଠର ଜଣିଆ ଦଳ ବାରେଲି ଯାତ୍ରା କରିଛି । ଦଳର ଖେଳାଳିମାନେ ହେଲେ ଅଧିନାୟକ ଜି ଜ୍ୟୋତି ପାତ୍ର, ଅଙ୍କିତା ବାରିକ,ସନ୍ଧ୍ୟାରାଣୀ ଦାସ.,କସ୍ତୁରୀ ପ୍ରଧାନ, ସୋନମ ପ୍ରତିହାରୀ,ସ୍ୱପ୍ନେଶ୍ୱରୀ ଦାସ ,ବର୍ଷା ସେଠି , ସଞ୍ଜନା ସ୍ୱାଇଁ ଅଙ୍କିତା ପଟ୍ଟନାୟକ, ପୂଜା ସ୍ୱାଇଁ, ଆଦ୍ୟାଶ ଦାସ, ସୁନିତା ମହନ୍ତ, ରାଜଲକ୍ଷ୍ମୀ ନାୟକ ,ଅଙ୍କିତା ସାହୁ, ବିଜୟଲକ୍ଷ୍ମୀ ପ୍ରଧାନ, ସମୀକ୍ଷା ମଣ୍ଡଳ, ରଣିକାର୍ଣ୍ଣ ରାଉତ, ମାନସୀ ପ୍ରଧାନ, କୋଚ ବିଶ୍ୱ ରଞ୍ଜନ ପାତ୍ର, ପ୍ରବନ୍ଧକ ଗୀତାଞ୍ଜଳି ଦାସ ଓ ବର୍ଷା ପ୍ରିୟଦର୍ଶିନୀ ବାରିକ ଦଳସହ ଯାତ୍ରା କରିଛନ୍ତି । ଓଡିଶା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ ମାନସ କୁମାର ସିଂ କୋଷଦକ୍ଷ ଶୀତେନ୍ଦ୍ରନାଥ ଦାସ ବରିଷ୍ଠ ସେବାୟତ ଗୋପାଳ ଚନ୍ଦ୍ର ଖୁଣ୍ଟିଆ ଓ ଅନ୍ତରଜାତୀୟ କୋଚ ଗୌରୀ ଶଙ୍କର ମିଶ୍ର ଦଳକୁ ଶୁଭେଚ୍ଛା ଓ ଶୁଭ କାମନା ଜଣାଇଛନ୍ତି।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି